୬ ଚାଇନା ମାଷ୍ଟର୍ସରେ ଟାଇଟଲ୍ ଜିତି ଇତିହାସ ରଚିଲେ ସାତ୍ୱିକ-ଚିରାଗ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ-୩୩ ● ସଂଖ୍ୟା-୨୧୮ ● ୭ ସେପ୍ଟେମ୍ବର ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-218 ● 7th September 2026, Monday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

# ୨୦୨୯ ସୁଦ୍ଧା ଭାରତ ହେବ ନିଶାମୁକ୍ତ

**ନୂଆଦିଲ୍ଲୀ, ୬।୯**

୨୦୨୯ ସୁଦ୍ଧା ଭାରତ ହେବ ନିଶା ମୁକ୍ତ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର କହିଛନ୍ତି ଯେ, ନରେନ୍ଦ୍ର ମୋଦୀ ସରକାର ୨୦୨୯ ସୁଦ୍ଧା ଭାରତକୁ ନିଶାମୁକ୍ତ କରିବା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି, ନିଶାଦ୍ରବ୍ୟ ବିରୋଧରେ ଲଢ଼େଇକୁ ଜାତୀୟ ସୁରକ୍ଷା ପ୍ରାଥମିକତା ବୋଲି କହିଛନ୍ତି। ଗଣମାଧ୍ୟମକୁ ସମ୍ବୋଧିତ କରି ଶାହ କହିଥିଲେ ଯେ, ନିଶା ନିବାରଣ ବିରୋଧରେ ଲଢ଼େଇ ଏବେ ସମନ୍ୱିତ ଜାତୀୟ ଅଭିଯାନରେ ପରିଣତ ହୋଇଛି।

ଶାହ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉଦ୍ଦେଶ୍ୟ, ୨୦୪୭ ସୁଦ୍ଧା 'ନିଶାମୁକ୍ତ ଯୁବ ଶକ୍ତି' ଭାରତକୁ 'ବିକଶିତ ଭାରତ' ଆଡକୁ ନେଇଯିବ। ସେ କହିଥିଲେ ଯେ, ସରକାର ନକ୍ସଲବାଦ ଓ ଆତଙ୍କବାଦ ବିରୋଧରେ ବ୍ୟବହାର କରିଥିବା ସମାନ ପଦ୍ଧତିରେ ନିଶା ନିବାରଣ ପାଇଁ ପ୍ରତିବଦ୍ଧ।



୨୦୧୪ ପୂର୍ବରୁ ନିଶାଦ୍ରବ୍ୟ ବିରୋଧରେ ଲଢ଼େଇ ମୁଖ୍ୟତଃ ଛୋଟ ୟୁନିଟ୍ ଏବଂ ପୃଥକ୍ ଭାବେ ପରିଚାଳିତ ହେଉଥିଲା ବୋଲି ଶାହ କହିଛନ୍ତି, ଏଜେନ୍ସିଗୁଡ଼ିକ ପ୍ରାୟତଃ ଛୋଟ ଅଭିଯୁକ୍ତମାନଙ୍କୁ ଧରିବା ଉପରେ ଧ୍ୟାନ ଦେଉଥିଲେ। ସେ କହିଛନ୍ତି ଯେ, ସରକାର ଏବେ ନିଶାଦ୍ରବ୍ୟ ବିରୋଧୀ ଲଢ଼େଇକୁ ଜାତୀୟ ସୁରକ୍ଷା ଦୃଷ୍ଟିରୁ ପ୍ରାଥମିକତା ଦେଉଛନ୍ତି।

ଶାହ କହିଛନ୍ତି, ସରକାର ଏନସିଓଆରଡି, ରାଜ୍ୟ ନିଶା ନିବାରଣ ଟାସ୍କ ଫୋର୍ସ ଓ ଏଜେନ୍ସିଗୁଡ଼ିକ ମଧ୍ୟରେ ମିଳିତ ସମନ୍ୱୟ ସହିତ 'ମାନସ୍' ହେଲ୍ପଲାଇନ୍ ପୁନଃଗଠିତ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ମାଧ୍ୟମରେ ଏହାର ନିଶା ନିବାରଣ ଅଭିଯାନକୁ ସୁଦୃଢ଼ କରିଛନ୍ତି। ସେ କହିଛନ୍ତି, ୩୭୦ ଧାରା ହଟିବା ପରେ ଜମ୍ମୁ-କଶ୍ମୀରରେ ଆତଙ୍କବାଦ ହ୍ରାସ ପାଇଛି। ବିଚ୍ଛିନ୍ନତାବାଦୀ ଭାବନା ମଧ୍ୟ ହ୍ରାସ ପାଇଛି।

# ସରକାରୀ କାର୍ଯ୍ୟାଳୟର ସାଇନବୋର୍ଡରେ ସଂଶୋଧିତ ବନାନ ୭ଦିନ ଭିତରେ ସାରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୬।୯**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ କ୍ୟାବିନେଟର ନିଷ୍ପତ୍ତି ଅନୁଯାୟୀ ଓଡ଼ିଆ ଉଚ୍ଚାରଣ ସହ ସମନ୍ୱୟ ରଖି ସଂଶୋଧିତ ହୋଇଥିବା ବିଭିନ୍ନ ସ୍ଥାନ ନାମର ଇଂରାଜୀ ବନାନକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନରେ ସମାନ ଭାବେ ବ୍ୟବହାର ସୁନିଶ୍ଚିତ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏ ସମ୍ପର୍କରେ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖି ନିଜ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନର ନାମଫଳକ ତଥା ସାଇନବୋର୍ଡଗୁଡ଼ିକରେ ସଂଶୋଧିତ ବନାନର ବ୍ୟାପକ ବ୍ୟବହାର ସୁନିଶ୍ଚିତ



କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଥାଉ କି, ଗତ ୨୨ ଜୁନ୍, ୨୦୨୬ରେ ଓଡ଼ିଶା ସରକାରଙ୍କ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ସଂଶୋଧିତ ବନାନକୁ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନଗୁଡ଼ିକର ସାଇନବୋର୍ଡରେ ଏକ ମାସ ମଧ୍ୟରେ ଲାଗୁ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ସେହିପରି ବେସରକାରୀ ଓ ଅଣ-ସରକାରୀ ପ୍ରତିଷ୍ଠାନଗୁଡ଼ିକ ପାଇଁ ଛଅ ମାସର ସମୟସୀମା ରଖାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତି ଅନେକ ଜିଲ୍ଲାରେ ସଫଳତାର ସହ କାର୍ଯ୍ୟକାରୀ ହୋଇଛି।

ତେବେ କେତେକ ସରକାରୀ କାର୍ଯ୍ୟାଳୟର ସାଇନବୋର୍ଡରେ ଏପର୍ଯ୍ୟନ୍ତ ପୁରୁଣା ଇଂରାଜୀ ବନାନ ବ୍ୟବହୃତ ହେଉଥିବା ରାଜ୍ୟସରକାରଙ୍କ ଦୃଷ୍ଟିଗୋଚର ହୋଇଛି। ଏଥିମଧ୍ୟରେ ଜୟପୁର ଏବଂ ସୋର ଭଳି ପୁରୁଣା ବନାନ ମଧ୍ୟ ରହିଛି। ଏଗୁଡ଼ିକର ସ୍ଥାନରେ ସରକାରଙ୍କ ଦ୍ୱାରା ଅନୁମୋଦିତ Jayapur ଏବଂ Sora ବନାନ ବ୍ୟବହାର ସୁନିଶ୍ଚିତ କରିବାକୁ କୁହାଯାଇଛି।

ରାଜ୍ୟ କ୍ୟାବିନେଟର ନିଷ୍ପତ୍ତି ଅନୁଯାୟୀ ସରକାରୀ ସ୍ଥାନ ନାମରେ ସଂଗତି ବଜାୟ ରଖିବା ଅତ୍ୟାବଶ୍ୟକ। (ପୃଷ୍ଠା ୭ରେ)

# ଦିଲ୍ଲୀରେ ଭୁଶୁଡ଼ିଲା ୫ ମହଲା କୋଠା

**ନୂଆଦିଲ୍ଲୀ, ୬।୯**

ଦିଲ୍ଲୀର ସତ୍ୟ ନିକେତନ ଅଞ୍ଚଳରେ ଏକ ୫ ମହଲା କୋଠା ଭୁଶୁଡ଼ି ପଡ଼ିବା ଘଟଣାରେ ଉଦ୍ଧାର କାର୍ଯ୍ୟ ଜୋରଦାର ଭାବେ ଜାରି ରହିଛି। ଘଟଣାସ୍ଥଳରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ସୂଚନା ଅନୁସାରେ, ପ୍ରାୟ ୪୦ରୁ ୫୦ ବର୍ଷ ପୁରୁଣା ଏହି କୋଠାର ବେସମେଣ୍ଟରେ ମରାମତି କାମ ଚାଲିଥିଲା। ଏହି ସମୟରେ ହଠାତ୍ କୋଠାଟି ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି। କୋଠାରେ ବିଶେଷକରି ପାଠପଢ଼ା କରୁଥିବା ଛାତ୍ରଛାତ୍ରୀମାନେ ପିଜି ଭାବେ ରହୁଥିଲେ। ଭୁଶୁଡ଼ି ପଡ଼ିଥିବା କୋଠାର ଭଗ୍ନାବଶେଷ ତଳୁ ଏଯାବତ୍ ୬ ଜଣଙ୍କୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ତେବେ ଆହୁରି ଅନେକ ଲୋକ ଭଗ୍ନାବଶେଷ ତଳେ ଫସିଥିବା ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଉଦ୍ଧାରକାରୀ ଦଳ ପକ୍ଷରୁ ବ୍ୟାପକ ସର୍ଚ୍ଚ ଓ ରେସ୍କ୍ୟୁ ଅପରେସନ୍ ଜାରି ରହିଛି। ଭଗ୍ନାବଶେଷ ହଟାଇ ଫସିଥିବା ଲୋକଙ୍କୁ ଖୋଜିବା ସହ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ଉଦ୍ୟମ ଚାଲିଛି। ଘଟଣାସ୍ଥଳରେ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଛନ୍ତି।

# ଦିଲ୍ଲୀ ମେଟ୍ରୋରେ ସାଧାରଣ ଯାତ୍ରୀଙ୍କ ମଧ୍ୟରେ ପହଞ୍ଚିଲେ ମୋଦୀ

**ନୂଆଦିଲ୍ଲୀ, ୬।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଲୋକ କଲ୍ୟାଣ ମାର୍ଗରୁ ମେଟ୍ରୋରେ ଯାତ୍ରା କରିବା ସମୟରେ ସହଯାତ୍ରୀ, ସ୍କୁଲ ଛାତ୍ରଛାତ୍ରୀ ଏବଂ ଯୁବପିଢ଼ିଙ୍କ ସହ ଆଲୋଚନା କରିଛନ୍ତି।

ପ୍ରଧାନମନ୍ତ୍ରୀ ଏକ୍ସରେ ସେୟାର କରିଥିବା ଭିଡିଓରେ ଅନୌପଚାରିକ ଆଲୋଚନାରେ ଶିକ୍ଷକ ଦିବସ ଓ ଦେଶର ପ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ଛାତ୍ରଛାତ୍ରୀମାନଙ୍କୁ ପୁସ୍ତକ ସହ ଯୋଡ଼ି ହେବା ଏବଂ ଜୀବନୀ ପଢ଼ିବାକୁ ବିଶେଷ ପରାମର୍ଶ ଦେଇଥିଲେ। ଏଥିସହ ତାଙ୍କ ସଂସଦୀୟ କ୍ଷେତ୍ର କାଶୀ (ବାରାଣସୀ)ରେ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ ଯାତ୍ରୀମାନଙ୍କଠାରୁ ସିଧାସଳଖ ମତାମତ ମଧ୍ୟ ନେଇଥିଲେ।

ଯାତ୍ରା ସମୟରେ ଶିଶୁ ଓ ଯୁବପିଢ଼ିଙ୍କ ସହ ଆଲୋଚନା କରି ପ୍ରଧାନମନ୍ତ୍ରୀ ପଚାରିଥିଲେ ଯେ, ସେମାନେ ଦେଶର ପ୍ରଗତି ସମ୍ପର୍କରେ ଆଲୋଚନା କରନ୍ତି କି ଏବଂ ସାଧାରଣ ପାଠ୍ୟପୁସ୍ତକ ବ୍ୟତୀତ ଅନ୍ୟ କିଛି ପଢ଼ନ୍ତି କି। ଜଣେ ଛାତ୍ର କେବଳ ଉପନ୍ୟାସ ପଢ଼ୁଥିବା କହିବା ପରେ



ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କୁ ଜୀବନୀ ପଢ଼ିବାକୁ ପରାମର୍ଶ ଦେଇଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ, "ଚେଷ୍ଟା କରିବା ଉଚିତ ଯେ ଆତ୍ମଜୀବନୀ କିମ୍ବା ଜୀବନୀ ପଢ଼ନ୍ତୁ। ଆପଣ କୌଣସି କ୍ରୀଡ଼ାବିତ୍, କୌଣସି ସିନେ କଳାକାର କିମ୍ବା କୌଣସି ବୈଜ୍ଞାନିକଙ୍କ ଜୀବନୀ ପଢ଼ିପାରନ୍ତି... ଯେକୌଣସି ବ୍ୟକ୍ତିଙ୍କର ଜୀବନୀ ପଢ଼ନ୍ତୁ।" ଏହା ସହ ସେଠାରେ ଉପସ୍ଥିତ ଜଣେ ଛାତ୍ରଙ୍କଠାରୁ ପାଠ୍ୟକ୍ରମ ବାହାରର ଏଭଳି ପ୍ରେରଣାଦାୟକ ପୁସ୍ତକ ପଢ଼ିବା ପାଇଁ ସଂକଳ୍ପ ମଧ୍ୟ ନେଇଥିଲେ।

ଏହି ସମୟରେ ଜଣେ ଛାତ୍ର ପ୍ରଧାନମନ୍ତ୍ରୀଙ୍କ ସମ୍ମାନରେ 'ଗୁରୁର୍ ବ୍ରହ୍ମା ଗୁରୁର୍ ବିଷ୍ଣୁଃ...' ଶ୍ଲୋକ ପାଠ କରିଥିଲେ। ଏହା ଶୁଣି ପ୍ରଧାନମନ୍ତ୍ରୀ ହସିବା ସହ ଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

ବିଏଚ୍‌ୟୁରୁ ସ୍ନାତକ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଆଇନ ଶିକ୍ଷା ଗ୍ରହଣ କରିଥିବା କାଶୀର ଜଣେ ମହିଳା ଯାତ୍ରୀଙ୍କ ସହ ମଧ୍ୟ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ। ସେ ତାଙ୍କ ସଂସଦୀୟ କ୍ଷେତ୍ରରେ ହୋଇଥିବା ଅଭୂତପୂର୍ବ ପରିବର୍ତ୍ତନ ଏବଂ ଏହାର ବାସ୍ତବ ଚିତ୍ର ସମ୍ପର୍କରେ ତାଙ୍କଠାରୁ ସୂଚନା ନେଇଥିଲେ।

# ଅମିତ ଶାହଙ୍କୁ ଭେଟିଲେ ରାଜ୍ୟପାଳ : ଓଡିଶାର ବିକାଶ ନେଇ କଲେ ଆଲୋଚନା

**ନୂଆଦିଲ୍ଲୀ, ୬।୯**

ଓଡ଼ିଶା ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ନୂଆଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଛନ୍ତି। ରାଜ୍ୟପାଳ କେନ୍ଦ୍ର ଗୃହମନ୍ତ୍ରୀଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ଓଡ଼ିଶାର ବିକାଶ ଏବଂ ଏହାର ଲୋକଙ୍କ କଲ୍ୟାଣ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ମତ ବିନିମୟ କରିଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ସି.ପି. (ପୃଷ୍ଠା ୭ରେ)



# ବିଷାକ୍ତ ମଦ ପିଇ ୧୧ ମୃତ : ମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା

**ଭୋପାଳ, ୬।୯**

ରାତିରେ ମଦ ପିଇଥିଲେ, ହେଲେ ସକାଳ ହେଉ ହେଉ ବଦଳିଗଲା ପରିସ୍ଥିତି। ଜଣଙ୍କ ପରେ ଜଣେ ଅସୁସ୍ଥ ହେବା ସହ ବିଗିଡ଼ିବାକୁ ଲାଗିଲା ସ୍ୱାସ୍ଥ୍ୟାବସ୍ଥା। ମଧ୍ୟପ୍ରଦେଶ ସାଗରରୁ ଆସିଛି ଏଭଳି ଚିନ୍ତାଜନକ ଖବର। ବିଷାକ୍ତ ମଦ ପିଇ ୧୧ ଜଣଙ୍କ ମୃତ୍ୟୁ ହୋଇଛି। ଆଉ ପ୍ରାୟ ୩୦ ଜଣ ଗୁରୁତର ଅସୁସ୍ଥ ହୋଇ ଏବେ ହସ୍ପିଟାଲରେ ଚିକିତ୍ସାଧୀନ। ମଦ ପିଇବା ପରେ ଅନେକଙ୍କର ବାନ୍ତି ହେବା ସହ ହଠାତ୍ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଥିଲା।

ଅସୁସ୍ଥଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ୧୧ ଜଣଙ୍କୁ ବଞ୍ଚାଇବା ସମ୍ଭବ ହୋଇନଥିଲା। ଅନ୍ୟପଟେ ଚିକିତ୍ସାଧୀନ ଥିବା କିଛି ଲୋକଙ୍କ ଅବସ୍ଥା ମଧ୍ୟ ଗୁରୁତର ରହିଛି। ଘଟଣା ପରେ ସାଗରରେ ଚାଞ୍ଚଲ୍ୟ ଖେଳିଯାଇଥିବା ବେଳେ ତତ୍ପର ହୋଇଛି ପ୍ରଶାସନ। (ପୃଷ୍ଠା ୭ରେ)

# ନେପାଳ ବନ୍ୟାରେ ନିଖୋଜଙ୍କୁ ଖୋଜିବାର ଶେଷ ଆଶା ଡିଏନ୍ଏ ପରୀକ୍ଷା

**କାଠମାଣ୍ଡୁ, ୬।୯**

ନେପାଳରେ ଅଗଷ୍ଟ ୨୬ରେ ଘଟିଥିବା ଭୟଙ୍କର ଆକସ୍ମିକ ବନ୍ୟାରେ ମୃତ୍ୟୁସଂଖ୍ୟା ୧୩୦୦ରୁ ଅଧିକ ହୋଇଥିବାବେଳେ ପ୍ରାୟ ୫୦୦୦ ଲୋକ ଏବେ ବି ନିଖୋଜ ଅଛନ୍ତି। ନିଖୋଜଙ୍କ ପରିବାର ନିଜ ଲୋକଙ୍କ ଭାଗ୍ୟ ଜାଣିବା ପାଇଁ ଅପେକ୍ଷା କରିଥିବାବେଳେ ମୃତଦେହ ଚିହ୍ନଟରେ ଡିଏନ୍ଏ ପରୀକ୍ଷା ଏବେ ଶେଷ ଆଶା ପାଲଟିଛି।

ଅଗଷ୍ଟ ୨୬ରେ ନେପାଳ-ତିବ୍ବତ ସୀମା ନିକଟରେ ଗ୍ଲେସିୟର ଭୁଶୁଡ଼ି ଭୟଙ୍କର ବନ୍ୟା ସୃଷ୍ଟି ହୋଇଥିଲା। ହିମାଳୟ ଅଞ୍ଚଳରୁ ଦକ୍ଷିଣକୁ ପ୍ରବାହିତ ଭୋଟେକୋଶୀ ନଦୀର ବନ୍ୟାଜଳ ଉତ୍ତର ଓ ମଧ୍ୟ ନେପାଳର ବହୁ ସହର ଓ ଗାଁକୁ ଭସାଇ ନେଇଥିଲା। ଘର, ଗାଡ଼ି, ରାସ୍ତା ଓ ବ୍ରିଜ୍ ସହ ଅନେକ ଜଳବିଦ୍ୟୁତ୍ ପ୍ରକଳ୍ପ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ବନ୍ୟାଜଳରେ ଭାସି ଆସିଥିବା ଅନେକ ମୃତଦେହ ଅତ୍ୟନ୍ତ ବିକୃତ ହୋଇଯାଇଛି। କେତେକ ମୃତଦେହ ଦୀର୍ଘ ସମୟ ପାଣି, କାଦୁଅ ଓ ଆବର୍ଜନା ମଧ୍ୟରେ ରହିବାରୁ ମୁହଁ, ପୋଷାକ କିମ୍ବା ଅନ୍ୟ ପରିଚୟ ଚିହ୍ନ ନଷ୍ଟ ହୋଇଛି। କେତେକ ମୃତଦେହର ଅଙ୍ଗପ୍ରତ୍ୟଙ୍ଗ ମଧ୍ୟ ଅଲଗା ହୋଇଯାଇଛି। ତେଣୁ ଚେହେରା, ପୋଷାକ, ଆଙ୍ଗୁଠିଛାପ କିମ୍ବା ଦାନ୍ତର ରେକର୍ଡ ଆଧାରରେ ଚିହ୍ନଟ କରିବା ସବୁବେଳେ ସମ୍ଭବ ହେଉନାହିଁ।

ନେପାଳ ପୁଲିସ ଏ ପର୍ଯ୍ୟନ୍ତ ୨୨୭୨ଟି ଡିଏନ୍ଏ ନମୁନା ସଂଗ୍ରହ କରିଛି। ସେଥିରୁ ୧୨୭୦ଟି ମୃତଦେହର (ପୃଷ୍ଠା ୭ରେ)

# ପୋଖରୀରେ ବୁଡ଼ି ୨ ନାବାଳିକା ଭଉଣୀଙ୍କ ମୃତ୍ୟୁ

**ନୂଆପଡା, ୬।୯ : ନ୍ୟୁଜ୍ ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ତିଲେଇମାଲ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ଥାନୀୟ ପୋଖରୀକୁ ଗାଧୋଇବାକୁ ଯାଇଥିବା ଦୁଇ ଭଉଣୀଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଥିବା ଜଣାଯାଇଛି। ମୃତ ଦୁଇ ଭଉଣୀ ହେଲେ ତିଲେଇମାଲ ଗ୍ରାମର ନିଳକଣ୍ଠ ହଂସଙ୍କ ଝିଅ ଯଶୋଦା ହଂସ(୮) ଓ ଗୁପ୍ତେଶ୍ୱରୀ ହଂସ(୫)। ରବିବାର ପୂର୍ବାହ୍ଣ ପ୍ରାୟ ୧୧ଘଣ୍ଟା ସମୟରେ ଦୁଇ ଭଉଣୀ ମା' ଉସାବତି ହଂସଙ୍କ ସହ ଗ୍ରାମର ଦରଲି ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ମା' ଗାଧିସାରି ଘରକୁ ଫେରିଥିଲେ, କିନ୍ତୁ ଦୁଇ ଭଉଣୀ ସେଠାରେ ପାଣିରେ ଖେଳି ରହିଯାଇଥିଲେ।

# ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ କାର୍ଯ୍ୟାନ୍ୱୟନ ସମୀକ୍ଷା

**ଭୁବନେଶ୍ୱର, ୬।୯**
**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ (ବିକେପିପିଇଆର) ପ୍ରକଳ୍ପ ସଂପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତଃ-ବିଭାଗୀୟ ସମନ୍ୱୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରିଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଏବଂ ସଂପୃକ୍ତ ସମସ୍ତ ବିଭାଗର ସଚିବ ଓ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ମୁଖ୍ୟ ଶାସନ ସଚିବ ନିଜ ବକ୍ତବ୍ୟରେ ବିକେପିପିଇଆର୍ ପ୍ରକଳ୍ପର ଗୁରୁତ୍ୱ ଦର୍ଶାଇ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧିର ଏହା ଏକ ପ୍ରମୁଖ 'ଗ୍ରୋଥ୍ ଇଞ୍ଜିନ୍' ଭାବେ ଭିଜନ୍ ୨୦୩୬ ଓ ୨୦୪୭ର ଲକ୍ଷ୍ୟ ପୂରଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବ ବୋଲି ପ୍ରକାଶ କରିଥିଲେ। ଏକ ସମନ୍ୱିତ ଆଞ୍ଚଳିକ ବିକାଶ ଦୃଷ୍ଟିକୋଣରେ ଅଞ୍ଚଳର (ପୃଷ୍ଠା ୭ରେ)




## ଏକାଳ ପଖାଳ



ସବୁ କଥା ତ ବଢିଆ ଚାଲିଛି
ଆମେ ବି କରିବା କିଛି
ଓଡ଼ିଶାକୁ ନଂ ୱାନ କରିଲେଣି
ଆମ ପ୍ରିୟ ମଶା ମାଛି
ମ୍ୟାଲେରିଆରେ ହେବାକି ପୋଛି
ସଫାସୁତୁରା ରହିବା, କରିବା
ଶୋଇବା ମଶାରୀ କେଞ୍ଚ।

# ଜାତିସଂଘର ବିଶ୍ୱ ମାନଚିତ୍ର ପ୍ରସ୍ତାବକୁ ଭାରତର ସମର୍ଥନ



**ନୂଆଦିଲ୍ଲୀ, ୬।୯**

ଜାତିସଂଘ ଦ୍ୱାରା ଗ୍ରହଣ କରାଯାଇଥିବା ବିଶ୍ୱ ମାନଚିତ୍ର ପ୍ରତିନିଧିତ୍ୱ ସମ୍ପର୍କିତ ପ୍ରସ୍ତାବକୁ ଭାରତ ସମର୍ଥନ କରିଥିବା ବେଳେ ଜମ୍ମୁ-କଶ୍ମୀର ଓ ଲଦାଖକୁ ଭାରତର ସରକାରୀ ମାନଚିତ୍ର ଅନୁସାରେ ଦର୍ଶାଇବାକୁ ଜୋର ଦେଇଛି। ଏହି ଅଞ୍ଚଳଗୁଡ଼ିକର କୌଣସି "ଭୁଲ" କିମ୍ବା "ବିଭ୍ରାନ୍ତିକର" ଚିତ୍ରଣ ଭାରତ ଗ୍ରହଣ କରିବ ନାହିଁ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ସେପ୍ଟେମ୍ବର ୪ରେ "ମାନଚିତ୍ର ସଂଶୋଧନ କରନ୍ତୁ: ବିଶ୍ୱ ମାନଚିତ୍ର ପ୍ରତିନିଧିତ୍ୱକୁ ପୁନଃସନ୍ତୁଳିତ କରିବା ଏବଂ ବିଶ୍ୱର କ୍ଷେତ୍ରଗୁଡ଼ିକ, ବିଶେଷକରି ଆଫ୍ରିକାର ସମାନ ପ୍ରତିନିଧିତ୍ୱକୁ ପ୍ରୋତ୍ସାହିତ କରିବା" ଶୀର୍ଷକ ପ୍ରସ୍ତାବ ଗୃହୀତ ହୋଇଥିଲା।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି ଯେ ଭାରତ ପ୍ରସ୍ତାବ ସପକ୍ଷରେ ଭୋଟ୍ ଦେଇଛି। ତେବେ ପ୍ରସ୍ତାବଟି କୌଣସି ନିର୍ଦ୍ଦିଷ୍ଟ ବିଶ୍ୱ ମାନଚିତ୍ର, ଜାତୀୟ ସୀମାର ଚିତ୍ରଣକୁ ସମର୍ଥନ କରୁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଜୟସୱାଲ କହିଛନ୍ତି, "ଜମ୍ମୁ-କଶ୍ମୀର ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ସମେତ ଭାରତର ସାର୍ବଭୌମ କ୍ଷେତ୍ରକୁ ଭାରତର ସରକାରୀ (ପୃଷ୍ଠା ୭ରେ)

# ୮ରୁ ରାଜ୍ୟରେ ଝଡ଼ବର୍ଷା ଆଶଙ୍କା

**ଭୁବନେଶ୍ୱର, ୬।୯**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବିଶେଷ ବର୍ଷା ସମ୍ଭାବନା ନାହିଁ। ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ପାଣିପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ। ୮ ତାରିଖରୁ ରାଜ୍ୟରେ ଝଡ଼ବର୍ଷା ଆଶଙ୍କା ରହିଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଉତ୍ତର ଓ ଉପକୂଳ ଓଡ଼ିଶାର କିଛି କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି।

ବିଶେଷ କରି କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, ନୟାଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ କିଛି କିଛି ସ୍ଥାନରେ ବିଜୁଳି ଘଡଘଡି ସହ ସାମାନ୍ୟ ବର୍ଷା ହୋଇପାରେ। କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ବିଜୁଳି ଘଡଘଡି ସହ ହାଲୁକାରୁ ମଧ୍ୟମ ଧରଣ ବର୍ଷା ନେଇ ୨୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆଗାମୀ ୫ ଦିନ ପର୍ଯ୍ୟନ୍ତ ଉତ୍ତର, ପଶ୍ଚିମ ସହ ଉପକୂଳ ଓଡ଼ିଶାରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି।

୧୧ ତାରିଖ ବେଳକୁ ଉତ୍ତର, ଉପକୂଳ ସହ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ।





# ନିଆରା ଢଙ୍ଗରେ ପାଳନ ହେଲା ଗୁରୁଦିବସ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଲିପୁଟର ଏକମାତ୍ର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସେଣ୍ଟ ଜାଭିଅର କିଡ୍ସରେ ନିଆରା ଢଙ୍ଗରେ ଗୁରୁଦିବସ ପାଳିତ ହୋଇଯାଇଅଛି। ବିଦ୍ୟାଳୟର ପ୍ରାର୍ଥନା ପର୍ବ ପରେ ପୂର୍ବତନ ରାଷ୍ଟ୍ରପତି ତଥା ଦାର୍ଶନିକ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇ ଆଜିର ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶିକ୍ଷାର୍ଥୀମାନେ ଯଦି ଶିକ୍ଷକ ହୋଇଥାନ୍ତେ ତେବେ କିପରି ନିଜର ଦାୟିତ୍ୱ ସମ୍ପାଦନ କରିଥାନ୍ତେ ଏହି ପ୍ରସଙ୍ଗରେ ମତ ରଖିବା ପାଇଁ ଶିକ୍ଷାର୍ଥୀମାନଙ୍କୁ କୁହାଯାଇଥିଲା । ସେମାନଙ୍କ ଖୋଲା ହୃଦୟର ବକ୍ତବ୍ୟ ଶିକ୍ଷକମାନଙ୍କ ପାଇଁ ପରୋକ୍ଷ ଭାବରେ ଶିକ୍ଷଣୀୟ ଥିଲା। ଶିକ୍ଷକମାନଙ୍କୁ ଆଜିର ଦିବସ ଉପଲକ୍ଷେ ସ୍ୱତନ୍ତ୍ର ଅନୁଭବ କରେଇବା ପାଇଁ ମୁକ୍ତା ଫାଉଣ୍ଡେସନ, ଭୁବନେଶ୍ୱର ଉପହାର ପ୍ରଦାନ କରିଥିଲେ। ଶିକ୍ଷାର୍ଥୀ ଓ ଅଭିଭାବକଙ୍କ ଠାରୁ ସଦିଚ୍ଛା ଓ ସମ୍ମାନ ଗ୍ରହଣ କରି ଶିକ୍ଷକମାନେ ନିଜ ଶୈକ୍ଷିକ ଅନୁଭୂତିକୁ ସମସ୍ତଙ୍କ ସହ ବାଣ୍ଟିଥିଲେ । ପ୍ରତିଟି ମୁହୂର୍ତ୍ତ ଶିକ୍ଷଣୀୟ ଏବଂ ପ୍ରତିଟି ଏକକରୁ ଜଣେ ଶିକ୍ଷକ ଖୋଜି ପାଇପାରିବ ଯଦି ଜଣେ ଶିଖିବା ପାଇଁ ଆଖି , ମନ ଓ ହୃଦୟ ଖୋଲା ରଖେ ବୋଲି କହିଥିଲେ ବିଦ୍ୟାଳୟର ଅଧ୍ୟକ୍ଷା ମାନମୟୀ ରଥ । ବିଦ୍ୟାଳୟ ଏକ ମନ୍ଦିର ଏବଂ ତହିଁରେ ଅଧ୍ୟୟନରତ ଦେବଶିଶୁମାନଙ୍କ ଯଥାର୍ଥ ଗଠନର ଦାୟିତ୍ୱ ଶିକ୍ଷକଙ୍କ ହାତରେ । ସୁତରାଂ ଏହି ପବିତ୍ର କର୍ତ୍ତବ୍ୟ ସମ୍ପାଦନ କରୁଥିବା ଶିକ୍ଷକ ଦେଶ ଓ ଜାତି ପାଇଁ ନମସ୍ୟ ବୋଲି କହିଥିଲେ ବିଦ୍ୟାଳୟର ପ୍ରତିଷ୍ଠାତା ମନୋଜ ଦାଶ। ଧନ୍ୟବାଦ ଅର୍ପଣ କରିଥିଲେ ବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଲିଜାରାଣୀ ଦାଶ । ପ୍ରିୟଙ୍କା ବେହେରା, ପିଙ୍କିନା ମହାରଣା, ଶୁଭଲକ୍ଷ୍ମୀ ମହାପାତ୍ର, ଦେବସ୍ମିତା ବେହେରା, ମହେଶ୍ୱେତା ରଥ, ସୁନିତା ନାୟକ, ବର୍ଷା ବୈଶାଖୀ ଦାସ ପ୍ରମୁଖ ଶିକ୍ଷୟିତ୍ରୀଗଣ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଘରୋଇ ହିଂସାରୁ ସୁରକ୍ଷା ଆଇନ ସମ୍ପର୍କିତ ପ୍ରଶିକ୍ଷଣ

**ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଘରୋଇ ହିଂସାରୁ ମହିଳାମାନଙ୍କ ସୁରକ୍ଷା ଆଇନ ଆଧାରିତ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋସ୍ନା ମହାନ୍ତି ଅଧ୍ୟକ୍ଷତା କରି ଶିବିରର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଯୋଗଦେଇ ଉଦ୍ଘାଟନ କରିବା ସହିତ ନାରୀ ସଶକ୍ତିକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଆଇନ ସମ୍ବନ୍ଧୀୟ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟକ୍ଷା,ରାଜ୍ୟ ମହିଳା ଆୟୋଗ ଶୋଭନା ମହାନ୍ତି, ସଭାପତି ଜିଲ୍ଲାପରିଷଦ ନାରାୟଣ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ,ପ୍ରବୋଧ କୁମାର ମଲ୍ଲିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗହିର, ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ପାଳ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ବାମଦେବ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ହୋଇ ମହିଳାମାନଙ୍କ ପ୍ରତି ହେଉଥିବା ଘରୋଇ ଅତ୍ୟାଚାରରୁ ସୁରକ୍ଷା, ପ୍ରତିରୋଧ ଓ ମୌଳିକ ଅଧିକାର ବିଷୟରେ ଅଧ୍ୟକ୍ଷା ରାଜ୍ୟ ମହିଳା ଆୟୋଗ ମାଡାମ ଦର୍ଶାଇଥିଲେ ଏବଂ ସମସ୍ତଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ ଆପଣ ମାନେ ଏହି ଶିକ୍ଷଣୀୟ



କଥାବସ୍ତୁକୁ ତୃଣମୂଳ ସ୍ତରୀୟ କରାଇଲେ ଏହାର ସାର୍ଥକତା ଆସିବ। ତାଲିମ ଦାତ୍ରୀ ଭାବେ ପୋଲିସ ଉପ-ଅଧିକ୍ଷକ ନିର୍ମଳା ଗଚ୍ଛାୟତ ମହୋଦୟା ପ୍ରଶିକ୍ଷାର୍ଥୀ ମାନଙ୍କୁ ଆଇନଗତ ସାକ୍ଷରତା, କ୍ଷମତା ନିର୍ମାଣ, ପ୍ରତିକ୍ରିୟା ଓ ଗୋପନୀୟତା ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିଭଳି ତାଲିମ ଦାତା ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଓକିଲ ଅମ୍ବୁଜା ଦାସ ମହୋଦୟ ମଧ ପ୍ରଶିକ୍ଷାର୍ଥୀ ମାନଙ୍କୁ ଆଇନ ସଚେତନତା, ଆଇନ ଶୃଙ୍ଖଳା, ଆଇନ ସେବା, ଆଇନ ପରାମର୍ଶ ଏବଂ ଆଇନର ବିଭିନ୍ନ ସକରାତ୍ମକ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଆଜିର ଏହି ତାଲିମ ଶିବିରକୁ ସାକାର କରିବା ପାଇଁ ଜିଲ୍ଲାର ସମସ୍ତ ଶିଶୁ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର, ଜିଲ୍ଲା ମହିଳା ସଶକ୍ତିକରଣ ଅଧିକାରୀଗଣ, ସେବା ପ୍ରଦାନକାରୀ ସଂସ୍ଥାର କର୍ମଚାରୀ,ପରାମର୍ଶ ସଂସ୍ଥାର ଅଧିକାରୀ, ସଦସ୍ୟା, ଅଣସଂସ୍ଥାର ଅଧିକାରୀଗଣ, ସଖି ଏକକ ସହାୟତା କେନ୍ଦ୍ରର କର୍ମକର୍ତ୍ତା, ଶକ୍ତି ସଦନ ସଂସ୍ଥାର ଅଧିକ୍ଷୀକା ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ହୋଇ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରିଶେଷରେ ପ୍ରୋଟେକ୍ସନ ଅଧିକାରିଣୀ ଯୁଥିକାରାଣୀ ରାୟ ଧନ୍ୟବାଦ ଜ୍ଞାପନ କରି ଶିବିରକୁ ଉଦଯାପନ କରିଥିଲେ।

## ଅଜଣା ରୋଗରେ ପିଡିତଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହାୟତା

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାବେ ପରିଚିତ ଶ୍ରୀ ଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଅଜଣା ରୋଗରେ ପିଡିତ ଅସହାୟ ସୁଧୀରଙ୍କୁ ସହାୟତା ପ୍ରଦାନ କରାଯାଇଛି। ରାହାମା ବ୍ଲକ ଅନ୍ତର୍ଗତ ପାଇଲୋ ପଞ୍ଚାୟତର ଛୋଟିବଡ ଗ୍ରାମରେ ସୁଧୀର ଓ ତାଙ୍କ ପତ୍ନୀ ଓ ପୁଅ ଅସହାୟ ଭାବରେ ରହୁଛନ୍ତି। ଦୀର୍ଘଦିନ ହେଲା ସୁଧୀର ଅସହାୟ ରୋଗରେ ପିଡିତ ହୋଇ ଅସୁବିଧାର ସମ୍ମୁଖୀନ ହେଉଥିବାର ଖବର ପାଇ ଶ୍ରୀ ଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ତାଙ୍କ ଘରେ ପହଁଚି ତାଙ୍କୁ ବସ୍ତ୍ର, ରାସନ ସାମଗ୍ରୀ ସହ ଅନ୍ୟାନ୍ୟ ସାହାଯ୍ୟ କରିଥିଲେ। ତାଙ୍କୁ ଏହି ସହାୟତା ସମୟରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟର ସଭାପତି ଦମନ କୁମାର ମହାନ୍ତିଙ୍କ ସମେତ ଟ୍ରଷ୍ଟର ପରାମର୍ଶ ଦାତା ନିମାଇଁ ଚରଣ କର, ପ୍ରମୋଦ କୁମାର ନାୟକ, ଚିତ ରଞ୍ଜନ ବସନ୍ତିଆ, ସୁରେନ୍ଦ୍ର ନାଥ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।

# ୪ଲକ୍ଷ ଚିଲିକା ମତ୍ସ୍ୟଜୀବୀଙ୍କ ସମସ୍ୟା ସମାଧାନ ପାଇଁ ଦାବି



**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ୱାୟତ୍ତ ଶାସନ ଦିବସରେ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଓ ସହଯୋଗୀ ଙ୍କ ଦ୍ୱାରା ଚିଲିକ ର ବହୁବିଧ ସମସ୍ୟା ଉପରେ ଏକ ଦାବିପତ୍ର ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ର ସମସ୍ୟା ବିଷୟ ନୀଳାମ୍ବୁ ଚିଲିକା ହ୍ରଦ ଜଳରାଶି ଆୟତନ ୧୮୮୫ ବର୍ଗ. କି. ମି ୧୧୬୫,ବର୍ତ୍ତମାନ ୭୫୦ବର୍ଗ. କି. ମି ୧୪୭ଖଣ୍ଡ ଗ୍ରାମ ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାର ୪୭୦୦୦ଏକର ମତ୍ସ୍ୟ ସୈରାତ ବା ମତ୍ସ୍ୟ ଗୁହା ୪ଲକ୍ଷ ନିର୍ଭର କରି ବଞ୍ଚୁଥିବା ପାରମ୍ପରିକ ମତ୍ସ୍ୟଜୀବୀ କଣ୍ଡରା, କେଉଟ, ତିଅର, ଖଟିଆ, କାଡତିଆ, ଗୋଖା ଓ ନୋଳିଆ ପ୍ରମୁଖ ଜାତି ଅଟେ। ତା ସାଙ୍ଗକୁ, ପକ୍ଷୀ ଅଭୟାରଣ, ଡ଼ଲଫିନ, ଆଦ୍ରଭୂମି, ଚଢେଇ ହଗା ପାହାଡ଼, କାଳିଜାଇ, ସାନକୁଦା, ବଦକୁଦା ହନିମୁନ ଅଇଲାଣ୍ଡ ସାଙ୍ଗକୁ ପରିବେଶ, ଋଷିକୂଲ୍ୟା ପାଲୁରୁ ସାହେବ କେନାଲ ଦନ୍ତପୁର ଏବଂ ରମ୍ଭା ଦିପଦଣ୍ଡି , ଅପୂର୍ବ କୀର୍ତିରାଜ, କବି, ଲେଖକ, ସାହିତ୍ୟକ ଲେଖାମାନ ସାରା ବିଶ୍ୱରେ ପରିଚିତ। କେଉଁ ଆବାହମାନ କାଳରୁ ବଞ୍ଚି ଆସୁଥିବା ପରିବାର ଭାତ ହାଣ୍ଡି ଚିଲିକା, ୧୯୪୧ମସିହାରେ ଡା. ଜିତେନ୍ଦ୍ର ନାଥ ମିତ୍ର ଜଣେ ଜାତୀୟ ଓ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମତ୍ସ୍ୟ ଓ ଜଳଜୀବ ବୈଜ୍ଞାନିକ ଓଡ଼ିଶାର ମତ୍ସ୍ୟ ନିର୍ଦ୍ଦେଶକ ନିଯୁକ୍ତି ଓ ବାଲୁଗାଁ ଖୋର୍ଦ୍ଧା ମତ୍ସ୍ୟ ଅଧିକାରୀ ଭାବେ ନିପୁଣ କାର୍ଯ୍ୟ ଦକ୍ଷତା ତୁଲାଇ ଥିଲେ ତେଣୁ ଚିଲିକାର ପିତାମହ ଭୀଷ୍ମ ନାମରେ ପରିଚିତ।ସେ ସମସ୍ତ ଚିଲିକା ଅଞ୍ଚଳକୁ ବୁଲି ଦେଖିଥିଲେ ମତ୍ସ୍ୟଜୀବୀ ମାନେ ସମ୍ପୂର୍ଣ୍ଣ ଚିଲିକା ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଛନ୍ତି।ସେମାନେ ଭୂମିହୀନ ଏକକ ମୌଳିକ ଅଧିକାର ଅଟେ ବୋଲି ଚିଲିକା ବୁଲେଟିନ ରେ ଉଲେଖ କରିଛନ୍ତି। ସେ ସମସ୍ତ ମତ୍ସ୍ୟଜୀବୀ ପରିବାରକୁ ଏକାଠି କରି ପ୍ରାଥମିକମତ୍ସ୍ୟଜୀବୀ ସମବାୟ ସମିତି ଗଠନ କରିଥିଲେ, ବର୍ତ୍ତମାନ ତାହା ଚିଲିକାରେ ୨୦୦ରୁ ଉର୍ଦ୍ଧ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ଗଢି ଉଠିଛି,ଏବଂ ସମସ୍ତ ମାଛ, ଚିଙ୍ଗୁଡ଼ି, କଙ୍କଡା ଦେଶ, ବିଦେଶରେ ଆଦୃତ ହେଲା ଏହି ମାଛ ସାରା ପୃଥିବୀରେ ଭିଟାମିନ ଯୁକ୍ତ,ସ୍ୱାଦ, ଔଷଧୀୟ ଗୁଣବତ୍ତା ଓ ନିରୋଗ ଖାଦ୍ୟ ରୂପରେ ପରିଗଣିତ ହେଲା।କିନ୍ତୁ ଆଜି ମତ୍ସ୍ୟଜୀବୀ ପରିବାର ଅନ୍ଧାରରେ ଗତି କରୁଛି, ଅଣ ମତ୍ସ୍ୟଜୀବୀ, ମାଫିଆ, ପ୍ରଶାସନ, ରାଜନୈତିକ ଚାପ ଚାପି ହୋଇ ବାହାର ଦାଦନ ଯିବାକୁ ବାଧ ହେଉଛନ୍ତି। ଚାରିଆଡେ ପ୍ରାୟ ୫୦ ହଜାର ଏକରରୁ ଉର୍ଦ୍ଧ ମାଳ ମାଳ ଚିଙ୍ଗୁଡ଼ି ମଶାରୀ ଘେରି କରି ସାଧାରଣ ବାହାଣିଆ ମାଛ ମାରିବାରେ ବାଧା ସୃଷ୍ଟି ହେଉଛି। ମାଫିଆ, ପ୍ରଶାସନ ମିଳି ଭାଗତିରେ ବର୍ଷକୁ ୧୦ହଜାର କୋଟି ଟଙ୍କା ପାଇ ମତ୍ସ୍ୟଜୀବୀ ପରିବାରକୁ କାଙ୍ଗାଳ କରିଦେଇଛନ୍ତି, ମତ୍ସ୍ୟ ସୈରାତ ରୁ ଲିଜି ଏଗ୍ରିମେଣ୍ଟରୁ ବର୍ଷକୁ କୋଟି କୋଟି ଟଙ୍କା ତହବିଲ ଆକାରରେ ସରକାର ପାଉଥିଲେ ତାହା ଆଜି ଠପ ହୋଇଛି। କୃଷ୍ଣପ୍ରସାଦ ତହସିଲରେ ଅଫିସର ୧୫ବର୍ଷ ହେଲା ଅଫିସର ବଦଳୁ ନାହାନ୍ତି

# ଗାଇସିଲେଟରେ ୪୨ ୟୁନିଟ୍ ରକ୍ତ ସଂଗ୍ରହ




**ବରଗଡ, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ଗାଇସିଲେଟ ୟୁଥ୍ କ୍ଲବ ଏବଂ ପଶ୍ଚିମ ଓଡ଼ିଶା ଯୁବା ମଞ୍ଚର ମିଳିତ ଆନୁକୂଲ୍ୟରେ ସୋମବାର ଗାଇସିଲେଟ ୟୁଥ୍ କ୍ଲବ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସ୍ୱେଚ୍ଛାସେବୀ ରକ୍ତଦାତାମାନେ ଉତ୍ସାହର ସହ ଯୋଗଦେଇ ମୋଟ ୪୨ ୟୁନିଟ୍ ରକ୍ତ ଦାନ କରିଥିଲେ। କାର୍ଯ୍ୟକ୍ରମକୁ ଗାଇସିଲେଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝୀ ଉଦ୍ଘାଟନ କରି ରକ୍ତଦାନ ଏକ ମହତ ମାନବ ସେବାମୂଳକ କାର୍ଯ୍ୟ ବୋଲି ଉଲ୍ଲେଖ କରି ସେ ଯୁବ ପିଢ଼ିଙ୍କ ଏଭଳି ଜନହିତକର ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ପ୍ରଣୟ ସାହୁ, ଅତିରିକ୍ତ ତହସିଲଦାର ଦେବାଶିଷ ଥାନାଧିକାରୀ ଏମ୍. ମିଞ୍ଜ୍, ଅଗ୍ନିଶମ ଅଧିକାରୀ ବେଦବ୍ୟାସ ପିଙ୍ଗ, କେନ୍ଦୁପତ୍ର ରେଞ୍ଜର ଅଭିନାଶ ମେହେର, ଫରେଷ୍ଟର ଆର.କେ ସିଂହ, କ୍ଲବର ପୂର୍ବତନ ସଭାପତି ପ୍ରବୀଣ ପାଣିଗ୍ରାହୀ, ସମିତି ସଭ୍ୟ ସରୋଜ ଶ୍ରୀଭୂଷଣ ସାହୁ, ସରପଞ୍ଚ ଶରତ କାଲୋ, ପୂର୍ବତନ ସଭାପତି ମନୋହର ପାଣିଗ୍ରାହୀ, ଚାଷୀନେତା ଅରବିନ୍ଦ ପଣ୍ଡା, କନିଷ୍ଠ ଯନ୍ତ୍ରୀ ବିକାଶ ଅଧା, ପୂର୍ବତନ ସଭାପତି ଡାକ୍ତର ସୁନୀଲ ପଣ୍ଡା, ପୂର୍ବତନ ସମ୍ପାଦକ ରବୀନ୍ଦ୍ର ପଣ୍ଡା, ପୂର୍ବତନ ସମ୍ପାଦକ ମନୋଜ ଦାଶ ଏବଂ ପୂର୍ବତନ ସଭାପତି ଜିତେଶ ପୁରୋହିତ ପ୍ରମୁଖ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଗାଇସିଲେଟ ୟୁଥ୍ କ୍ଲବର ସଭାପତି ରଞ୍ଜନ କୁମାର ପଣ୍ଡା ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିବା ବେଳେ ଶିବିରର ସଫଳ ଆୟୋଜନରେ କ୍ଲବର ଉପସଭାପତି ତ୍ରିବିକ୍ରମ ପୁରୋହିତ, ସହ-ସମ୍ପାଦକ ସୋନୁ ପଣ୍ଡା, ଅମରେଶ ପୁରୋହିତଙ୍କ ସମେତ ପଶ୍ଚିମ ଓଡ଼ିଶା ଯୁବା ମଞ୍ଚର ମନୀଷ ରଞ୍ଜନ ସାହୁ, ଦିନେଶ ପାଣିଗ୍ରାହୀ, ହରିଶ ସାହୁ ଓ ଶିବପ୍ରସାଦ ପାଢ଼ୀ ସକ୍ରିୟ ସହଯୋଗ କରିଥିଲେ। ଏହାସହ ଗାଇସିଲେଟ ୟୁଥ୍ କ୍ଲବର ସମସ୍ତ ସଦସ୍ୟ ଏବଂ ବିଭିନ୍ନ ସଂଗଠନର ସଦସ୍ୟମାନେ ଶିବିରକୁ ସଫଳ କରିବାରେ ସହଯୋଗ କରିଥିଲେ। ଶେଷରେ ଆୟୋଜକମାନଙ୍କ ପକ୍ଷରୁ ସମସ୍ତ ରକ୍ତଦାତା, ଅତିଥି, ସହଯୋଗୀ ଓ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଆଗାମୀ ଦିନରେ ମଧ ଏଭଳି ଜନହିତକର ଓ ମାନବସେବାମୂଳକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି।

# ରାଇରଙ୍ଗପୁରରେ ଯୁଗ୍ମ ଜନ ଶୁଣାଣି: ୧୧୩ ଅଭିଯୋଗ




**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ଗ୍ରାମ ଅଭିମୁଖେ ପ୍ରଶାସନ, ଏହି ଉଦେଶ୍ୟକୁ ଫଳପ୍ରସୂ କରିବା ଲକ୍ଷ୍ୟନେଇ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଜାତଳା ବ୍ଲକ ଅଧିନସ୍ଥ ସରଗଡା ଗ୍ରାମ ପଞ୍ଚାୟତ ପରିସରରେ ଯୁଗ୍ମ ଜନ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ରାଇରଙ୍ଗପୁର ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ର,ଉପଜିଲ୍ଲାପାଳ ଉଗ୍ରେସନ ଓରାମ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଯୋଗରଞ୍ଜନ ନାୟକ, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରବୀନ୍ଦ୍ର ନାଥ ମାର୍ଣ୍ଡି, ବନଖଣ୍ଡ ଅଧିକାରୀ ସୁବ୍ରତ କୁମାର ପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯଦୁନାଥ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସରଗଡା ଗ୍ରାମ ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ହୋଇ ନିଜ ନିଜର ଅଭିଯୋଗ ଓ ସମସ୍ୟା ଉପସ୍ଥାପନ କରିଥିଲେ। ଶିବିରରେ ୯୦ଗୋଟି ବ୍ୟକ୍ତିଗତ ଓ ୨୩ଗୋଟି ସାମୂହିକ ସମସ୍ୟା ସମ୍ପର୍କିତ ବିଭିନ୍ନ ଅଭିଯୋଗ ସହ ସମୁଦାୟ ୧୧୩ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଜମିଜମା, ଆବାସ, ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଯୋଜନା, ଭତ୍ତା ଓ ଅନ୍ୟାନ୍ୟ ଜନକଲ୍ୟାଣମୂଳକ ବିଷୟ ସମ୍ପର୍କିତ ଅଭିଯୋଗ ଲୋକମାନେ ଉପସ୍ଥାପନ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଉପସ୍ଥିତ ଅଧିକାରୀମାନଙ୍କୁ ଅଭିଯୋଗଗୁଡ଼ିକର ଗୁରୁତ୍ୱ ଅନୁଯାୟୀ ତ୍ୱରିତ ଓ ନିୟମାନୁସାରେ ସମାଧାନ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗ ସମ୍ପର୍କିତ ଅଭିଯୋଗ ଶୁଣି ସମାଧାନର ପଦକ୍ଷେପ ନେଇଥିଲେ। ଏକଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଉକ୍ତ ଶିବିରରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ଉପଖଣ୍ଡ ଅଧିନସ୍ଥ ତହସିଲଦାର, ବିଡିଓ ଓ ବିଭିନ୍ନ ବିଭାଗର ଉପଖଣ୍ଡ ଓ ବ୍ଲକସ୍ତରୀୟ ଅଧିକାରୀ, ଜନପ୍ରତିନିଧି ଏବଂ ସରଗଡା ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ଅନ୍ୟାନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବିଜାତଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବଂଶୀଧର ଖୋଶଲାଙ୍କ ଦ୍ୱାରା ଶିବିର ପରିଚାଳନା କରାଯାଇଥିଲା। ଜନସାଧାରଣଙ୍କ ନିକଟରେ ପ୍ରଶାସନକୁ ପହଞ୍ଚାଇବା, ସେମାନଙ୍କ ଅଭିଯୋଗ ଶୁଣିବା ଏବଂ ସମସ୍ୟାର ତ୍ୱରିତ ସମାଧାନ କରିବା ଦିଗରେ ଏଭଳି ଜନ ଅଭିଯୋଗ ଶୁଣାଣି ଶିବିର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶ କରାଯାଇଛି।

## ତରଭାରେ ଯୁଗ୍ମ ଅଭିଯୋଗ ଶୁଣାଣି: ୨୩ଟି ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନ ପ୍ରଧାନ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଲଳିତା ଲିଲିମା ବାର୍ଲା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୨୩ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ, ସେଥିମଧ୍ୟରୁ ୧୭ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ଦରଖାସ୍ତ ଥିଲା।

# କମ୍ପାନୀରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ଉପେକ୍ଷାର ପ୍ରତିବାଦ



**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ସହର ଠାରେ ଅବସ୍ଥିତ ଗ୍ରାସୀମ କମ୍ପାନୀ କର୍ତୃପକ୍ଷଙ୍କ ମନମୁଖୀ ଶାସନରେ ଅତିଷ୍ଠ ସହରର ଯୁବ ଗୋଷ୍ଠୀ ରାଜ୍ୟ ଓ ଜିଲ୍ଲା ବାହାର ଯୁବକଙ୍କୁ କମ୍ପାନୀ ନିଯୁକ୍ତି ଦେଉଥିବା ବେଳେ ସ୍ଥାନୀୟ ଅଞ୍ଚଳ ଶିକ୍ଷିତ ବେକାରି ଯୁବକଙ୍କୁ ନିଯୁକ୍ତି ଦିଆଯାଉନି। ଏଥିପାଇଁ କମ୍ପାନୀ ବିରୁଦ୍ଧରେ ରବିବାର ସ୍ଥାନୀୟ ଏଲେମା ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଯୁବ ସ୍ୱେଚ୍ଛାସେବୀ ସୁଧୀର କୁମାର ପାଢ଼ୀଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଗଞ୍ଜାମ ଏନଏସି ପୂର୍ବତନ ନଗରପାଳ ନୀଳାଞ୍ଚଳ ବାରିକି ସଭାପତିତ୍ୱ କରିଥିଲେ । ଅବସର ପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ତଥା ଏହି ଏନଏସି ଅନ୍ତର୍ଗତ ଦାମୋଦର ପୁର ଗ୍ରାମର ପ୍ରମୋଦ କୁମାର ବେହେରା ଯୁବ ଗୋଷ୍ଠୀଙ୍କୁ ସହଯୋଗର ହାତ ବଢେଇଛନ୍ତି । ସ୍ଥାନୀୟ ଅଞ୍ଚଳ ଶିକ୍ଷିତ ଯୁବକ ନିଯୁକ୍ତି ନଦେଲେ କମ୍ପାନୀ ବିରୁଦ୍ଧରେ ଶାନ୍ତି ପୁର୍ଣ ଆନ୍ଦୋଳନର ଆବଶ୍ୟକ ରହିଛି ଆଉ ଏଥିପାଇଁ ସମସ୍ତ ଯୁବ ଗୋଷ୍ଠୀ ଏକ ହେବାକୁ ଆହ୍ୱାନ ଦେଇଥିଲେ । ଏହି ପ୍ରତିବାଦ ସଭାରେ ସୁଦାମ ଚରଣ ଜେନା ଛତ୍ରପୁର ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ରାଜେଶ ମହାରଣା, ଅକ୍ଷୟ ପ୍ରଧାନ, ମନୋଜ ପ୍ରଧାନ,ପ୍ରଭାତ ସାହୁ, ନିରଞ୍ଜନ ପରିଡା, ବିଭୁତି ପଲାଇ, ଉମା ଶଙ୍କର ମାହାନ୍ତି,ମନୋଜ ପ୍ରଧାନ କାଳିଆ ଗୌଡ଼, ପପି ମହାଙ୍କୁଡ, କେ ଇଲେୟା,ପପୁ ପଣ୍ଡା,ରେଡି,ସୋମୁ ସାହୁ, ସଂଗ୍ରାମ ନାୟକ, ଗୋବିନ୍ଦ ଗୌଡ଼, ପଦିଆ ବେହେରା, ଅନି ସାହୁ, ଶିବରାମ ଜେନା,ଓ ମୁଖ୍ୟ ସହଯୋଗୀ ଟୋନି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ କମ୍ପାନୀ ମୁଖ୍ୟ ଫାଟକ ସମୁଖରେ ଶାନ୍ତି ପୁର୍ଣ ଧାରଣା ଦିଆଯିବ ବୋଲି ଆଲୋଚନା ହୋଇଥିଲା । ଏଥିପାଇଁ ଧାରଣା ପୂର୍ବରୁ ଜିଲ୍ଲା ଉଚ୍ଚ ପ୍ରଶାସନ ଓ ପୋଲିସ ପ୍ରଶାସନକୁ ଲିଖିତ ଅବଗତ କରାଯିବ ବୋଲି ଯୁବ ସ୍ୱେଚ୍ଛାସେବୀ ପାଢ଼ୀ ଗଣମାଧ୍ୟମକୁ ସୂଚନାଦେଇଛି

## ସାହିତ୍ୟ ପାରିଷଦ ପକ୍ଷରୁ ଦେଶଭକ୍ତି କବିତା ଆସର

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ବ୍ଲକର ମୁଦୁପୁର ପଞ୍ଚାୟତସ୍ଥ, କନ୍ତାର ଗ୍ରାମର କେଳି-କାଞ୍ଚନ-ରତ୍ନାକର ପାଠାଗାର, ପ୍ରେକ୍ଷାଳୟରେ ସାହିତ୍ୟ ପତ୍ରିକା ନବକାକଳି ସୌଜନ୍ୟରୁ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ମା' ସାରଳା ଶାଖା, ଜଗତସିଂହପୁରର ସଭାପତି ଡ଼. ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଦସ୍ୟା ମନୋରମା ଦାଶ ସ୍ୱାଗତଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଡ଼. ବିଷ୍ଣୁପ୍ରିୟା ଦାସ, ସମ୍ମାନୀୟ ଅତିଥି ଭାବେ ବିଜୟ କୁମାର ପତି ମଞ୍ଚାସିନ ହୋଇଥିଲେ। ସଦସ୍ୟ ଶିଶିର କୁମାର ତ୍ରିପାଠୀ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ ଝଙ୍କଡ଼କନ୍ୟା ସବିତା ନାୟକଙ୍କ ସଂଯୋଜନାରେ ୨୭ ଜଣ କବି/କବୀ ଦେଶାତ୍ମବୋଧକ କବିତା ପାଠ କରିଥିଲେ। ଅର୍ଚ୍ଚନା ଦାସ, ଗଗନ ବିହାରୀ ବେହେରା, ହୃଦାନନ୍ଦ ବାରିକ, ଗଣେଶ ମହାନ୍ତି, ମାତୃପ୍ରସାଦ ଶତ୍ରୁଜିତ, ପୁରୁଷୋତ୍ତମ ଦାସ, ଗୌରାଙ୍ଗ ଚରଣ ଦାସ, ଆଶିଷ ପରିଜା, ଶୁଭଲକ୍ଷ୍ମୀ ମହାପାତ୍ର, ବଂଶୀଧର ବେହେରା, ନୀଳକଣ୍ଠ ମିଶ୍ର, ଜୟଶ୍ରୀ ମିଶ୍ର, ଜ୍ଞାନରଞ୍ଜନ ସ୍ୱାଇଁ, ନିର୍ମାଲ୍ୟ ପ୍ରସାଦ ଷଡ଼ଙ୍ଗୀ ପ୍ରଭୃତିଙ୍କ କବିତା ଅତ୍ୟନ୍ତ ମନୋମୁଗ୍ଧକର ହୋଇଥିଲା। ଉପସଭାପତି ଡ଼. ବିଜୟ କୁମାର ବିଶ୍ୱାଳ କବିତାଗୁଡିକର ସମୀକ୍ଷା କରିଥିଲେ। ସମ୍ପାଦକ, ପଣ୍ଡିତ ଡ଼. ରବୀନ୍ଦ୍ର ନାଥ ମିଶ୍ର ବିବରଣୀ ପାଠ କରିଥିଲେ। ସଭାପତିଙ୍କ ଅଭିଭାଷଣ ପରେ, ଯୁଗ୍ମ ସଂପାଦକ ସବ୍ୟସାଚୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# କଳିଙ୍ଗନଗରରେ ଟ୍ରାଫିକ୍ ସମସ୍ୟା : ବଢୁଛି ବେଆଇନ୍ ପାର୍କିଂ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

କଳିଙ୍ଗ ନଗର ଏବେ ଶିଳ୍ପ ମହାଦେଶର ଦ୍ୱିତୀୟ ଇସ୍ପାତ ନଗରୀ ଭାବେ ପରିଚିତ । ବ୍ୟାସନଗର ହେଉଛି କଳିଙ୍ଗ ନଗରର ମୁଖଶାଳା ଓ ପ୍ରବେଶ ପଥ କହିଲେ ଅତିକ୍ତି ହେବନାହିଁ । ଦିନକୁ ଦିନ ବ୍ୟାସନଗର ସହରରେ ରେ ଲୋକସଂଖ୍ୟା ବଢ଼ିବାରେ ଲାଗିଛନ୍ତି। ଲୋକସଂଖ୍ୟା ବଢିବା ତୁଳନାରେ ଦୋକାନ ସଂଖ୍ୟା ମଧ ବଢ଼ିବାରେ ଲାଗିଛି । ଏହା ଭିତରେ ରାସ୍ତା ର ଟ୍ରାଫିକ ସମସ୍ୟା ଏବେ ମୁଖ୍ୟ କାରଣ ସାଜି ଥିବା ଦେଖିବାକୁ ମିଳୁଛି । କମ୍ପାନୀରେ ନିୟୋଜିତ ହୋଇଥିବା ବସ ଗୁଡିକ ଏବେ ସହରର ରାସ୍ତାକୁ କବ୍ଜା କରିଥିବା ଦେଖିବାକୁ ମିଳିଛି। କମ୍ପାନୀରେ ଗାଡି ଗୁଡିକ ଲଗାଇଥିବା




କିଛି ଘରୋଇ ସଂସ୍ଥା ଫେବିକର ଭଳି ଯେଉଁଠି ପାରୁଛନ୍ତି ଗାଡି ଗୁଡିକ ପାର୍କିଙ୍ଗ କରୁଥିବା ଦେଖିବାକୁ ମିଳୁଛି । ଜିନ୍ଦଲ କମ୍ପାନୀରେ ଲାଗିଥିବା ଅନେକ ଗାଡି ବସ୍ ଷ୍ଟାଣ୍ଡ ଓ ତହସିଲ ରୋଡକୁ ନିଜ ପୈତୃକ ସମ୍ପତି ଭାବି ରାଜ ରାସ୍ତା ଉପରେ ପାର୍କିଙ୍ଗ କରୁଥିବା ହେତୁ ରାସ୍ତା ଘାଟ ରେ ଯାତାୟତ କରିବା ମଧ ଅସମ୍ଭବ । ବ୍ୟାସନଗର ସହରର ନହକା ଗୋଲେଇ ଛକରେ କାରଖାନା ବସ ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି । ଗୁରୁତର ହୋଇଥିବା ବାଇକ ଆରୋହୀ ଜଣଙ୍କ ହେଲେ କୋରେଇ ଥାନା ବୋଧିଆ ଗ୍ରାମର କୃଷ୍ଣ ଚନ୍ଦ୍ର ସାହୁଙ୍କ ପୁଅ ମହେନ୍ଦ୍ର ସାହୁ (୪୮) । ଶୁକ୍ରବାର ସକାଳ ୭ ଟା ରୁ ୮ ଘଟିକା ସମୟରେ ଏକ କଳିଙ୍ଗନଗର କାରଖାନା ବସ ନହକା ଗୋଲେଇ ରୟାଲ କଳିଙ୍ଗ ଛକ ନିକଟରେ ବଜାର ଆଡକୁ ବାଇକରେ ଆସୁଥିବା ମହେନ୍ଦ୍ରକୁ ଧକ୍କା ଦେଇ ତାଙ୍କ ଗୋଡ଼ ଉପରେ ଚଢି ଯାଇଥିଲା ମହେନ୍ଦ୍ର ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକ ତୁରନ୍ତ ତାଙ୍କୁ ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଳୟକୁ ପଠାଇଥିଲେ । ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି । ଦୁର୍ଘଟଣା ଘଟାଇ ଘଟଣା ସ୍ଥଳରୁ ବସ ଡ୍ରାଇଭର ଫେରାର ହୋଇଯାଇଛି । ଖବର ପାଇ ଯାଜପୁରରୋଡ଼ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ବସକୁ ଜବତ କରି ଥାନାକୁ ନେଇ ୫୨୧/୨୬ ରେ ମାମଲା ରୁଜୁକରିଛି । ଦୁର୍ଘଟଣା ଘଟାଇଥିବା ବସ୍‌ଟି କଳିଙ୍ଗନଗର ଶିଳ୍ପାଞ୍ଚଳକୁ କର୍ମଚାରୀମାନଙ୍କୁ ନେବା ଆଣିବାରେ ନିୟୋଜିତ । ସହରରେ ବହୁଳ ଭାବେ ଶିଳ୍ପାଞ୍ଚଳ ବସ୍ ଚଳାଚଳ ଯୋଗୁଁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯାଇଥିବା ନଜିର ରହିଛି । ବସ ଚାଳକଙ୍କ ବେପରୁଆ ଚାଳନା ବାଇକ ଓ ପାଦଚଲା ଲୋକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଯାହାକୁ ନେଇ ବିଭିନ୍ନ ସଂଗଠନ ପକ୍ଷରୁ ସହର ମଧ୍ୟରେ ଶିଳ୍ପାଞ୍ଚଳ ବସ୍ ଚଳାଚଳ ଉପରେ କଟକଣା କରାଯିବାକୁ ପ୍ରଶାସନ ନିକଟରେ ଦାବି ହେଉଥିଲେ ମଧ ତାହା ସଫଳ ହେଉନାହିଁ। ଯାହାଫଳରେ ସାଧାରଣ ଲୋକଙ୍କ ଧନ ଜୀବନ ହାନି ହେଉଛି । ସହର ମଧ୍ୟରେ ଶହ ଶହ କାରଖାନା ବସ ଚଳାଚଳକୁ ବନ୍ଦ କରିବାକୁ ଘଟଣା ସ୍ଥଳରେ ସ୍ଥାନୀୟ ବାସିନ୍ଦା ଅଡ଼ିବସିଥିଲେ । ଥାନାଧିକାରୀ ଆଶିଷ ସାହୁ ଲୋକମାନଙ୍କୁ ବିଝାସୁଝା କରି ରାସ୍ତାରୁ ହଟାଇଥିଲେ । ଲୋକମାନେ ଉତ୍ତେଜିତ ହୋଇ ବସ କାଚକୁ ଭଙ୍ଗାରୁଜା କରିଥିଲେ। ପୋଲିସ କ୍ରେନ ସାହାଯ୍ୟରେ ବସକୁ ରାସ୍ତାରୁ ହଟାଇ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ । ଜିଲା ପ୍ରଶାସନ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ସହର ମଧ୍ୟରେ ଏହି ବସ ଚଳାଚଳକୁ ବନ୍ଦ କରିବାକୁ ଦାବି କରିଥିଲେ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୭ ସେପ୍ଟେମ୍ବର, ୨୦୨୬ ସୋମବାର





# କେନ୍ଦୁଝରର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜାତୀୟ ସ୍ତରରେ ସମ୍ମାନିତ




**କେନ୍ଦୁଝର: ନ୍ୟୁଜ**

ଶିକ୍ଷା କ୍ଷେତ୍ରରେ ନବୀନ ପ୍ରୟାସ, ଶିକ୍ଷାଗତ ପରିଚାଳନାରେ ସୁଧାର ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରି ବ୍ୟାପକ ପରିବର୍ତ୍ତନ ଆଣିବାର ନିରବଚ୍ଛିନ୍ନ ଉଦ୍ୟମ ପାଇଁ କେନ୍ଦୁଝରରେ କାର୍ଯ୍ୟରତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ନୂଆଦିଲ୍ଲୀସ୍ଥିତ ପ୍ରସିଦ୍ଧ 'ଜାତୀୟ ଶିକ୍ଷା ଯୋଜନା ଓ ପ୍ରଶାସନ ସଂସ୍ଥାନ' ପକ୍ଷରୁ ତାଙ୍କୁ ୨୦୨୩-୨୪ ବର୍ଷ ପାଇଁ ଏହି ମାନ୍ୟତାପ୍ରାପ୍ତ 'ଶିକ୍ଷା ପ୍ରଶାସନରେ ନବୀନ ପ୍ରୟାସ ଓ ଉତ୍ତମ ପରିଚାଳନା ପାଇଁ ଜାତୀୟ ପୁରସ୍କାର' ପ୍ରଦାନ କରାଯାଇଛି। ଗତ ସେପ୍ଟେମ୍ବର ୨ ଓ ୩ ତାରିଖରେ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ବିଶିଷ୍ଟ ଶିକ୍ଷାବିତ୍, କେନ୍ଦ୍ରୀୟ ପ୍ରଶାସକ ଓ ନିମନ୍ତ୍ରିତ ଅତିଥିମାନଙ୍କ ଉପସ୍ଥିତିରେ ଶ୍ରୀ ବେହେରାଙ୍କୁ ମାନପତ୍ର, ସ୍ମାରକୀ ଟ୍ରଫି ଏବଂ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ସଫଳତା ପରେ ନିଜ ପ୍ରତିକ୍ରିୟାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବେହେରା କହିଛନ୍ତି ଯେ, 'ଏହି ସମ୍ମାନର ସମସ୍ତ ଶ୍ରେୟ କେନ୍ଦୁଝର ଜିଲ୍ଲାର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ବିଭାଗୀୟ ସହଯୋଗୀଙ୍କର। ସେମାନଙ୍କ ସହଯୋଗ ବିନା ଏହା ସମ୍ଭବ ହୋଇପାରିନଥାନ୍ତା। ଏହି ସ୍ୱୀକୃତି ମୋତେ ଭବିଷ୍ୟତରେ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାରେ ଆହୁରି ଗୁଣାତ୍ମକ ସୁଧାର ଆଣିବା ଏବଂ ଶିକ୍ଷାର ବିକାଶ ପାଇଁ ନିଷ୍ଠାର ସହ କାମ କରିବାକୁ ଆହୁରି ଅଧିକ ପ୍ରେରଣା ଯୋଗାଇବ।'

ଏହି ଜାତୀୟ ସଫଳତା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ, ବିଭିନ୍ନ ଶିକ୍ଷକ ସଂଘ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଶ୍ରୀ ବେହେରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆଳି ଓ ରାଜକନିକା ବ୍ଲକକୁ ବନ୍ୟା ପ୍ରଭାବିତ ଘୋଷଣା ପାଇଁ ଦାବି

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ଗତ ଏକ ମାସରୁ ଊର୍ଦ୍ଧ୍ୱ ହେବ ବ୍ରାହ୍ମଣୀ, କାଣୀ ଓ ଖରସ୍ରୋତା ନଦୀର ବନ୍ୟା ଏବଂ ଲଗାଣ ଭାରି ବର୍ଷା ହେତୁ ସମଗ୍ର ଆଳି ବ୍ଲକ ଏବଂ ରାଜକନିକା ବ୍ଲକର ଶହ ଶହ ହେକ୍ଟର ଚାଷ ଜମି, ରାସ୍ତା ଘାଟ ଦୀର୍ଘ ଦୁଇ ମାସ ହେବ ଜଳ ମଗ୍ନ ହୋଇ ପଡିଛି। ଆଳି ଏବଂ ରାଜକନିକା ବ୍ଲକ ଦୁଇଟିକୁ ଘେରି ରହିଥିବା ତିନୋଟି ନଦୀର ବନ୍ୟା ଜଳ କମୁ ନଥିବାରୁ ଆଳି ଭେଡାରେ ଜମି ରହିଥିବା ବର୍ଷା ଜଳ ନିଷ୍କାସିତ ହୋଇ ପାରୁନାହିଁ। ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଜଣାଯାଏ ଯେ ଆଳି ବ୍ଲକର ଧୋୟା ଅଞ୍ଚଳର ଅଧିବାସୀମାନଙ୍କର ଅବସ୍ଥା ଯାହା ଆଳି ରିଙ୍ଗ ବନ୍ଧ ମଧ୍ୟରେ ଅବସ୍ଥିତ ପଞ୍ଚାୟତ ବାସୀଙ୍କ ଅବସ୍ଥା ମଧ୍ୟ ସେଇଆ। ରାଜକନିକା ବ୍ଲକର ଅବସ୍ଥା ମଧ୍ୟ ଭୟଙ୍କର। ଦୁଇଟି ଯାକ ବ୍ଲକରେ ଲକ୍ଷାଧିକ ଅଧିବାସୀ ଦୀର୍ଘ ଏକ ମାସରୁ ଊର୍ଦ୍ଧ୍ୱ ହେବ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ବନ୍ୟା ଏବଂ ଲଗାଣ ବର୍ଷା ହେତୁ ସମ୍ପୂର୍ଣ୍ଣ ଫସଲ ଧୋଇ ଯାଇଥିବା ବେଳେ ଗୋଖାଦ୍ୟର ଉତ୍କଟ ଅଭାବ ଦେଖାଦେଇଛି। ହଜାର ହଜାର ଚାଷୀ ଏବଂ ଭାଗ ଚାଷୀ ଫସଲ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇ ଯାଇଥିବାରୁ, ହତାଶ ହୋଇ ପଡିଛନ୍ତି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଆସନ୍ତା ଏକ ମାସ ମଧ୍ୟରେ ପାଗରେ କୌଣସି ବିଶେଷ ପରିବର୍ତ୍ତନ ହେଲା ଭଳି ଲାଗୁ ନାହିଁ। ଯଦି ଏହିପରି ଭାବରେ ବର୍ଷା ଓ ବନ୍ୟା ଲାଗି ରହେ ତେବେ ଆହୁରି ଦୁର୍ଦ୍ଦଶା ବଢ଼ିଯିବ। ଏହି ପରିପ୍ରେକ୍ଷୀରେ ସମଗ୍ର ଆଳି ଓ କନିକାର ସମସ୍ତ ତେଷଠି ପଞ୍ଚାୟତକୁ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ଘୋଷଣା କରିବାକୁ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଦାମୋଦର ରାଉଳ ଏବଂ ଦଶ ପଞ୍ଚାୟତ ବିକାଶ ପରିଷଦ ସଭାପତି ବ୍ରଜ ସୁନ୍ଦର ଭୂୟାଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିବା ସହିତ ଏକ ଲିଖିତ ଦାବିପତ୍ର ଉପସ୍ଥାପିତ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ତଥା ପତ୍ରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିପିନ ବିହାରୀ ପରିଡା, ନରେନ୍ଦ୍ରପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ନକୁଳ ଚରଣ ପରିଡା, ବରିଷ୍ଠ ସମାଜସେବୀ ଅଭୟ କୁମାର ସାହୁ, ସିଙ୍ଗିରି ପଞ୍ଚାୟତର ପୂର୍ବତନ ସରପଞ୍ଚ ନୀଳମଣି ସେଠୀ, ବରିଷ୍ଠ ସଭ୍ୟ ମୁରଲୀଧର ପ୍ରଧାନ, କାର୍ତ୍ତିକ ଦାଶ, ସୁରେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



# ସୂଚନା ଅଧିକାର ଆଇନରେ ତଥ୍ୟ ନଦେବାରୁ ୨୫ହଜାର ଟଙ୍କା ଜରିମାନା

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

ସୂଚନା ଅଧିକାର ଆଇନରେ ତଥ୍ୟ ନଦେବାରୁ ୨୫,ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଓଡିଶା ସୂଚନା କମିଶନର। ସୂଚନା ଅଧିକାର ଆଇନରେ ଦରଖାସ୍ତକାରୀଙ୍କୁ ତଥ୍ୟ ନଦେବା ମହଙ୍ଗା ପଡିଛି। ଠିକଣା ସମୟରେ ଦରଖାସ୍ତକାରୀ ସାମ୍ବାଦିକ ନିତ୍ୟାନନ୍ଦ ମହାଳିକଙ୍କୁ ବ୍ୟାସନଗର ପୌର ପରିଷଦରୁ ତଥ୍ୟ ନମିଳିବାରୁ ସେ ଏନେଇ ଓଡିଶା ସୂଚନା କମିଶନଙ୍କୁ ଅପିଲ କରିଥିଲେ। ସୂଚନା କମିଶନ ଅପିଲକୁ ବିଚାର କରି ବ୍ୟାସନଗର ପୌର ପରିଷଦର ଲୋକ ସୂଚନା ଅଧିକାରୀ ସମେତ ଚାରି ଜଣ କର୍ମଚାରୀଙ୍କୁ ଉପରେ ୨୫ ହଜାର ଟଙ୍କା ଜୋରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାଇ ବ୍ୟାସନଗର ପୌର ପରିଷଦ ପକ୍ଷରୁ ବ୍ୟାସ ସରୋବର ମେଳା ଓ ମହୋତ୍ସବରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ତେବେ ମହୋତ୍ସବରେ କେତେ ଟଙ୍କା କେଉଁ ବାବଦରେ ଖର୍ଚ୍ଚ କରା ଯାଇଛି ତାହାର ତଥ୍ୟ ଜାଣିବା ପାଇଁ ଲୋକ ସୂଚନା ଆଇନ ଅନୁସାରେ ନିତ୍ୟାନନ୍ଦ ମହାଳିକ ପୌର ପରିଷଦର ଲୋକ ସୂଚନା ଅଧିକାରୀ ଙ୍କ ନିକଟରେ ଦରଖାସ୍ତ କରିଥିଲେ। କିନ୍ତୁ ଲୋକ ସୂଚନା ଅଧିକାରୀ ତଥ୍ୟ ନଦେବାରୁ ସୂଚନା କମିଶନରଙ୍କ ନିକଟରେ ଅପିଲ କରାଯାଇଥିଲା। ବ୍ୟାସନଗର ପୌର ପରିଷଦର ଲୋକ ସୂଚନା ଅଧିକାରୀଙ୍କୁ ୯. ୧୧. ୨୪ରେ ତଥ୍ୟ ମଗା ଯାଇଥିଲା। ଗୋଟିଏ ମାସ ମଧ୍ୟରେ ତଥ୍ୟ ମିଳିବାକୁ ନିୟମ ଥିବାବେଳେ ସୂଚନା ଅଧିକାରୀ ଏହାକୁ କର୍ଣ୍ଣପାତ ନକରିବାରୁ ୯.୧୨. ୨୪ରେ ଫାର୍ଷ୍ଟ ଆପିଲେଟକୁ ଏହାର ବିଚାର ପାଇଁ ଆବେଦନ କରିଥିଲେ। ଫାର୍ଷ୍ଟ ଆପିଲେଟ ୪୫ ଦିନ ମଧ୍ୟରେ ନଡାକିବାରୁ ଆବେଦନ କରି ଶ୍ରୀ ମହାଳିକ ଓଡିଶା ସୂଚନା କମିଶନର ଭୁବନେଶ୍ୱରଙ୍କ ନିକଟରେ ନ୍ୟାୟ ଓ ତଥ୍ୟ ପାଇବା ପାଇଁ ଆବେଦନ କରିଥିଲେ। ସୂଚନା କମିଶନର ଆବେଦନକାରୀଙ୍କୁ ନିଜ କାର୍ଯ୍ୟାଳୟକୁ ଶୁଣାଣି ପାଇଁ ଡାକିଥିଲେ। ବ୍ୟାସନଗର ପୌରପରିଷଦର ଲୋକ ସୂଚନା ଅଧିକାରୀଙ୍କୁ ମଧ୍ୟ ନୋଟିସ୍ ହୋଇଥିଲା। ବିଭିନ୍ନ କାରଣ ଦର୍ଶାଇ ତଥ୍ୟ ଦେବା ପାଇଁ କିଛି ଦିନ ସମୟ ନେଇଥିଲେ ମଧ୍ୟ ନିର୍ଦ୍ଧାରିତ ସମୟରେ ତଥ୍ୟ ନଦେବାରୁ ଆବେଦନକାରୀ ପୁନଶ୍ଚ ଲୋକ ସୂଚନା ଅଧିକାରୀ ବ୍ୟାସନଗରଙ୍କୁ ହାଜର ହେବା ପାଇଁ ଡାକିଥିଲେ। ସୂଚନା କମିଶନର ସମସ୍ତ ତଥ୍ୟକୁ ବିଚାରକୁ ନେଇ ବ୍ୟାସନଗର ପୌର ପରିଷଦର ଲୋକ ସୂଚନା ଅଧିକାରୀ ସମେତ ଚାରି ଜଣ କର୍ମଚାରୀ ପୂର୍ବତନ ସୂଚନା ଅଧିକାରୀ ମାନସ ରଞ୍ଜନ ସାହୁଙ୍କ ନୀଳମାଧବ ନନ୍ଦ, ଶୁଭସ୍ମିତା ରାଉତ, ଅମିତ୍ ପୁରୋହିତ, ଲକ୍ଷ୍ମୀକାନ୍ତ ଜେନା ନାମରେ ଜଣକା ୫ ହଜାର ଟଙ୍କା ଜୋରିମାନା କରିବା ସଙ୍ଗେ ଜୋରିମାନା ଟଙ୍କାକୁ ତାଙ୍କ ଦରମା କିମ୍ବା ପେନସନରୁ କାଟିବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ସୂଚନା କମଶନର ନିର୍ଦ୍ଦେଶ ଦେଇଛନ୍ତି।

# ଜଗତସିଂହପୁର ନଗର ଓ ବ୍ଲକ କଂଗ୍ରେସ ନୂତନ କମିଟି ଗଠିତ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକଙ୍କ ଅନୁମୋଦନ କ୍ରମେ ଜଗତସିଂହପୁର ନଗର ଓ ବ୍ଲକ କଂଗ୍ରେସ କମିଟିର ନୂତନ କମିଟି ଘୋଷଣା କରାଯାଇଛି। ସଙ୍ଗଠନକୁ ସୁଦୃଢ଼ କରିବା ଏବଂ ତୃଣମୂଳ ସ୍ତରରେ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଏହି ନୂଆ କମିଟି ଗଠନ କରାଯାଇଛି। ନଗର କମିଟି ନୂତନ କମିଟିରେ କୋଷାଧ୍ୟକ୍ଷ ଭାବେ ଦିଲ୍ଲୀପ କୁମାର ସିଂହଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ, ଉପ-ସଭାପତି ଭାବେ ପ୍ରମୋଦ କୁମାର ମହାପାତ୍ର, ତ୍ରିପୁରେଶ୍ୱର ମଲ୍ଲିକ, ଅଭୟ କୁମାର ସାରଙ୍ଗୀ, ଏସ୍.କେ. ସଫାତ, ଅତୁଲ୍ୟ କୁମାର ବିଶ୍ୱାଳ, ପ୍ରଣବ ମହାପାତ୍ର, ରବି ନାରାୟଣ ସାହୁ ଓ ସନ୍ଦୀପ ମହାନ୍ତିଙ୍କୁ ନିଯୁକ୍ତ କରାଯାଇଛି। ସାଧାରଣ ସମ୍ପାଦକ ଭାବେ ଗୁରୁ ପ୍ରସାଦ ସାରଙ୍ଗୀ, ଜାହୁର ଖାନ, ଶାରଦା ପ୍ରସାଦ ଦାସ, ରାଜେନ୍ଦ୍ର କୁମାର ସ୍ୱାଇଁ, ଅରାତତ୍ରାଣ ଭୋଇ, ଅମିତ କୁମାର ଖୁଣ୍ଟିଆ, ରଞ୍ଜୁ ଭୋଇ ଏବଂ ପୁଷ୍ପାଞ୍ଜଳି ମହାପାତ୍ରଙ୍କୁ ଦାୟିତ୍ୱ ମିଳିଛି।

ସମ୍ପାଦକ ଭାବେ ରମେଶ ଚନ୍ଦ୍ର ବିଶ୍ୱାଳ, ଶିବ ପ୍ରସାଦ ଜେନା, ଅଶୋକ କୁମାର ଦାସ, ଆଶିଷ କୁମାର ମହାନ୍ତି, ସଞ୍ଜୟ କୁମାର ସାହୁ, ଏସ୍.କେ ୟୁସୁଫ, ଅମରେନ୍ଦ୍ର ଦାସ, ତୁଳା ଦାସ ଏବଂ ଶରତ ଚନ୍ଦ୍ର ସାମଲଙ୍କ ନାମ ଘୋଷଣା କରାଯାଇଛି।

ବ୍ଲକ କମିଟି ଜଗତସିଂହପୁର ବ୍ଲକ ନିମନ୍ତେ ଉପ-ସଭାପତି ଭାବେ ପ୍ରତାପ ପାଲଓ୍ୱାର, ନଳିନୀକାନ୍ତ ସ୍ୱାଇଁ, ଅମୀୟ କୁମାର ରଥ ଏବଂ ହାଫିଜୁର ରେହମାନ ଏବଂ କୋଷାଧ୍ୟକ୍ଷ ଭାବେ ଅନୁପ କୁମାର ମହାନ୍ତି ନିଯୁକ୍ତ ହୋଇଛନ୍ତି। ସାଧାରଣ ସମ୍ପାଦକ ଭାବେ କାହ୍ନୁଚରଣ ରାଉତ, ସ୍ମୃତି ରଞ୍ଜନ ମହାନ୍ତି, ବିଜୟ କୁମାର ପାଲଓ୍ୱାର, ସିବାଶିଷ ତ୍ରିପାଠୀ, ପିତବାସ ରାଉତ, ନୀଳକଣ୍ଠ ଭୋଇ, ସୁବ୍ରତ କୁମାର ପଣ୍ଡା, ରମାକାନ୍ତ ସାହୁ, ଶିବ ପ୍ରସାଦ ରାୟ, କୃଷ୍ଣଚନ୍ଦ୍ର ମହାରଣା, ଉମେଶ ଚନ୍ଦ୍ର ସ୍ୱାଇଁ, ଲକ୍ଷ୍ମୀନାରାୟଣ ମହାନ୍ତି ଓ ମନୋରଞ୍ଜନ ପୂହାଣ ସ୍ଥାନ ପାଇଛନ୍ତି। ସମ୍ପାଦକ ଭାବେ ଅନୁପମା ଦାସ, ପ୍ରିୟଦର୍ଶନ ତ୍ରିପାଠୀ, କବିତା ମିଶ୍ର, ବୈକୁଣ୍ଠ ରାୟ, ଧନଞ୍ଜୟ ମହାନ୍ତି, କୃଷ୍ଣଚନ୍ଦ୍ର ବାସ୍ତିଆ, ମନୋଜ ପ୍ରଧାନ, ସଞ୍ଜୟ କୁମାର ନାଥ ଓ ଅବଦୁଲ ମାଜିଦ ନିଯୁକ୍ତ ହୋଇଛନ୍ତି। ଏହାସହ ଜୋନ-୧ ସଭାପତି ଭାବେ ରାଜକିଶୋର ସାହୁ, ଜୋନ-୨ ସଭାପତି ସଞ୍ଜିତ କୁମାର ପତି, ଜୋନ-୩ ସଭାପତି ଧନଞ୍ଜୟ ପୃଷ୍ଟି ଏବଂ ଜୋନ-୪ ସଭାପତି ଭାବେ ବିଭୁ ପ୍ରସାଦ ତ୍ରିପାଠୀଙ୍କ ନାମ ଘୋଷଣା କରାଯାଇଛି।

# ଐତିହାସିକ ସୁଦାମ ନାଏକଙ୍କୁ ସମ୍ବର୍ଦ୍ଧିତକଲେ ପ୍ରାକ୍ତନ ଜିଲ୍ଲାପାଳ



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ଘୋର ଆର୍ଥିକ ଅନାଟନ ଅସୁବିଧା ସତ୍ତ୍ୱେ ମଧ୍ୟ କମ ବୟସରୁ ଖୁବ୍ ସଂଘର୍ଷ କରି ନିଜର ସାରସ୍ୱତ ପ୍ରତିଭା କୁ ଜାଗ୍ରତ କରି ରଖିଥିବା ସୋନପୁରର କଳା ସଂସ୍କୃତି ପ୍ରେମୀ, ଗବେଷକ ତଥା ଐତିହାସିକ, ବାଗ୍ମୀ ସୁଦାମ ନାଏକଙ୍କ ଅସ୍ଥାୟୀ ବାସଭବନରେ ପହଞ୍ଚିଲେ ସୁବର୍ଣ୍ଣପୁର ର ପ୍ରାକ୍ତନ ଜିଲ୍ଲାପାଳ ତଥା ସୁ -ସାହିତ୍ୟିକ ଡ଼. ନୃପରାଜ ସାହୁ। ସହରର ବୁଦ୍ଧିଜୀବୀ ସାମ୍ବାଦିକ, ସମାଜସେବୀଙ୍କ ଗହଣରେ ଦୀର୍ଘ ଘଣ୍ଟାଏ ସମୟ ଧରି ଶ୍ରୀ ନାଏକ ଓ ତାଙ୍କ ପରିବାର ସହ ଆଲୋଚନା କରି ତାଙ୍କୁ ପ୍ରୋତ୍ସାହିତ କଲେ। ଶ୍ରୀ ନାଏକଙ୍କୁ ଉପ ଢୌକନ କିଛି ଅଙ୍ଗ ବସ୍ତ୍ର ସହିତ ଜିଲ୍ଲାପାଳ ଡ଼ ସାହୁ ସମ୍ବର୍ଦ୍ଧିତ କରିଥିବା ବେଳେ ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ଡ଼. ସାହୁଙ୍କ ଦ୍ୱାରା ପାଞ୍ଚ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏତିକି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସୋନପୁରର ସାହିତ୍ୟ ସଂସ୍କୃତିକୁ ଉଜ୍ଜୀବିତ କରିବା ପ୍ରୟାସ ଜାରି ରଖି ଥିବା ଏହି ମହାନ ପ୍ରତିଭା ଶ୍ରୀ ନାଏକଙ୍କୁ ଆଗାମୀ ଦିନରେ ଆହୁରି ପ୍ରୋତ୍ସାହିତ କରିବାର ଜିଲ୍ଲାପାଳଙ୍କ ଏହି ସାହସ ଦୃଢ଼ ପ୍ରତିଶ୍ରୁତି ଓ ପ୍ରୟାସ ପ୍ରଶଂସନୀୟ।

# ଏମ୍‌କେସିଜିରେ ମିଳୁନି ଜରୁରୀ ଔଷଧ : ରୋଗୀ ନିରାଶ




**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ର ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗରେ ଜରୁରୀକାଳୀନ ଔଷଧ ଅଭାବ ପରିଲକ୍ଷିତ ହୋଇଛି। ପ୍ରସୂତିଙ୍କ ରକ୍ତସ୍ରାବ ବନ୍ଦ କରିବା ପାଇଁ ସ୍ୱତନ୍ତ୍ର ଭାବେ ଯୋଗାଣ ହେଉଥିବା ଔଷଧ ନଥିବାରୁ ରକ୍ତସ୍ରାବ ବନ୍ଦ କରିବାକୁ ସାଧାରଣ ରୋଗୀଙ୍କୁ ଦିଆଯାଉଥିବା ଔଷଧରେ କାମ ଚଳୁନି। ଉକ୍ତ ଔଷଧ ପ୍ରସୂତିଙ୍କ ଶରୀରରେ ବିଳମ୍ବରେ କାମ କରୁଛି। ଆଜକୁ ମାସାଧିକ କାଳ ହେବ ଏମ୍‌କେସିଜି ଲେବର ରୁମ୍‌ରେ ଏଭଳି ସ୍ଥିତିଲାଗି ରହିଛି। ଏ ଦିଗରେ ଏମ୍‌କେସିଜି କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି। ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ର ପ୍ରସୂତି ବିଭାଗରେ ଥିବା ଲେବର ରୁମ୍‌ରେ ପ୍ରତ୍ୟେକ ଦିନ ୨୦ରୁ ଅଧିକ ଗର୍ଭବତୀ ଭର୍ତି ହେଉଛନ୍ତି। ସେଥିରୁ କିଛି ମହିଳାଙ୍କ ଶିଶୁ ଜନ୍ମ ହେବା ପରେ ଅତ୍ୟଧିକ ରକ୍ତସ୍ରାବ ହୋଇଥାଏ। ଏହି ସମୟରେ ପ୍ରସୂତିଙ୍କୁ ଥରଜିନ୍ ଓ କାର୍ବୋପ୍ରୋଷ୍ଟ ନାମକ ୨ଟି ଔଷଧ ପ୍ରଦାନ କରାଯାଇଥାଏ। ଏହି ୨ଟି ଔଷଧ ଶିଶୁ ଜନ୍ମପରେ ଅତ୍ୟଧିକ ରକ୍ତସ୍ରାବ ରୋକିବା ପାଇଁ ବ୍ୟବହାର କରାଯାଏ। ହେଲେ ଗତ କିଛି ଦିନ ହେବ ଏହି ଔଷଧ ଏମ୍‌କେସିଜିର ପ୍ରସୂତି ବିଭାଗରେ ଉପଲବ୍ଧ ନାହିଁ। ବିଭାଗ ପକ୍ଷରୁ ବାରମ୍ବାର ଏମ୍‌କେସିଜି କର୍ତ୍ତୃପକ୍ଷଙ୍କ ନିକଟକୁ ସୂଚନା ପ୍ରଦାନ କରାଯାଇଥିଲେ ମଧ୍ୟ ଆଜି ଯାଏଁ ଉକ୍ତ ଔଷଧ ଯୋଗାଣ ହୋଇନାହିଁ। ପ୍ରସୂତି ବିଭାଗ ଡ଼ାକ୍ତରଙ୍କ କହିବା ପ୍ରକାରେ ଏହି ଔଷଧ ଗର୍ଭବତୀଙ୍କୁ ରକ୍ତସ୍ରାବ ସମୟରେ ପ୍ରଦାନ କରାଯାଇଥାଏ। ବର୍ତ୍ତମାନ ତାହା ନଥିବାରୁ ଏହାର ବିକଳ୍ପ ରୂପେ ଟ୍ରାନେକ୍ସା ନାମକ ଔଷଧ ପ୍ରଦାନ କରାଯାଉଛି। ହେଲେ ଏହି ବିକଳ୍ପ ଔଷଧ ପ୍ରସୂତିଙ୍କ ଶରୀରରେ ବିଳମ୍ବରେ ପ୍ରତିକାର ଦେଖାଉଛି। ଫଳରେ ମହିଳାଙ୍କ ରକ୍ତସ୍ରାବ ରୋକିବାରେ ବିଳମ୍ବ ଘଟୁଛି। ଯାହା ରୋଗୀଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ସୃଷ୍ଟି କରୁଛି। ଏମ୍‌କେସିଜି ମେଡ଼ିକାଲ୍‌ର ଔଷଧ ଭଣ୍ଡାରରେ ଏହି ଔଷଧ ଉପଲବ୍ଧ ନଥିବାରୁ ପ୍ରସୂତି ବିଭାଗକୁ ଯୋଗାଣ ହୋଇପାରୁ ନଥିବା କୁହାଯାଉଛି। ଷ୍ଟୋର ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅବହେଳା ଯୋଗୁଁ ନାଁ ଔଷଧ ଯୋଗାଣ ବିଭାଗର ଅବହେଳାକୁ ଏଭଳି ସ୍ଥିତି ଉପୁଜୁଛି ତାହା ଯାଞ୍ଚ କରି ତୁରନ୍ତ ରୋଗୀଙ୍କୁ ଔଷଧ ପ୍ରଦାନ କରିବାକୁ ଦାବି ହେଉଛି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ଘରୁ ଡକାୟତି ଘଟଣା

## ୨ ଅଭିଯୁକ୍ତ ଗିରଫ : ଟଙ୍କା, ବାଇକ୍, ମୋବାଇଲ ଜବତ



**ଝରିଗାଁ, ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ବଣ୍ଣୁଆଗୁଡ଼ା। ଗାଉଁଟିଆଗୁଡ଼ାରେ ଅବସରପ୍ରାପ୍ତ ଶିକ୍ଷକ ଲଚମନ ଠାକୁରଙ୍କ ଘରେ ହୋଇଥିବା ସଶସ୍ତ୍ର ଡକାୟତି ଘଟଣାରେ ପୁଲିସକୁ ମିଳିଛି ବଡ଼ ସଫଳତା। ଗତ ଜୁଲାଇ ୧୦ ତାରିଖ ବିଳମ୍ବିତ ରାତିରେ ୫ରୁ ୬ ଜଣ ସଶସ୍ତ୍ର ଡକାୟତ ଘରେ ପଶି ଅଲମାରି ଭାଙ୍ଗି ପ୍ରାୟ ୩ ଲକ୍ଷ ଟଙ୍କା ଓ ସୁନା ଗହଣା ଲୁଟି ନେଇଥିଲେ। ଘଟଣା ପରେ ଝରିଗାଁ ଓଓଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିଲା। ତଦନ୍ତ ପରେ ପୁଲିସ ଏହି ମାମଲାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଗିରଫ ଅଭିଯୁକ୍ତଙ୍କ ନିକଟରୁ ୧ ଲକ୍ଷ ୫୫ ହଜାର ଟଙ୍କା, ଗୋଟିଏ ମୋଟରସାଇକେଲ୍, ୩ଟି ମୋବାଇଲ୍ ଫୋନ୍ ଓ ଡକାୟତିରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଏହାସହ ୨୦୨୪ ନଭେମ୍ବରରେ ହାତୀବାଡ଼ି ଗାଁରେ ଘଟିଥିବା ଅନ୍ୟ ଏକ ଡକାୟତି ମାମଲାରେ ମଧ୍ୟ ସେମାନଙ୍କ ସମ୍ପୃକ୍ତି ଥିବା ସୂଚନା ମିଳିଛି। ଉମରକୋଟ ଝଉଚଙ୍ଗ ଶୁଭେନ୍ଦୁ ଶବର ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି। ତେବେ ଏହି ଗ୍ୟାଙ୍ଗରେ ଆଉ ୩ରୁ ୪ ଜଣ ସଦସ୍ୟ ଥିବା ସୂଚନା ମିଳିଥିବା ବେଳେ, ସେମାନଙ୍କୁ ଧରିବା ସହ ବାକି ଲୁଟ୍ ସାମଗ୍ରୀ ଉଦ୍ଧାର ପାଇଁ ପୁଲିସର ତଦନ୍ତ ଜାରି ରହିଛି।

# ବିଜେପିର 'ସେବା ସଂକଳ୍ପ ଅଭିଯାନ' କାର୍ଯ୍ୟକ୍ରମ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ମୋଦୀଙ୍କ ୨୫ ବର୍ଷ ସୁଶାସନ ଅବସରରେ ୨୫ଟି ସେବା କାର୍ଯ୍ୟ କରିବା ପାଇଁ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ 'ସେବା ସଂକଳ୍ପ ଅଭିଯାନ' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। । ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବରେ କନ୍ଧମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧକ୍ଷ କହ୍ନାଇ ଚରଣ ଡାଙ୍ଗ, ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଜିଲ୍ଲା ପ୍ରଭାରୀ ଗୋବିନ୍ଦ ଅଗ୍ରୱାଲଙ୍କ ସହିତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ରଚରଣ ମହାନ୍ତି ଏବଂ ଶ୍ରୀମତୀ ସଂଯୁକ୍ତା ନାଏକ ମଞ୍ଚାସୀନ ଥିଲେ। ଜିଲ୍ଲା ଉପସଭାପତି ତଥା ଏହି କାର୍ଯ୍ୟକ୍ରମର ସହ ସଂଯୋଜକ ସୁଶାନ୍ତ ବାଘ ବୈଠକକୁ ପରିଚାଳନା କରିଥିଲେ ଏବଂ ଜିଲ୍ଲା ସମ୍ପାଦକ ରାଜକୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲ୍ଲାର ପଦାଧିକାରୀ, ମଣ୍ଡଳ ସଭାପତି, ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଏବଂ ମଣ୍ଡଳ ଟୋଲି ଉପସ୍ଥିତ ଥିଲେ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୭।୦୯।୨୦୨୬, ଭାଦ୍ରବ ଦ୨୨ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୩୪।୨୭ ଚନ୍ଦ୍ରୋଦୟ- ରାଘ୧।୨୯।୨୨**

ଏକାଦଶୀ ସଂଘ ୫।୦୯ ପର୍ଯ୍ୟନ୍ତ, ପୁନର୍ବସୁ ନକ୍ଷତ୍ର ସଂଘ ୬।୧୫ ପର୍ଯ୍ୟନ୍ତ। ମିଥୁନ ଚନ୍ଦ୍ର ଦିଘ ୧୨।୪୦ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର, ମୀନ ରାଶିର। ଦିଘ ୧୨।୪୦ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର। **ଘାତଚନ୍ଦ୍ର-** କନ୍ୟା ରାଶିର। ଦିଘ ୧୨।୪୦ ଗତେ ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଓ ଆମିଷ ସଂଘ ୫।୦୯ ଗତେ ପୋଇ ଓ ମସୁର ଡାଲି ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୩୭ ଗତେ ଦିଘ ୭।୧ ମଧ୍ୟେ। ଦିଘ ୧୦।୩୨ ଗତେ ଦିଘ ୧୨।୫୯ ମଧ୍ୟେ। **ପର୍ବୋତ୍ସବ-** କାଳୀୟ ଦଳନ ଏକାଦଶୀ, ଅଜା ଏକାଦଶୀ ଓ ଧନୁକାସୁର ବଧ ପ୍ରସ୍ତାବ।



**ମେଷ:** ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଶତ୍ରୁମାନେ ପରାଜିତ ହେବେ। ଯାନବାହାନ କ୍ରୟ କରିବେ। ଅର୍ଥ ଲାଭ ହେବ। ବ୍ୟବସାୟରେ ଲାଭବାନ ହେବ। ପାରିବାରିକ ସୁଖ ଶାନ୍ତି ଲାଭ ହେବ।



**ବୃଷ:** ଏକାଧିକ କାମ ହାତରେ ଥିବା ହେତୁ ବ୍ୟସ୍ତ ରହିବେ। ମାଲିମକଦ୍ଦମାରେ ଶୁଣାଣି ବିଳମ୍ବରେ ହେବ। ସତ କଥା କହି ଅସୁବିଧାରେ ପଡିବେ। ରୋଜଗାରରେ ଉନ୍ନତି ହେବ। ଗୃହରେ ଆନନ୍ଦ ଲାଭ।



**ମିଥୁନ:** କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ। ମାନସିକ ସ୍ଥିତି ଭଲ ରହିବ ନାହିଁ। ସୁଖ ଓ ନିରାମୟ ଜୀବନ ଯାପନ କରିବେ। ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ। ମହିଳାମାନେ ସୁଖୀ ହେବାର ସୂଚନା।



**କର୍କଟ:** ଅନ୍ୟମାନେ ଆପଣଙ୍କ ପ୍ରତି ସହାନୁଭୂତି ଦେଖାଇବେ। ଦେହ ଓ ମନ ଭଲ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭ ହେବ। ରୋଜଗାର ସ୍ଥିର ରହିବ। ପରିବାରରେ ଶାନ୍ତି ଅଉବ୍ୟାହତ ରହିବ।



**ସିଂହ:** କର୍ମକ୍ଷେତ୍ରରେ କାମ ଅଟକି ରହିପାରେ। ବନ୍ଧୁ ଅଚିହ୍ନା ବ୍ୟବହାର କରିବେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ। ଆମୋଦ ପ୍ରମୋଦରେ ଦିନ କଟିବ।



**କନ୍ୟା:** ବେପାର ବାଣିଜ୍ୟରେ ମଧ୍ୟମ ଧରଣର ଫଳ ପ୍ରାପ୍ତ ହେବ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଘରେ ବିଶୃଙ୍ଖଳା ଦେଖାଦେବ। ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହେବ।



**ତୁଳା:** ବ୍ୟବସାୟରେ ଲାଭବାନ ହେବେ। ଦେହ ଓ ମନ ଭଲ ରହିବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ। ଭ୍ରମଣ ଯୋଗ ମଧ୍ୟ ରହିଛି। ଆୟର ପରିମାଣ ବୃଦ୍ଧି ପାଇବ।



**ବିଛା:** ବ୍ୟବସାୟରେ ଲାଭର ଆଶା କମ୍। ବ୍ୟୟର ମାତ୍ରା ବଢ଼ିବ। ବନ୍ଧୁଙ୍କ ସହ ମତଭେଦ ବୃଦ୍ଧି ହୋଇପାରେ। ଶତ୍ରୁଙ୍କ ଠାରୁ ସତର୍କ ରହିବେ। ମାଲିମକଦ୍ଦମାରେ ଶୁଣାଣି ବିଳମ୍ବ ହେବ।



**ଧନୁ:** ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇ ପାରନ୍ତି। କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ। ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ। ଘରେ ଖୁସି ଦେଖାଦେବ। ଶୁଭ ଖବର ମଧ୍ୟ ପାଇପାରନ୍ତି।



**ମକର:** କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ। ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ। ନୂତନ ଦ୍ରବ୍ୟମାନ କ୍ରୟ କରିପାରନ୍ତି। ରୋଜଗାର ଭଲ ହେବ। ଗୃହେ ଖୁସିର ବାତାବରଣ ଖେଳିଯିବ।



**କୁମ୍ଭ:** ଶତ୍ରୁ ନାଶ ହେବେ। ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଦେବ ଦର୍ଶନ ସହ ସେବା ପୂଜା ମଧ୍ୟ କରିପାର।



**ମୀନ:** କର୍ମ ଚଞ୍ଚଳ ରହିବେ। ଅଯୋଚିତ ଭାବରେ ବନ୍ଧୁ ସାହାଯ୍ୟ ସହଯୋଗ ପାଇ ପୁରୁଣା କାମକୁ ସୁରୁଖୁରୁରେ ନିର୍ବାହ କରିବେ। ଆୟର ପରିମାଣ ବଢ଼ିବ। ପରିବାରରେ ଖର୍ଚ୍ଚାନ୍ତ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୮।୦୯।୨୦୨୬, ଭାଦ୍ରବ ଦି୨୩ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୩୪।୩୯ ଚନ୍ଦ୍ରୋଦୟ-ରାଘ୩।୩୩।୪୦**

ଦ୍ୱାଦଶୀ ଦିଘ୨।୪୫ପର୍ଯ୍ୟନ୍ତ। **ପୁଷ୍ୟାନକ୍ଷତ୍ର ଦିଘ ୪।୫୦**ପର୍ଯ୍ୟନ୍ତ। କର୍କଟ ଚନ୍ଦ୍ର-ଅହୋରାତ **ଚନ୍ଦ୍ରଶୁଦ୍ଧି-**ମେଷ,ବୃଷ,କର୍କଟ,ସିଂହ,କନ୍ୟା,ତୁଳା, ମକର ଓ କୁମ୍ଭ ରାଶିର ୯।୫୫ଗତେ ବୃଷ,ମିଥୁନ,କର୍କଟ,ତୁଳା,ବିଛା,ମକର,କୁମ୍ଭ, ରାଶୀର **ଘାତ ଚନ୍ଦ୍ର- ନାହିଁ। ଶ୍ରାଦ୍ଧନିର୍ଣ୍ଣୟ-**ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-**ପୋଇ ଓ ମସୁର ଡାଲି ଦିଘ୨।୪୫ଗତେ ବାଇଗଣ ଖାଇବା ମନା। **ଆଜିର ଶୁଭବେଳା-**ଦିଘ ୮।୪୫ ଗତେ ଦିଘ ୧୦।୩୨ମଧ୍ୟେ। ଦିଘ ୧୨।୫୯ ଗତେ ଦିଘ ୧।୧୯ ମଧ୍ୟେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଆମେରିକାରେ ବି ଡିଜେଲ ଦାଉ

ବର୍ତ୍ତମାନ କେବଳ ଭାରତ ନୁହେଁ, ସାରା ବିଶ୍ୱରେ ମହଙ୍ଗା ମାଡ଼ରେ ଜୁଝି ହେଉଛି। ଏଥିରୁ ଆମେରିକା ମଧ ବାଦ ପଡ଼ିନାହିଁ। ଆମେରିକାରେ ମଧ ଲଗାତାର ମହଙ୍ଗା ବଢୁଥିବା ବେଳେ ନିକଟରେ ଡିଜେଲ ଦରରେ ବଡ଼ଧରଣର ବୃଦ୍ଧି ହୋଇଛି, ଯାହାକି ଅନେକ ପୁରୁଣା ରେକର୍ଡ ଭାଙ୍ଗିଛି। ବର୍ତ୍ତମାନ ଆମେରିକାରେ ଡିଜେଲର ହାରାହାରି ଦର ପ୍ରତି ଗ୍ୟାଲନ୍ ୫.୮୫ ଡଲାରରେ ପହଞ୍ଚିଛି। ଡିଜେଲ ମହଙ୍ଗା ହେବା ଯୋଗୁଁ ଏବେ ଦୈନନ୍ଦିନ ବ୍ୟବହାରର ସାମଗ୍ରୀ ସମେତ ଅନ୍ୟାନ୍ୟ ଜିନିଷର ଦର ମଧ ବଢ଼ିବାର ଆଶଙ୍କା ରହିଛି। ଯୁଦ୍ଧ ପୂର୍ବରୁ ଏତେ ମହଙ୍ଗା ନଥିଲା ଡିଜେଲ: ଆସୋସିଏଟେଡ୍ ପ୍ରେସ୍ ରିପୋର୍ଟ ଅନୁଯାୟୀ, ଇରାନ୍ ଓ ଆମେରିକା ମଧରେ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ, ଅର୍ଥାତ୍ ଫେବୃଆରୀ ଶେଷ ଆଡ଼କୁ ଆମେରିକାରେ ଡିଜେଲର ହାରାହାରି ଦର ପ୍ରତି ଗ୍ୟାଲନ୍ ପ୍ରାୟ ୩.୭୬ ଡଲାର ଥିଲା। ଏବେ ଏହା ବଢ଼ି ୫.୮୫ ଡଲାରରେ ପହଞ୍ଚିଛି। ସେହିପରି ଅଶୋଧିତ ତୈଳର ଅନ୍ତର୍ଜାତୀୟ ବେଞ୍ଚମାର୍କ ବ୍ରେଣ୍ଟ କ୍ରୁଡ୍‌ର ଦର ମଧ ପ୍ରତି ବ୍ୟାରେଲ୍ ୯୫ ଡଲାରରୁ ଅଧିକ ହୋଇଛି। ଯୁଦ୍ଧ ପୂର୍ବରୁ ବ୍ରେଣ୍ଟ କ୍ରୁଡର ଦର ପ୍ରାୟ ୭୦ ଡଲାର ଥିଲା। ଡିଜେଲ ଦର ବଢ଼ିବାର ପ୍ରଭାବ କେବଳ ଯାତାୟାତ ଖର୍ଚ୍ଚରେ ସୀମିତ ରହିବ ନାହିଁ। ଏହାର ସିଧାସଳଖ ପ୍ରଭାବ ବିଭିନ୍ନ ସାମଗ୍ରୀର ଦର ଉପରେ ପଡ଼ିପାରେ। ଅର୍ଥାତ୍ ଆଗାମୀ ଦିନରେ ମହଙ୍ଗା ମାଡ଼ ଆହୁରି ବଢ଼ିପାରେ। ମହଙ୍ଗା ହୋଇପାରେ—ଖାଦ୍ୟ ଓ ପାନୀୟ ସାମଗ୍ରୀ ସମେତ ଦୈନନ୍ଦିନ ବ୍ୟବହାରର ଜିନିଷ, ତାଜା ଫଳ, ପନିପରିବା, ସାମୁଦ୍ରିକ ଖାଦ୍ୟ ଓ ମାଂସ ଭଳି ଶୀଘ୍ର ନଷ୍ଟ ହେଉଥିବା ସାମଗ୍ରୀ, ଡେଲିଭରି କମ୍ପାନୀଗୁଡ଼ିକ ଉପରେ ମଧ ମହଙ୍ଗା ଡିଜେଲର ପ୍ରଭାବ ପଡୁଛି, ପୋଷାକ, କସମେଟିକ୍ସ ଓ ଫର୍ଣ୍ଣିଚରର ଦର ମଧ ବଢ଼ିପାରେ . କାହିଁକି ବଢ଼ିଲା ଡିଜେଲ ଦର ? ଆମେରିକା, ଇସ୍ରାଏଲ୍ ଓ ଇରାନ୍ ମଧରେ ଚାଲିଥିବା ଯୁଦ୍ଧକୁ ଡିଜେଲ ଦର ବୃଦ୍ଧିର ଏକ ବଡ଼ କାରଣ ବୋଲି କୁହାଯାଉଛି। ଯୁଦ୍ଧ ଯୋଗୁଁ ବିଶ୍ୱରେ ଇନ୍ଧନ ଯୋଗାଣ ପ୍ରଭାବିତ ହୋଇଛି ଏବଂ ଅଶୋଧିତ ତେଲର ଦର ବଢ଼ିଛି। ଡିଜେଲ ଟ୍ରକ୍, ଟ୍ରେନ୍, ଜାହାଜ ଏବଂ କୃଷି କାର୍ଯ୍ୟରେ ବ୍ୟବହୃତ ମେସିନ୍ ପାଇଁ ଅତ୍ୟନ୍ତ ଜରୁରୀ ଇନ୍ଧନ। ତେଣୁ ଡିଜେଲ ଦର ବଢ଼ିଲେ ଏହାର ପ୍ରଭାବ କେବଳ ପେଟ୍ରୋଲ୍ ପମ୍ପ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ ବରଂ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସାମଗ୍ରୀ ପରିବହନ ଖର୍ଚ୍ଚ ମଧ ବଢ଼ିବ। ଫଳରେ ଉତ୍ପାଦନଠାରୁ ଆରମ୍ଭ କରି ପରିବହନ ଓ ଡେଲିଭରି ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ବଢ଼ିଥାଏ ଏବଂ ଶେଷରେ ଏହାର ବୋଝ ଗ୍ରାହକଙ୍କ ଉପରେ ପଡ଼ିବ।

## ଓଡ଼ିଶା ସରକାରଙ୍କ ବିଭିନ୍ନ ଡିଜିଟାଲ୍ ଆପ୍ ଏବଂ ମୋବାଇଲ୍ ଆପ୍‌ର ବ୍ୟବହାର ଓ ଉପଯୋଗିତା ସମ୍ପର୍କରେ ଜନସଚେତନତା ସୃଷ୍ଟି

ଆପଣଙ୍କ ମତାମତ

ମହାଶୟ,

ଆପଣଙ୍କର ବହୁଳ ପ୍ରସାରିତ ତଥା ପ୍ରତିଷ୍ଠିତ "ସମ୍ବାଦ କଳିକା"ର ସ୍ତମ୍ଭ ମାଧ୍ୟମରେ ମୁଁ ଜନସାଧାରଣ ଏବଂ ସରକାରୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଏକ ଗୁରୁତ୍ୱ ପୂର୍ଣ୍ଣ ବିଷୟ ପ୍ରତି ଧ୍ୟାନ ଆକର୍ଷଣ କରିବାକୁ ଚାହୁଁଛି, ଯାହା ହେଉଛି ଆଧୁନିକ ଶାସନ ବ୍ୟବସ୍ଥାରେ ସରକାରୀ ଆପ୍ଲିକେସନ୍ ଗୁଡ଼ିକ ବିଷୟରେ ଡିଜିଟାଲ୍ ସାକ୍ଷରତା ଓ ସଚେତନତା ସୃଷ୍ଟି କରିବା।

ଓଡ଼ିଶା ସରକାର ଡିଜିଟାଲ୍ ଶାସନ କ୍ଷେତ୍ରରେ ଅନେକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଏକୀକୃତ ଓଡ଼ିଶା ୱାନ (Odisha One) ଆପ୍, ଜମିଜମା ପଞ୍ଜୀକରଣ ପାଇଁ ଇ-ରେଜିଷ୍ଟ୍ରେସନ (e-Registration) ଆପ୍ ଏବଂ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ଇ-ଚାଷୀ (e-Chasa) ଆପ୍ ସାଧାରଣ ଲୋକଙ୍କ ସମୟ ବଞ୍ଚାଇବା ସହ ଦଲାଲ୍ ପ୍ରଥା ଏବଂ ଦୁର୍ନୀତି ମୁକ୍ତ ଶାସନ ଯୋଗାଇବାରେ ବେଶ୍ ସହାୟକ ହୋଇପାରିଛି।ଏହା ସହିତ ଆରମ୍ଭ କରାଯାଇଥିବା 'ଆମ ସାଥୀ' (Ama Sathi) ହ୍ୱାଟ୍ସଆପ୍ ଚାଟ୍‌ବଟ୍ (WhatsApp Chatbot, Helpline: ନମ୍ବର ଏକ କ୍ରାନ୍ତିକାରୀ ପଦକ୍ଷେପ, ଯାହା ଜରିଆରେ ଜଣେ ନାଗରିକ ଘରେ ବସି ନିଜ ମୋବାଇଲ୍‌ରୁ ହିଁ ଜାତି, ଆୟ, ଜନ୍ମ କିମ୍ବା ବାସସ୍ଥାନ ପ୍ରମାଣପତ୍ର ଭଳି ୧୩୦ରୁ ଅଧିକ ସରକାରୀ ସେବା ସହଜରେ ପାଇପାରୁଛନ୍ତି।

ତେବେ ଦୁଃଖର ବିଷୟ ଏହି କି ଯେ, ଏହିସବୁ ଉନ୍ନତ ଡିଜିଟାଲ୍ ବ୍ୟବସ୍ଥା ଉପଲବ୍ଧ ଥିଲେ ମଧ ସାଧାରଣ ଜନତାଙ୍କ ମଧରେ ଏହାକୁ ନେଇ ଆବଶ୍ୟକୀୟ ସଚେତନତା ନାହିଁ। ବିଶେଷ କରି ଗ୍ରାମାଞ୍ଚଳ ଓ ସହରତଳି ଅଞ୍ଚଳରେ ଲୋକମାନେ ଜାଣିନାହାନ୍ତି ଯେ ସେମାନଙ୍କ ସ୍ମାର୍ଟଫୋନ୍‌ରେ ଏହି ସେବାଗୁଡ଼ିକ ଉପଲବ୍ଧ। ଫଳରେ ସାଧାରଣ କାମ ପାଇଁ ମଧ ଲୋକମାନେ ସରକାରୀ ଅଫିସ୍ କିମ୍ବା ଜନସେବା କେନ୍ଦ୍ରଗୁଡ଼ିକରେ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଛିଡ଼ା ହେଉଛନ୍ତି କିମ୍ବା ବାହାର ଲୋକଙ୍କୁ ମୋଟା ଅଙ୍କର ଅର୍ଥ ଦେଉଛନ୍ତି।

ଏହି ଡିଜିଟାଲ୍ ବ୍ୟବଧାନକୁ ଦୂର କରିବା ପାଇଁ ସରକାର ଏବଂ ସାମାଜିକ ସଂଗଠନଗୁଡ଼ିକ ପକ୍ଷରୁ ବ୍ୟାପକ ସଚେତନତା ଅଭିଯାନର ଆବଶ୍ୟକତା ରହିଛି। ଆପଣଙ୍କ ସମ୍ବାଦପତ୍ରରେ ପ୍ରତି ସପ୍ତାହରେ ଏକ ସ୍ୱତନ୍ତ୍ର ସ୍ତମ୍ଭ ମାଧ୍ୟମରେ ନିମ୍ନଲିଖିତ ବିଷୟଗୁଡ଼ିକୁ ପ୍ରକାଶ କରିବାକୁ ମୁଁ ଅନୁରୋଧ କରୁଛି:

(୧) ସରକାରଙ୍କ ସମସ୍ତ ଅଫିସିଆଲ୍ ଆପ୍ ଗୁଡ଼ିକର ସଠିକ୍ ନାମ, ସେଗୁଡିକର ଉପାଦେୟତା ଏବଂ ତାହାକୁ ଡାଉନଲୋଡ୍ କରିବାର ସୁରକ୍ଷିତ ମାଧ୍ୟମ।

(୨) କେଉଁ ହ୍ୱାଟ୍ସଆପ୍ ନମ୍ବର ବ୍ୟବହାର କରି କିଭଳି 'ଆମ ସାଥୀ' ଚାଟ୍‌ବଟ୍‌ରୁ ସରକାରୀ ପ୍ରମାଣପତ୍ର ଆଦି ଆବେଦନ କରାଯାଇପାରିବ, ତାର ଏକ ସରଳ ପଦ୍ଧତି।

(୩) ବିଦ୍ୟୁତ ବିଲ୍, ପାଣି ବିଲ୍ ଆଦି ଡିଜିଟାଲ୍ ପେମେଣ୍ଟ କରିବା ସମୟରେ ସାଇବର ଠକେଇରୁ କିପରି ସୁରକ୍ଷିତ ରହିବେ ସେ ନେଇ ସୂଚନା।

ଜନସଚେତନତା ସୃଷ୍ଟି କରିବାରେ ଗଣମାଧ୍ୟମ ସବୁବେଳେ ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ହୋଇ ଆସିଛି। ଆପଣଙ୍କ ସମ୍ବାଦପତ୍ର ମାଧ୍ୟମରେ ଏହି ଡିଜିଟାଲ୍ ସେବାଗୁଡ଼ିକର ପ୍ରଚାର ହେଲେ ଲକ୍ଷ ଲକ୍ଷ ଓଡ଼ିଆ ନାଗରିକ ଉପକୃତ ହୋଇପାରିବେ ଏବଂ ସେମାନଙ୍କର ଦୈନନ୍ଦିନ ଜୀବନ ଯାତ୍ରା ଅତି ସହଜ ହୋଇପାରିବ।

ଆପଣଙ୍କର ବିଶ୍ୱସ୍ତ

ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ,
ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ଅବସର ପ୍ରାପ୍ତ )
ନୀଳାଦ୍ରି ବିହାର, ଭୁବନେଶ୍ୱର.
ମୋ -୯୪୩୯୪୯୦୦୦୯.

# ଛାଇ ଭିତରେ ଦିବ୍ୟାଙ୍ଗ ଝିଅ - ବାପାର ବାତ୍ସଲ୍ୟ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

କାୟା, ଛାୟା - ପରସ୍ପର ସମ୍ବନ୍ଧିତ। ପ୍ରତିଟି ସଜୀବ ଅବା ଜଡ଼ବସ୍ତୁ; ଛାଇ ଏସବୁର ପାଖ ଛାଡ଼େନା। ଛାଇର ଅସ୍ତିତ୍ୱ ଆଲୋକକୁ ନେଇ। ଆଲୋକରେ ଏହାର ସ୍ଥିତି; ଅନ୍ଧକାରରେ ଅନ୍ତର୍ହିତ। ମାତ୍ର ଥାଏ ସବୁ ସମୟରେ। ଗୋଟିଏ କଥାରେ କହିଲେ ଛାଇ ସଭିଙ୍କର ଆପଣାର, ଢେର୍ ନିଜର। ଜ୍ଞାତି, ସ୍ୱଜନ, ବନ୍ଧୁବାନ୍ଧବ; ସମସ୍ତେ ପର ହୋଇଯିବେ, ଛାଇ କିନ୍ତୁ କାହାରିକୁ ପର କରିନି। ଘୁମନ୍ତ ଆକାଶର ଇଗଲ ପକ୍ଷୀର ଉଡ଼ାଣ, ପୃଥିବୀରେ ତା'ର ଛାଇ ପଡ଼େ। ଆକାଶର ଘୁମନ୍ତ ମେଘଖଣ୍ଡ; ସୂର୍ଯ୍ୟାଲୋକ ପଡ଼େ। ଘର ମଥାନ ଉପରେ ଛାଇ ଢାଙ୍କି ଦିଏ। ଏମିତିଟି ମା' ଛେଉଣ୍ଡ ଦିବ୍ୟାଙ୍ଗଟିଏ। ବାପା ତା'ର ଆଶ୍ରୟ, ଅବଲମ୍ବନ। ବାପ, ଝିଅ ପରସ୍ପରର ଛାଇ ସଦୃଶ। ସଦା ଅଭିନ୍ନ। ଏମିତି ଏକ ଦିବ୍ୟାଙ୍ଗ, ସେ କାହାରି ଦୟାର ପାତ୍ରୀ ନୁହେଁ। ପାଠ ପଢ଼ିଛି; ଉପର କ୍ଲାସ୍‌ରେ ପଢ଼ିବ, ଚାକିରି କରିବ। ତା' ବା'ର ଅଭାବ ଦୂର ହେବ। ଏଇ ଘଟଣା; ତା'ରି ଉପରେ ଗତିଶୀଳ ଗପଟିଏ, ଶିରୋନାମା 'ଛାଇ'। ଏହା ଏକ ପ୍ରତୀକାତ୍ମକ ରଚନା। ବାପା ରୂପକ ବଟବୃକ୍ଷର ଛାୟା; ଲାଳିତପାଳିତା ଦିବ୍ୟାଙ୍ଗଟି। ଜୀବନର ଅବିଚ୍ଛେଦ୍ୟ ସମ୍ପର୍କ। ଗଳ୍ପଟିର ଲେଖକ ଡ଼. ବିରଜା ରାଉତରାୟ। 'ଛାଇ' ଏକ ପ୍ରତୀକ; ତାହା ସମ୍ପର୍କକୁ ବାନ୍ଧିରଖେ। ବଞ୍ଚିବାର ସାହାରାହା ଯୋଗାଏ। ଏଇ କଥାବସ୍ତୁ ଉପରେ ଗପଟି ଦଣ୍ଡାୟମାନ।

ନିଦରବ ଶରିଆ। ବରା ପିଆଜି, ତେଲଭାଜି ବିକେ। ତା' ଜଳଖିଆର ଭାରି ଆଦର। ଭଲ ଦି' ପଇସା କମାଏ। ଘରେ ତା' ସ୍ତ୍ରୀ। ଛୋଟ ପରିବାର। ଶରିଆ ବାପା ହେଲା; ମାତ୍ର ଜନ୍ମହେବାର ବର୍ଷେ ପୂରିଲା। ପିଲାଟି ଉଭୟ ମୂକ, ବଧିର। ଝିଅ ପିଲାଟି; ତା'ରି ଭବିଷ୍ୟତ ଚିନ୍ତା। ଗାଁ ଡାକ୍ତରଖାନାରୁ କଟକ ବଡ଼ ଡାକ୍ତରଖାନା; କେତେ ଦଉଡ଼ିଲା। ଦିଅଁ ଦେବତାଙ୍କୁ ଭୋଗ ମନାସିଲା। ସବୁ ନିଷ୍ଫଳ। ଡାକ୍ତରବାବୁ କହିଦେଲେ; ଏ ପିଲାର ଅବସ୍ଥା ସବୁଦିନ ପାଇଁ ଏମିତି ରହିଯିବ। ପିଲାଟି ହାଉଁ ହାଉଁ କରେ; ବାପା, ମା' ଡାକି ପାରେନି। କିନ୍ତୁ ବୁଝିପାରେ। ପାଟି ଫିଟେନା। ଝିଅର ଡାକ ନାଁ ହେଲା ହାଉଁଆ। ମା', ଝିଅ କଥା ଭାବି ଭାବି କତରା ଲାଗିଲା। ଶେଷରେ ବାଟ କାଟିଲା। ଶରିଆ; ନିଜ ହାତରେ ଖୁଆଇ ପିଆଇ ହାଉଁଆକୁ ବଢ଼େଇଲା। ତା' ଅଧା ଅଧା ଓଠ ଦେଇ ବାହାରୁଥିବା ଅବୁଝା ଶବ୍ଦସବୁକୁ, ସେ କିଛି ବୁଝୁଥିଲା, ମଗଜ ଯାଏ ହେଜି ପାରୁଥିଲା।

ଶରିଆର ପଛେ ପଛେ - ହାଉଁଆ। ହାତ ଆଙ୍ଗୁଠି ଧରି ଟାଣେ, ବିରକ୍ତ କରେ। ସେତେବେଳେ କୋଇଲା ଆଞ୍ଚରେ ଅଙ୍ଗାର କୁହୁଳା ପରି ଶରିଆର ଆଖି ଦି'ଟା। ହାଉଁଆ କି ଛାଡ଼େ। ସେଇ ରଙ୍ଗୀନ ଆଖି ଦି'ଟା, କ୍ରମେ ଶାନ୍ତ। ମୁଖମଣ୍ଡଳ ସ୍ନିଗ୍ଧ ପାଲଟେ। ଆଲୋ ମା' କହି ତା' ମୁଣ୍ଡବାଳ ସାଉଁଳାଇ ଦିଏ। ତା' ଠେଲାଗାଡ଼ି, ଛକକୁ ଯାଏ, ସାଥିରେ ହାଉଁଆ। କାଳେ କୁଆଡ଼େ ଚାଲିଯିବ, କିଛି କହିପାରୁନି। ବାପା ମନକୁ ପାପ ଛୁଏଁ। ତା' ଅଣ୍ଟାରେ ବାନ୍ଧିଦେଲା ଘୁଙ୍ଗୁରଟାଏ। ଝିଅର ଉପସ୍ଥିତି ସହଜରେ ବାରିପାରେ। କେତେବେଳେ ଅଳ୍ପ ଉଷୁମ ବରାଟିଏ, ଧରାଇଦିଏ। ହାଉଁଆର ଆନନ୍ଦ କିଏ ଦେଖେ! ହା-ବା-ହା-ବା- ଶବ୍ଦ କରେ। ଶବ୍ଦଗୁଡ଼ିକ, ଶରିଆର ଅନ୍ତଃପଟଳକୁ ଛୁଇଁଯାଏ, ସେ ଉତଫୁଲ୍ଲିତ ହୁଏ।

ଦିବ୍ୟାଙ୍ଗଟିଏ ସମାଜରେ ବୋଝ ନୁହେଁ; ନୁହେଁ କାହାରି ଦୟାର ପାତ୍ର। କେହି କେହି ତାଙ୍କୁ ହତଭାଗ୍ୟ ମଣନ୍ତି। କିନ୍ତୁ ସେମାନେ ବି ଭାଗ୍ୟବତୀ / ଭାବ୍ୟବାନ। ଅନ୍ୟମାନଙ୍କ ଠାରୁ କିଛି କମ୍ ନୁହଁନ୍ତି। ଏ ପ୍ରସଙ୍ଗଟି; ଲେଖକ ଚମତ୍କାର ଠାଣିରେ ବାଢ଼ିଲେ ପାଠକ ଆଗରେ।

ଶରିଆ ସ୍ତ୍ରୀ, ସେଇ ବର୍ଷ ତା'ର ବିଭାଘର। ସ୍କୁଲ ପାଖରେ ଛୋଟ ବରକୋଳି ଚାରାଟିଏ ଆଣି ଅଗଣାର ଗୋଟିଏ ପାଖରେ ଯତ୍ନରେ ଲଗାଇଦେଲା। କାଳେ ଗୋରୁ ଗାଈ ପତ୍ର ଠୁକିଦେବେ, ଏଇଥିପାଇଁ ସମସ୍ତ ସୁବନ୍ଦୋବସ୍ତ। ଗଛ ବଢ଼ିଲା, ବର୍ଷ ବର୍ଷ ଗଲା। ଫୁଲଟିଏ ବା କଷିଟିଏ ନାହିଁ। ଗଛଟାକୁ ହାଣିଦେବ, କେତେଥର ଶରିଆ କାଟି ଧରି ଯାଇଛି; ମନକୁ ବୁଝେଇଛି; ଅଛି ତ ଥାଉ! ବାହାଘର ଦଶବର୍ଷ ପୂରିବ, ପିଲାଟିଏ ନାହିଁ। ଶେଷରେ ଶରିଆ ସ୍ତ୍ରୀର ଗର୍ଭ ଉଦୟ ହେଲା। କନ୍ୟାସନ୍ତାନଟିଏ; ହେଉପଛେ ଦିବ୍ୟାଙ୍ଗ। ଘରକୁ ତା'ର ଶୁଭ ଆଗମନ। ସମସ୍ତେ ଆଶ୍ଚର୍ଯ୍ୟ ଚକିତ। ଏତେଦିନ ହେଲା; ଗଛରେ ନା ଫୁଲ, କଷି, କିଛି ନ ଥିଲା। ହଠାତ୍ ଫୁଲର ହାଟ; ଜାତି ଜାତି ମଧୁମକ୍ଷିକାଙ୍କ ଗୁଞ୍ଜରଣ। ଫଳ ଧରିଲା। ପାଚିଲା। ରାତି ପାହିଲେ ଗଛମୂଳେ ପିଲାଙ୍କ ମେଳି, କୋଳି ସାଉଁଟନ୍ତି। ପାଚିଲା କୋଳିର ଲୋଭ। ଚଢ଼େଇ ଆସି ଖୁମ୍ପନ୍ତି, ଝରଝର ହେଇ କୋଳି ପଡ଼େ। ପିଲାଙ୍କ ଆନନ୍ଦ। ଶରିଆ ଭାବେ; ହେଉପଛେ ମୂକ, ବଧିର; ହାଉଁଆଟା ତା'ର ସୌଭାଗ୍ୟବତୀ। ଏତେଦିନ ଅଫଳନ୍ତି ଗଛ; ଶେଷରେ ହାଉଁଆ ଲାଗି ଫଳନ୍ତି ଗଛ ହେଇଗଲା!

ସମୟ ବଦଳେ; ବଦଳିଯାଏ ରୁଚି, ରୀତି, ନୀତି, ଚଳଣି। ପୁରୁଣାକାଳିଆ ଅନ୍ଧ ବିଶ୍ୱାସ; କ୍ରମେ ଦୂର ହେଲା। ଦିବ୍ୟାଙ୍ଗଟିଏ ସବୁଦିନିଆ ବୋଝ - ଏ ଧାରଣାଟି ବଦଳିବାକୁ ଲାଗିଲା। ତାଙ୍କ ପାଠପଢ଼ା ପାଇଁ ସ୍କୁଲ ଖୋଲିଲା; ସେମାନେ ପଢ଼ିଲେ। ଏଥି ସହିତ ନାନାପ୍ରକାର ବାହ୍ୟ କାର୍ଯ୍ୟକଳାପ; ଯେମିତି ଖେଳ, କୁଦ, ସଙ୍ଗୀତ ଶିକ୍ଷା, ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ବଜେଇବା - ଏ ସବୁରେ ମନ ଦେଲେ, ପାରଦର୍ଶିତା ଦେଖାଇଲେ। ହେଲେ ଶରିଆର ମନଟା ଦୁଃଖୀ। ଛୁଆଟାର ମା' ନାହିଁ। କେଉଁଠି ପଢ଼ିବ, ରହିବ କେମିତି, ଖାଇବ କ'ଣ? ଏମିନି ନାନା ଚିନ୍ତା ତାକୁ ଘାରିଲା। ଦିନେ ଦିବ୍ୟାଙ୍ଗ ସ୍କୁଲର ହେଡ଼ମାଷ୍ଟ୍ରେ, ତାକୁ ବୁଝାସୁଝା କଲେ। ହାଉଁଆର ନା' ସ୍କୁଲରେ ଲେଖାହେଲା। ଗୋଟିଏ କ୍ଲାସ୍ ପରେ ଆଉ ଗୋଟେ କ୍ଲାସ୍; ହାଉଁଆ ଉତ୍ତୀର୍ଣ୍ଣ ହେଲା। ଏଣେ ଶରିଆର ମନ ଖଟା। ଗଛରୁ କୋଳି ଝଡୁଛି। କିଏ କେତେ ଖାଉଛନ୍ତି; ପିଲାଟା ଥିଲେ ତା' ପାଟିରେ କୋଳି ଦି'ଟା ବାଜି ଥାଆନ୍ତା। ସେ କେଡ଼େ ଖୁସି ନ ହୁଅନ୍ତା!

ଜାଡ଼ ସକାଳ। ଉଷୁମ ଖରା ଆଡ଼େ ଶରିଆ ପିଠି ଦେଇଛି। ଚକିରେ ବିରି ରଗଡୁଛି। ମନ ପଡୁଛି ହାଉଁଆବୋଉ କଥା। ଗଛ ଲଗେଇଥିଲା। ପିତ୍ତଳ ନୋଟାରେ ନୋଟାଏ ପାଣି। ଅଧା ତୁଳସୀଗଛ ମୂଳରେ; ଆଉ ଅଧାକ ବରକୋଳି ଗଛ ପାଇଁ। ଏକ ଅଦୃଶ୍ୟ ସୂତାରେ ଖଞ୍ଜିହୋଇ ଯାଇଥିଲା। ଏଇ ବରକୋଳି ଗଛ ତା' ପ୍ରାଣ ସହି। ଗଛ ବଢ଼ିଲା; ଫୁଲ ଫଳରେ ନଇଁ ପଡ଼ିଲା। ଶରିଆ ବାଉଁଶ ଡିରା ଦେଇଛି; ଡାଳଗୁଡ଼ା ଭାଙ୍ଗିବନି। ସରଗ ରାଇଜରେ ଥାଇ ହାଉଁଆ ବୋଉ ଅନ୍ତତଃ ଦୁଃଖ କରିବନି। ତା' ହାତ ପରଶରେ ବଢ଼ିଥିବା ଗଛଟି ଏବେବି ଅକ୍ଷତ; ଠିକ୍ ତା' ଝିଅ ହାଉଁଆ ପରି।

ହାଉଁଆ ପାଇଁ ଶରିଆ ମନ ବ୍ୟାକୁଳ। ପିଲାଟା ଏଇ ପାଖ ସ୍କୁଲରେ ପଢୁଥିଲା। ଫୁରୁସତ ମିଳିଲେ ଯାଇ ଦେଖିଆସେ। ସେ ବଡ଼ ହେଇଗଲା। ଭୁବନେଶ୍ୱରରେ ପଢୁଛି। ତା' ସାର୍ କହିଛନ୍ତି; ଆଗିଲା ଧାନକଟା ଛୁଟି; ହାଉଁଆକୁ ଧରି ଆସିବେ। ସେ ତା'ର ଏକୋଇରବଳା ବିଶିକେଶନକୁ ମନ ପୂରେଇ ଦେଖିବ। ଏବେ ସେ ତ ବଡ଼ ହୋଇଗଲାଣି, ହେଲେ ଶରିଆ ଆଗରେ ସେ ସେଇ ହାଉଁଆ। ସେ ମନା କରୁଥିବ, ଶରିଆ ତା' ହାତରେ ଚାରି ପାଞ୍ଚଟା ତେଲଛଣା ଭାଜି ଗୁଞ୍ଜିଦେବ। ମଝିରେ ମଝିରେ ସେ ତା' ସାରଙ୍କ ପାଖକୁ ଫୋନ୍ କରେ। ହାଉଁଆର ଭଲମନ୍ଦ ବୁଝେ। ସାର୍ ଫେନ୍‌ଟାକୁ ହାଉଁଆ କାନ ପାଖରେ ଦିଅନ୍ତି। ଚୁଲି ଉପର ହାଣ୍ଡି; ଢାଙ୍କୁଣୀ ଖୋଲି ପେଜ ଭୁରୁଭୁରୁ ଆନନ୍ଦରେ ବାହାରି ଆସେ; ସେମିତି ହାଉଁଆ ପାଟିରୁ ଉତ୍ତାଳ ଲହରୀ ସମ ଅସ୍ପଷ୍ଟ ହା...ବା...ହା...ବା, ହା...ବା'ର ଅବିଚ୍ଛିନ୍ନ ଶବ୍ଦ ତରଙ୍ଗ। ସତେ ଯେମିତି ବାପା-ବାପାର ମଧୁର ଧ୍ୱନି। ଶରିଆର ଅନ୍ତଃପ୍ରଦେଶରେ ତୋଳେ ମଧୁର ମୂର୍ଚ୍ଛନା। ଶରିଆର ଢଳ, ଢଳ ଲୁହଭରା ଆଖି। ତା' ଛାତି ଫାଟିଯାଏ। ନିଜ ଆଡୁ ଫୋନ୍ କାଟିଦିଏ।

ସେଦିନ ଶରିଆର ଖୁସି ଦେଖେ କିଏ? ହାଉଁଆ ଆଜି ଆସିବ। ତା' ସାର୍ ଆଣି ପହଞ୍ଚିବେ। ବିରି, ମସଲାବଟା, ପେଟପାଇଁ ମୁଠାଏ ଦାନା ବି ଫୁଟେଇ ସାରିଲାଣି। ଦୁଆର ମୁହଁରେ ଅଟୋରିକ୍ସାଟିଏ, ଆଗରେ ସାର୍, ପଛେ ପଛେ ହାଉଁଆ। ବାପା ଶରିଆକୁ ଦେଖି ସେ ଆନନ୍ଦରେ ଫାଟି ପଡୁଛି। କଅଁଳା ବାଛୁରୀ କୁଦାମାରିବା ପରି, ଧାଇଁ ଧାଇଁ ଆସିଲା। ଶରିଆକୁ କୁଣ୍ଢାଇ ଧରି ହା-ବା-ହା-ବା-ହା-ବା- କହି ଚାଲିଲା। ଏଇ ଦରଖଣ୍ଡି ଭାଷାରେ ଭରି ରହିଥିଲା ଏକ ମନଛୁଆଁ ମଧୁର ମୂର୍ଚ୍ଛନା। ହାଉଁଆ, ତା' ଭଲ ନାଁ ଆଦ୍ୟାଶା। ଖୁବ୍ ଭଲ ପଢୁଛି। ଆଉ ସପ୍ତାହରେ ବୋର୍ଡ଼ ପରୀକ୍ଷା ଦବ, ପାଶ୍ କଲେ ହାଇଦ୍ରାବାଦ ଯିବ। ଉଚ୍ଚଶ୍ରେଣୀରେ ପଢ଼ିବ। ଏକଥା କହିଲେ ତା' ସ୍କୁଲ ସାର୍। ହାଇଦ୍ରାବାଦରେ ପାଞ୍ଚବର୍ଷ ପଢ଼ା। ତା' ପରେ ଚାକିରି ଥୁଆ। ହାଉଁଆ ଆଉ କାହାରି ଉପରେ ବୋଝ ହେବନାହିଁ। ଏଇ କଥା ପଦକ; ଶରିଆର ସ୍ତମିତ ଆଖିରେ ଏକ ରଙ୍ଗୀନ ଦୁନିଆର ରୂପବିଗ୍ରହ ନେଲା। ସେ ଆଉ ରାସ୍ତାକଡ଼ରେ ତେଲଭାଜି ବିକିବନି। ହାଉଁଆ ହେଇଯିବ ସ୍ୱୟଂସମ୍ପୂର୍ଣ୍ଣା। ସାର୍ ଯିବାକୁ ବାହାରିଲେ। ଇଙ୍ଗିତରେ ସବୁକଥା କହିଦେଇ ଗଲେ। ହାଉଁଆ ବୁଝିଲା, ମୁଣ୍ଡ ଟୁଙ୍ଗାରିଲା।

ସ୍କୁଲ ସାରଙ୍କ ଅଟୋ, ଧୂଳି ଉଡ଼େଇ ଯାଉଛି। ସାରଙ୍କ କଥା। ସ୍ୱପ୍ନର ସୁନାରଙ୍ଗର ଚିତ୍ରସମ, ଶରିଆର କର୍ଣ୍ଣ ଗହ୍ୱରରେ ଥରକୁ ଥର ପ୍ରତିଧ୍ୱନିତ ହେଉଥିଲା। ସେ ଦେଖୁଥିଲା, ଏକ ନୂଆ ସକାଳର ସ୍ୱପ୍ନ। ପର ମୁହୂର୍ତ୍ତରେ ଶରିଆ ଆନମନା, ଝିଅଟା ଯା' ଦି' ଅକ୍ଷର ପଢ଼ିଲା। ତାକୁ ପାଖରେ ରଖିବ। ଆଉ ଛାଡ଼ିବନି। ତା' ବିନା ସେ ବଞ୍ଚି ପାରିବନି। ନିରବି ଯାଇଥିବା ସୁଖର ଢେଉ ତରଙ୍ଗ, ପୁଣି ଖେଳି ବୁଲିବ ଘରସାରା। ମାତ୍ର ମନକୁ ବୁଝାଏ। ମା' ନାହିଁ; ସେ ଯାଉ, ଆଗକୁ ପଢୁ। ଜୀବନ ସେଥିରେ ଗଢ଼ି ହେଇଯିବ ପରା!

ହାଉଁଆ ଚାହିଁଛି ତା' ବାପ ମୁହଁକୁ। ରଙ୍ଗ ବଦଳଉଥିବା ଏଣ୍ଡୁଅ ପରି ତା' ବାପ ମୁହଁର ରଙ୍ଗ ବଦଳି ଚାଲିଥିଲା। କେବେ ହର୍ଷ, କେବେ ବିଷାଦ। ଏବେ ହାଉଁଆ ବଡ଼ ହେଲାଣି। ସବୁ ବୁଝିଲାଣି। ସେ ଆହୁରି ପଢ଼ିବ। ଢେର୍ ଦୂରରେ, ହାଇଦ୍ରାବାଦରେ। ଏଇଥିପାଇଁ ବାପା ମନ ବିରସ। ବୋଉ ଗଲାଣି ପନ୍ଦର ବର୍ଷ ତଳୁ। ତା' ବାପାର ମନକୁ ସେ ବୁଝେ, ପଢ଼େ। ଖୁସି କରିବାକୁ ଚେଷ୍ଟାକରେ। ବାପା ଶରିଆକୁ ଟାଣିନେଲା। ସକାଳର ସୁରୁଜ ଦାଣ୍ଡ ନଡ଼ିଆ ଗଛ ଉପରେ। ବିଚ୍ଛୁରିତ ସୌରରଶ୍ମି। ଶରିଆର ଅବିକଳ ଛବିଟା, ଲମ୍ବି ଯାଇଥିଲା ଦାଣ୍ଡରେ। ହାଉଁଆ ସେଇ ଆଡ଼େ ଆଙ୍ଗୁଠି ଦେଖେଇଲା। କହିଲା, ହୁଁ-ହୁଁ - ହୁଁ - ହୁଁ - ହୁଁ। ନିଜ ଛାତିକି ବି ବାରମ୍ବାର ଛୁଉଁଥିଲା। ଯେମିତି କହୁଥିଲା, ବାପା, ମନକଷ୍ଟ କରନା। ଦିହେଁ ଛାଇହେଇ ରହିବା। ଏଥିର କ'ଣ ଛାଡ଼ ବାଡ଼ ଥାଏ? ଶରିଆର ତତଲା ଲୁହ କେଇବୁନ୍ଦା, ଆଖିବାଟେ ବହିଯାଇଥିଲା। ଆଉ କହି ଚାଲିଲା, "ହାଉଁଆ ମୋ ଝିଅ, ସୁନା ମା'ଟା ଲୋ ମୋର।"

ଏକ ଅଦୃଶ୍ୟ ଖୁସିର ଶବ୍ଦ ତରଙ୍ଗ ହା-ବା-ହା-ବା-ହା-ବାର ଉଚ୍ଛୁଳା ଢେଉ। ଶରିଆ ଛାଇର ଚାରିପଟେ ଚକ୍କର କାଟି ଚାଲିଥିଲା। ତାହା କ୍ରମଶଃ ଗାଢ଼; ଜମାଟ ବାନ୍ଧୁଥିବା ଗାଢ଼ ରକ୍ତର ରଙ୍ଗ, କ୍ରମେ ଘନୀଭୂତ ହୋଇ ଚାଲୁଥାଏ। ଶରିଆକୁ ଆଉ ଅବୁଝା ନ ଥିଲା, ହାଉଁଆ / ଆଦ୍ୟାଶା, ତା' ସୁନାନାକୀ ଝିଅ, ଯେଉଁଠି ରହୁ; ଛାଇପରି ରହିଥିବ ତା' ସାଥିରେ।

# ଇ-୨୦'କୁ ନେଇ ଆଶା ଓ ଆଶଙ୍କା



ଶ୍ରୀବତ୍ସ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ,
ମୋ: ୯୪୩୮୦୭୦୮୪୯

ପରିବେଶ ପ୍ରଦୂଷଣକୁ ରୋକିବା, ଜୈବ ଇନ୍ଧନର ବ୍ୟବହାର କରି ପେଟ୍ରୋଲ ଦରକୁ ନିୟନ୍ତ୍ରଣ କରିବା, ଅଶୋଧିତ ତୈଳ ଆମଦାନୀକୁ ହ୍ରାସ କରିବା ଏବଂ କୃଷକଙ୍କ ଆୟ ବୃଦ୍ଧି କରି କୃଷିକ୍ଷେତ୍ରକୁ ସମୃଦ୍ଧ କରିବାର ଆଶା ନେଇ ଏକ ଆକାଂକ୍ଷୀ ଓ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ସ୍ୱରୂପ ଭାରତ ସରକାର ଇ-୨୦ ମିଶ୍ରିତ ପେଟ୍ରୋଲ ବିକ୍ରି କରିବାପାଇଁ ନିଷ୍ପତ୍ତି ନେବାପରେ ଭାରତୀୟ ଶକ୍ତି କ୍ଷେତ୍ରରେ ଇ-୨୦ ପେଟ୍ରୋଲ ଅର୍ଥାତ୍ ଏକ ଲିଟର ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରିତ ପେଟ୍ରୋଲ ଯୁଗର ଅୟମାରମ୍ଭ ହୋଇଛି । ସରକାରୀ ସ୍ତରରେ ଏହାକୁ ଏକ ବଡ଼ ସଫଳତା ଏବଂ ସବୁଜ ଭବିଷ୍ୟତ ଆଡ଼କୁ ଏକ ମାଇଲଖୁଣ୍ଟ ଭାବେ ଦେଖାଯାଉଥିବା ବେଳେ, ଗ୍ରାହକ ଏବଂ ଗାଡ଼ି ମାଲିକଙ୍କ ମଧରେ ଏହାକୁ ନେଇ ଅସନ୍ତୋଷ ଓ ବିବାଦ ବୃଦ୍ଧି ପାଇବାରେ ଲାଗିଛି।

'ଇ' ଅର୍ଥାତ୍ ଇଥାନଲ୍ । ଏକ ଲିଟର ପେଟ୍ରୋଲରେ ଇଥାନଲ୍‌ର ପରିମାଣ ୨୦ ପ୍ରତିଶତ ହେଲେ ତାହାକୁ 'ଇ-୨୦' ମିଶ୍ରିତ ପେଟ୍ରୋଲ ବୋଲି ବିବେଚନା କରାଯାଏ । ଇଥାନଲ୍ ହେଉଛି ଆଖୁ ରସ, ମିଠା ବିଟ, ପଚା ଆଳୁ, ଯଅ, ମକା ଏବଂ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟରୁ ପ୍ରସ୍ତୁତି ଏକ ଜୈବ ଇନ୍ଧନ । ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ବିଶ୍ୱରେ ଉତ୍ପାଦିତ ଇଥାନଲ୍ ର ୮୦ ପ୍ରତିଶତ ଆମେରିକା ଓ ବ୍ରାଜିଲରୁ ହୋଇଥାଏ । ସରକାରୀ ସ୍ତରରେ ଇଥାନଲ୍ ଉତ୍ପାଦନକୁ ପ୍ରୋତ୍ସାହନ ଦେବାପରେ ଭାରତ ଇଥାନଲ୍ ଉତ୍ପାଦନରେ ବିଶ୍ୱରେ ତୃତୀୟ ସ୍ଥାନ ଗ୍ରହଣ କରିଛି । ଆମ ଦେଶରେ ଉତ୍ପାଦିତ ଇଥାନଲ୍ ର ୪୫ ପ୍ରତିଶତ ମକାରୁ, ୨୫ ପ୍ରତିଶତ ଆଖୁ ରସରୁ ଏବଂ ବାକି ୩୦ ପ୍ରତିଶତ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟରୁ ଉତ୍ପାଦିତ ହୋଇଥାଏ । ପ୍ରଥମ କରି ୧୯୭୫ ମସିହାରେ ବ୍ରାଜିଲ ଏହି ଜୈବ ଇନ୍ଧନ ଇଥାନଲ୍‌କୁ ପେଟ୍ରୋଲରେ ମିଶ୍ରିତ କରି ନିଜ ଦେଶରେ ଚାଳିତ ଗାଡିଗୁଡିକରେ ବ୍ୟବହାର କରି ବିଶ୍ୱରେ ଅନ୍ୟଦେଶ ପାଇଁ ଉଦାହରଣ ସୃଷ୍ଟି କରିଥିଲା । ପର୍ଯ୍ୟାୟକ୍ରମେ ଇ-୧୦, ଇ-୧୫,ଏବଂ ସର୍ବାଧିକ ଇ-୨୭ ମିଶ୍ରିତ ପେଟ୍ରୋଲ ବହୁଳମାତ୍ରାରେ ବ୍ରାଜିଲରେ ବ୍ୟବାହର ହେଉଥିବାର ନଜର ରହିଛି । ପରବର୍ତ୍ତୀ ସମୟରେ ବ୍ରାଜିଲ ପରେ ବିଶ୍ୱର ଅନେକ ଦେଶ ତଥା କାନାଡ଼ା, ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ଚୀନ, ଜର୍ମାନୀ, ସ୍ୱେଡେନ, ପାରାଗୁଏ ଆଦି ଦେଶରେ ଇ-୨୦ ପେଟ୍ରୋଲ ମଧ ବ୍ୟବହୃତ ହେଉଛି ।

ବିକଶିତ ଦେଶଗୁଡିକର ଅଭିଜ୍ଞତା ଓ ଆଧୁନିକ ଜ୍ଞାନକୌଶଳକୁ ଅନୁକରଣ କରି ଆମ ଦେଶରେ ଇଥାନଲ୍ ମିଶ୍ରିତ ପେଟ୍ରୋଲ ବ୍ୟବହାର କରିବା ପାଇଁ ସରକାର ଚିନ୍ତା ପ୍ରକଟ କରିଥିଲେ । ତୈଳ ବିପଣନ କମ୍ପାନୀ, ଯାନ ନିର୍ମାଣ କମ୍ପାନୀ ଓ କେନ୍ଦ୍ର ସରକାର ମିଳିତ ଭାବରେ ଅଟୋମୋଟିବ ରିସର୍ଚ୍ଚ ଆସୋସିଏସନ ଅଫ ଇଣ୍ଡିଆ ଏବଂ ଇଣ୍ଟରନାଲ୍ ସେଣ୍ଟର ଫର୍ ଅଟୋମୋଟିବ ଟେକ୍ନୋଲୋଜି ମାଧ୍ୟମରେ ଇଞ୍ଜିନର ସ୍ଥାୟିତ୍ୱ, ଉପାଦାନ ସୁସଙ୍ଗତ ଓ ପ୍ରଦୂଷଣ ସ୍ତରର ସମ୍ପୂର୍ଣ୍ଣ ପରୀକ୍ଷା ଏବଂ ଯାଞ୍ଚ ପରେ ୨୦୨୩ ଫେବୃଆରି ୬ ତାରିଖରେ ଇଥାନଲ୍ ମିଶ୍ରିତ ଇ-୨୦ ପେଟ୍ରୋଲ ବିକ୍ରି କରିବାପାଇଁ ତୈଳ ବିପଣନ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ ମଧ ହାତଗଣତି କେତୋଟି ପେଟ୍ରୋଲ ପମ୍ପରେ ଇ-୨୦ ଉପଲବ୍ଧ ହେଉଥିଲା । କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଯୁଦ୍ଧର ଭୟାବହତା ଓ ପେଟ୍ରୋଲର ଅହେତୁକ ଚାହିଦାକୁ ଆଖିଆଗରେ ରଖି ୨୦୨୬ ମସିହା ଏପ୍ରିଲ ମାସରୁ ବାଧ୍ୟତାମୂଳକ ଭାବେ ଇ-୨୦ ମିଶ୍ରିତ ପେଟ୍ରୋଲକୁ ବିକ୍ରି କରିବାପାଇଁ ତୈଳ କମ୍ପାନୀଗୁଡ଼ିକ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ରସରକାର । ଅଧୁନା କିଛି ପ୍ରିମିୟମ୍ ତୈଳ ଟାଙ୍କିକୁ ଛାଡିଦେଲେ ଅଧିକାଂଶ ଟାଙ୍କିରେ ଇ-୨୦ ପେଟ୍ରୋଲ ଉପଲବ୍ଧ ହେଉଅଛି । ସରକାରଙ୍କ ମତ ଅନୁସାରେ ଦେଶର ଇନ୍ଧନ ସୁରକ୍ଷା କରିବା, ବୈଦେଶିକ ମୁଦ୍ରା ସଞ୍ଚୟ କରିବା ଓ ପରିବେଶ ସୁରକ୍ଷା ଲାଗି ଇଥାନଲ ମିଶ୍ରଣ ଉଚିତ୍ ପଦକ୍ଷେପ । ୨୦୧୪ ମସିହାରେ ଭାରତରେ ପ୍ରଥମେ ୫% ଇଥାନଲ ମିଶ୍ରଣକୁ ଅନୁମୋଦନ ମିଳିଥିଲା। ବର୍ତ୍ତମାନ ଏହା ୨୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିଛି। ତେବେ ଆଗକୁ ସରକାର ୨୦ ପ୍ରତିଶତରୁ ୮୦ ପ୍ରତିଶତ ଇଥାନଲ ମିଶ୍ରଣ କରିବାକୁ ଟାର୍ଗେଟ୍ ରଖିଛନ୍ତି।

କିନ୍ତୁ ଏ ସବୁ ସତ୍ତ୍ୱେ ମଧ ଉପଭୋକ୍ତାମାନଙ୍କ ମନରେ ଏହାକୁ ନେଇ ଅନେକ ଆଶା ଓ ଆଶଙ୍କା ସୃଷ୍ଟି ହେଉଛି । ସାଧାରଣର ଖାଉଟିମାନେ ଯଦିଓ ଇ-୨୦ ପେଟ୍ରୋଲ ବ୍ୟବହାର କରୁଛନ୍ତି ତଥାପି ଏହାକୁ ନେଇ ସେମାନେ ଦ୍ୱନ୍ଦ୍ୱରେ ଅଛନ୍ତି । ପେଟ୍ରୋଲିୟମ୍ ମନ୍ତ୍ରଣାଳୟର କହିବା ଅନୁଯାୟୀ ଇ-୨୦ ପେଟ୍ରୋଲ ବ୍ୟବହାର ଦ୍ୱାରା ୩ ରୁ ୫ ପ୍ରତିଶତ ମାଇଲେଜ କମିଥାଏ କିନ୍ତୁ ଏହା ପାଖାପାଖି ୧୦ ପ୍ରତିଶତ କମୁଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଉଚ୍ଚନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ମଧ ଦାୟାର କରାଯାଇଛି । ଅଟୋମୋବାଇଲ୍ ରିସର୍ଚ୍ଚ ଆସୋସିଏସନ୍ ଅଫ୍ ଇଣ୍ଡିଆର ଏକ ସ୍ପେଶାଲ୍ ଷ୍ଟଡିରୁ ଜଣାପଡ଼ିଛି ଯେ, ଯେଉଁ ଗାଡ଼ିଗୁଡ଼ିକ କେବଳ ଇ-୧୦ ଇନ୍ଧନରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଅଛି, ସେଥିରେ ଯଦି ଇ-୨୦ ପେଟ୍ରୋଲ୍ ବ୍ୟବହାର କରାଯାଏ ତେବେ ଇଞ୍ଜିନର ରବର ପାର୍ଟସ୍ ଗୁଡ଼ିକ ଖରାପ ହୋଇଯିବାର ଆଶଙ୍କା ରହିଛି । ଏହି ରିପୋର୍ଟ ଅନୁସାରେ, ଇ-୧୦ ଅନୁକୂଳ ପୁରୁଣା ଗାଡ଼ିଗୁଡ଼ିକରେ ଇ-୨୦ ପେଟ୍ରୋଲ୍ ପକାଇବା ଦ୍ୱାରା ଇଞ୍ଜିନ ଭିତରେ ଥିବା ହୋଜ୍, ଗାସ୍କେଟ୍, ସିଲ୍ ଏବଂ ଓରିଙ୍ଗ୍ ଭଳି ଜରୁରୀ ରବର କମ୍ପୋନେଣ୍ଟଗୁଡ଼ିକ ଧୀରେ ଧୀରେ ନଷ୍ଟ ହୋଇଯାଏ । ଏଭଳି ପରିସ୍ଥିତିରେ ଗାଡ଼ିର କାର୍ଯ୍ୟଦକ୍ଷତା ଠିକ୍ ରଖିବା ପାଇଁ ଚାଳକମାନଙ୍କୁ ନିଜ ଗାଡ଼ିର ଏହି ସମସ୍ତ ପାର୍ଟସକୁ ବଦଳାଇବାକୁ ପଡ଼ିପାରେ । ରିପୋର୍ଟରେ ଆହୁରି ମଧ କୁହାଯାଇଛି ଯେ, ୨୬୫ ଘଣ୍ଟାର ଟେଷ୍ଟିଂ ପରେ ଇଝ୬ ମାନଦଣ୍ଡର ଟର୍ବୋଚାର୍ଜଡ୍ ଇଞ୍ଜିନରେ ମଧ କିଛି ସମସ୍ୟା ଦେଖିବାକୁ ମିଳିଥିଲା । ଦୁଇ ଚକିଆ ଗାଡ଼ି ନିର୍ମାତା କମ୍ପାନୀଗୁଡ଼ିକ ଦ୍ୱାରା କରାଯାଇଥିବା ଟେଷ୍ଟରୁ ଜଣାପଡ଼ିଛି ଯେ, ଏହି ଇନ୍ଧନ ଦ୍ୱାରା ଗାଡ଼ିର ମେଟାଲ୍ ପାର୍ଟସ୍ ଉପରେ କୌଣସି ଖରାପ ପ୍ରଭାବ ପଡ଼ିବ ନାହିଁ । କିନ୍ତୁ ଇ-୧୦ ପେଟ୍ରୋଲ ତୁଳନାରେ ଇ-୨୦ ପେଟ୍ରୋଲ ବ୍ୟବହାର କଲେ ଗାଡ଼ିଗୁଡ଼ିକରେ ପ୍ରାୟ ୨ ରୁ ୬ ପ୍ରତିଶତ ପର୍ଯ୍ୟନ୍ତ ଅଧିକ ତେଲ ଖର୍ଚ୍ଚ ହୋଇଥାଏ । ଅର୍ଥାତ୍ ଏହା ଦ୍ୱାରା ଗାଡ଼ିର ମାଇଲେଜ୍ କମିଯାଏ, ଯାହା ଗ୍ରାହକଙ୍କ ପକେଟ୍ ଉପରେ ଅଧିକ ପ୍ରଭାବ ପକାଇବ । ଅନ୍ୟପଟରେ ଦେଖିଲେ ଇଞ୍ଜିନିୟରଙ୍କ ମତରେ ଇ-୨୦ ପେଟ୍ରୋଲ ବିଶେଷ କରି ୨୦୨୩ ଏପ୍ରିଲ ପୂର୍ବରୁ ନିର୍ମିତ ହୋଇଥିବା ଗାଡ଼ିଗୁଡ଼ିକ ପାଇଁ ସମ୍ପୂର୍ଣ୍ଣ ଅନୁକୂଳ ନୁହେଁ । ଗୁଗୁଲର ତଥ୍ୟ ଅନୁସାରେ ଭାରତରେ ଏବେ ପାଖାପାଖି ୮ କୋଟି ଗାଡି ଅଛି ଯାହା ବି ଏସ୍ ୪ ଇଞ୍ଜିନ ନିୟମ ଆସିବାର ଯଥେଷ୍ଟ ପୂର୍ବରୁ ନିର୍ମିତ ହୋଇଛି । ତେବେ ସେ ସବୁ ଗାଡି ଯଦି ୨୦ ପ୍ରତିଶତ ଇଥାନଲ୍ ମିଶ୍ରିତ ପେଟ୍ରୋଲରେ ଚାଲେ ତେବେ ଗାଡିର ଇଂଜିନ୍ ଉପରେ ଚାପ ସୃଷ୍ଟି ହୋଇପାରେ । ଇଥାନଲର ଉତ୍ପାଦନ ଖର୍ଚ୍ଚ ପେଟ୍ରୋଲ ତୁଳନାରେ କମ୍ । ତା ସତ୍ତ୍ୱେ ମଧ ଇଥାନଲ ମିଶ୍ରିତ ପେଟ୍ରୋଲ ପାଇଁ ଉପଭୋକ୍ତା ମାନଙ୍କୁ ପେଟ୍ରୋଲର ପୂରା ଦାମ୍ ଦେବାକୁ ପଡୁଛି। ଅର୍ଥାତ୍, ମାଇଲେଜ୍ କମୁଛି ଅଥଚ ଖର୍ଚ୍ଚ ସମାନ ରହୁଛି, ଯାହା ଗ୍ରାହକଙ୍କ ଆର୍ଥିକ ବୋଝ ବଢ଼ାଉଛି । ପେଟ୍ରୋଲରେ ଇଥାନଲ୍ ମିଶ୍ରଣର ପ୍ରଭାବ ମଧ ଏବେ ସିଧାସଳଖ ହାଣ୍ଡିଶାଳରେ ପଡ଼ିଲାଣି । ରାୟଟର୍ସର ଏକ ରିପୋର୍ଟ ଦର୍ଶାଉଛି ଯେ ଚଳିତ ବର୍ଷ ଦେଶର ମୋଟ ବାର୍ଷିକ ଉତ୍ପାଦନର ପ୍ରାୟ ଦଶ ପ୍ରତିଶତ ଚିନିକୁ ଇଥାନଲ୍ ବନାଇବାରେ ବ୍ୟବହୃତ କରାଯାଇଛି । ତେଣୁ କେନ୍ଦ୍ର ସରକାର ଆଗାମୀ ବର୍ଷ ଇଥାନଲ୍ ଉତ୍ପାଦନ ପାଇଁ ଆଖୁ ବ୍ୟବହାର ଉପରେ ରୋକ୍ ଲଗାଇବାକୁ ବିଚାର କରୁଛନ୍ତି, ଯଦ୍ୱାରା ଦେଶର ଚିନିର ଅଭାବକୁ ଦୂର କରାଯିବା ସହିତ ଏହାର ଦରକୁ ମଧ ନିୟନ୍ତ୍ରଣ କରାଯାଇପାରିବ ।

ପେଟ୍ରୋଲର ଅହେତୁକ ଚାହିଦା ଯୋଗୁଁ ପେଟ୍ରୋଲରେ ଇଥାନଲ୍ ମିଶ୍ରିତ ହେଉଛି ତେଣୁ ଇଥାନଲ୍‌ର ବର୍ଦ୍ଧିତ ଚାହିଦାକୁ ପୂରଣ କରିବାପାଇଁ ଆଖୁ ମକା ଓ ଚାଉଳ ଭଳି ଫସଲକୁ ବହୁତ ମାତ୍ରାରେ ଇଥାନଲ୍ ଫ୍ୟାକ୍ଟ୍ରିକୁ ପଠାଯାଉଛି । ଯଦି ଇଥାନଲ୍ କମ୍ପାନୀଗୁଡ଼ିକ ବହୁତ ଦାମ ଦେଇ ଆଖୁ ମକା ଓ ଚାଉଳ କିଣି ଚାଲିବେ ତେବେ ଦୁଗ୍ଧ ଶିଳ୍ପ ଓ କୁକୁଡ଼ା ମାନଙ୍କ ପାଇଁ ଖାଦ୍ୟ ମହଙ୍ଗା ହୋଇଯିବ । ଯଦ୍ୱାରା ଅଣ୍ଡା ମାଂସ ଏବଂ ଦୁଗ୍ଧ ଜାତୀୟ ଦ୍ରବ୍ୟର ଦରଦାମ ଅହେତୁକ ମାତ୍ରାରେ ବୃଦ୍ଧି ଘଟି ମୁଦ୍ରାସ୍ଫୀତି ହେବାର ଯଥେଷ୍ଟ ସମ୍ଭାବନା ରହୁଛି । ଯାହା ଗ୍ରାହକଙ୍କ ପାଇଁ ଏକ ଚିନ୍ତାର ବିଷୟ ହୋଇଛି ।

ସରକାର ଏ ସବୁ ଉପରେ ତୁରନ୍ତ ସ୍ପଷ୍ଟୀକରଣ ରଖିବା ଉଚିତ୍ । ନୀତି ନିର୍ଦ୍ଧାରଣ କେବଳ କାଗଜପତ୍ର କିମ୍ବା ଭବିଷ୍ୟତର ଲକ୍ଷ୍ୟ ଉପରେ ଆଧାରିତ ହେଲେ ଚଳିବ ନାହିଁ, ବର୍ତ୍ତମାନର ସାଧାରଣ ନାଗରିକଙ୍କ ସମସ୍ୟାକୁ ମଧ ଧ୍ୟାନରେ ରଖିବାକୁ ପଡ଼ିବ। ପେଟ୍ରୋଲ ପମ୍ପଗୁଡ଼ିକରେ ପୁରୁଣା ଗାଡ଼ି ପାଇଁ ଇ-୧୦ କିମ୍ବା ସାଧାରଣ ପେଟ୍ରୋଲ ଯୋଗାଇ ଦିଆଯାଉ। ଇଥାନଲ ମିଶ୍ରିତ ପେଟ୍ରୋଲର ମୂଲ୍ୟ କ୍ରୁଡ୍ ପେଟ୍ରୋଲଠାରୁ କମ୍ ରଖାଯାଉ, ଯାହାଦ୍ୱାରା କମ୍ ମାଇଲେଜ୍‌ର କ୍ଷତିପୂରଣ ଗ୍ରାହକଙ୍କୁ ମିଳିପାରିବ। ଇ-୨୦ ବ୍ୟବହାର ଦ୍ୱାରା ଗାଡ଼ିର ସୁରକ୍ଷା ପାଇଁ କ'ଣ ପଦକ୍ଷେପ ନିଆଯାଇପାରିବ, ସେ ନେଇ ସରକାର ଓ ଅଟୋମୋବାଇ କମ୍ପାନୀଗୁଡ଼ିକ ମିଳିତ ଭାବେ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଜାରି କରିବା ଆବଶ୍ୟକ । ପରିବେଶ ସୁରକ୍ଷା ଓ ସ୍ୱାବଲମ୍ବୀ ପାଇଁ ସରକାରଙ୍କର ଏଭଳି ଯୋଜନା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ, କିନ୍ତୁ ତାହା ଯେପରି ସାଧାରଣ ଖାଉଟିଙ୍କ କାନ୍ଧରେ ମହଙ୍ଗା ବୋଝ ହୋଇ ନପଡ଼େ, ସେଥିପ୍ରତି ସରକାର ତୁରନ୍ତ ଧ୍ୟାନ ଦେବା ଉଚିତ। ସରକାର ଏ ବାବଦରେ ଜନ ସଚେତନ କାର୍ଯ୍ୟକ୍ରମ କରି ଗ୍ରାହକମାନଙ୍କ ମନରୁ ଇ-୨୦ କୁ ନେଇ ଯେଉଁ ଆଶା ଓ ଆଶଙ୍କା ସୃଷ୍ଟି ହୋଇଛି ତାହାକୁ ଦୂରୀଭୂତ କରନ୍ତୁ।

ସରକାରଙ୍କର ଏହିଭଳି ନିଷ୍ପତ୍ତି ଉପଭୋକ୍ତାଙ୍କ ମନରେ ଯେଉଁ ଆଶଙ୍କା ସୃଷ୍ଟି କରିଛି ତାହାକୁ ଦୂରକରିବା ସରକାରଙ୍କର ଏକ ନୈତିକ କର୍ତ୍ତବ୍ୟ । ଉପଭୋକ୍ତାଙ୍କ ମନରୁ ଆଶଙ୍କାର କଳା ବାଦଲକୁ ହଟାଇ ତାଙ୍କର ଆସ୍ଥାଭାଜନ ହୋଇପାରିଲେ ସରକାରଙ୍କର 'ଇ-୨୦' ମିଶନ ସମ୍ପୂର୍ଣ୍ଣ ସଫଳ ହେବ ଏଥିରେ ଦ୍ୱିମତ ନାହିଁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୭ ସେପ୍ଟେମ୍ବର ୨୦୨୬ ସୋମବାର






# ଜମଧର ମୁସ୍‌ଲିମ୍ ବସ୍ତି ରାସ୍ତା ଶୋଚନୀୟ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜମଧର ପଞ୍ଚାୟତର ମୁସ୍‌ଲିମ୍ ବସ୍ତିର ରାସ୍ତା ଅତି ଶୋଚନୀୟ ହୋଇପଡିଥିବା ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ ମୁସ୍‌ଲିମ୍ ବସ୍ତିକୁ ଯାତାୟାତ କରିବା ରାସ୍ତାଟି ପ୍ରାୟ ଦୁଇମାସରୁ ଉର୍ଦ୍ଧ୍ୱ ହେବ କାଦୁଅ ଏବଂ ପାଣିରେ ଘେରି ରହୁଥିବାରୁ ବରିଷ୍ଠ ନାଗରିକ ମହିଳା, ଶିଶୁ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ପ୍ରବଳ କାଦୁଅ ଥିବାରୁ ସ୍କୁଲ ଛାତ୍ରଛାତ୍ରୀମାନେ ସ୍କୁଲ୍ ଯିବାକୁ ଅସୁବିଧାର ସମ୍ମୁଖୀନ ହେବାସହ ସାଇକେଲ୍ ସହ ତଳେ ପଡୁଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ବ୍ୟବସ୍ଥା ନକରିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ତୁରନ୍ତ ରାସ୍ତା ମରାମତି କରିବା ପାଇଁ ଦାବି କରିଛନ୍ତି।

# ବଡ଼ ବଜାର ପାଲଟିଛି ଅପମିଶ୍ରିତ ଖାଦ୍ୟ ଭଣ୍ଡାର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହରରେ ବିଭିନ୍ନ ଖାଦ୍ୟ ପଦାର୍ଥର ଅପମିଶ୍ରଣ ଦିନକୁ ଦିନ ବୃଦ୍ଧି ପାଉଛି। ଅପମିଶ୍ରଣକୁ ରୋକିବାକୁ ବିଇଏମ୍‌ସି ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବାରମ୍ବାର ଚଢ଼ଉ କରାଯାଇ ଯାଞ୍ଚ କରାଯାଉଛି। କିନ୍ତୁ ଯଥା ପୂର୍ବଂ ତଥା ପରଂ ଭଳି ସ୍ଥିତି ଜାରି ରହୁଛି। ବ୍ୟବସାୟୀ ଚଢ଼ଉର କିଛି ଦିନର ବ୍ୟବଧାନରେ ପରେ ପୁଣି ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ବିକ୍ରି କରୁଛନ୍ତି। ବର୍ତ୍ତମାନ ଖାଦ୍ୟ ପଦାର୍ଥ ସମେତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଏବେ ଅପମିଶ୍ରଣ ହେଉଥିବା ଅଭିଯୋଗ ହୋଇଛି। ସହରର ବ୍ୟବସାୟର ମୁଖ୍ୟ କେନ୍ଦ୍ରସ୍ଥଳୀ କୁହାଯାଉଥିବା ବଡ଼ ବଜାର ଅଞ୍ଚଳର ରହିଥିବା ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକରେ ମିଳୁଥିବା ଅପମିଶ୍ରିତ ଓ ନକଲି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଚଢ଼ା ଦରରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ସୁଦୂର ରାୟପୁରରୁ ଆସୁଥିବା ବେଳେ ଅସାଧୁ ବ୍ୟବସାୟୀ ବ୍ରହ୍ମପୁର ବଜାରରେ ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ବିଶେଷ କରି ଅପମିଶ୍ରିତ ଲଙ୍କାଗୁଣ୍ଡ, ହଳଦିଗୁଣ୍ଡ ଓ ବିଭିନ୍ନ ପ୍ରକାର ମସଲା ଗୁଣ୍ଡ ରାୟପୁରରୁ ଅସାଧୁ ବ୍ୟବସାୟୀ କମ୍ ମୂଲ୍ୟରେ ଆମଦାନୀ କରୁଛନ୍ତି। ଏଥିରେ ଅଧିକ ପରିମାଣରେ ରାସାୟନିକ ରଙ୍ଗ ବ୍ୟବହୃତ ହେଉଥିବା ଅଭିଯୋଗ ହୋଇଛି। ଲଙ୍କା ଗୁଣ୍ଡକୁ ଅଧିକ ଲାଭ କରିବାକୁ କମ୍ ମୂଲ୍ୟରେ ମିଳୁଥିବା ସିଲା ଲଙ୍କା ଗୁଣ୍ଡରେ ରାସାୟନିକ ରଙ୍ଗ ଓ ଚାଉଳଗୁଣ୍ଡ ମିଶାଯାଉଛି। ଯଦ୍ୱାରା ଏହା ଆଖିକୁ ଅଧିକ ଲାଲ ଦେଖାଯାଉଛି। ସେହିପରି ହଳଦି ଓ ମସଲା ଗୁଣ୍ଡରେ ମଧ୍ୟ ରାସାୟନିକ ରଙ୍ଗ ଓ ଚାଉଳ ଗୁଣ୍ଡ ମିଶାଯାଇ ଅଧିକ ଦରରେ ବିକ୍ରି କରାଯାଉଛି। ଉକ୍ତ ସମସ୍ତ ସାମଗ୍ରୀର ଦର ୪୦ ଟଙ୍କାରୁ ଆରମ୍ଭ କରି ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଯାହାକୁ ଗ୍ରାହକ କିଣି ଠକାମିର ଶିକାର ହେଉଛନ୍ତି। ସେହି ପରି ବିଭିନ୍ନ ମସଲା ଗୁଣ୍ଡରେ ଏଭଳି ରଙ୍ଗ ବ୍ୟବହୃତ କରାଯାଉଛି। ଏ ବାବଦରେ ଖାଦ୍ୟ ବିଭାଗ ସବୁ ଜାଣି ଚୁପ୍ ରହିଥିବା ଅଭିଯୋଗ ହୋଇଛି। ସେହିପରି ପଲିସି ଡାଲିକୁ ଅଧିକ ଆକୃଷ୍ଟ କରିବାକୁ ଅଧିକ ରାସାୟନିକ ହଳଦିଆ ରଙ୍ଗ ବ୍ୟବହୃତ କରୁଛନ୍ତି। ଉକ୍ତ ଡାଲିରେ କୌଣସି ଗୁଣବତ୍ତା ନଥିବା ଅଭିଯୋଗ ହୋଇଛି। ସେହିପରି ଅଟା ଓ ଖାଇବା ତେଲରେ ମଧ୍ୟ ଅପମିଶ୍ରଣ ହେଉଛି। ବଜାରରେ ମିଳୁଥିବା ଖୋଲା ଅଟାରେ ମଇଦା ମିଶ୍ରଣ କରାଯାଉଥିବା ଅଭିଯୋଗ ହୋଇଛି। ସେହିପରି ଖୋଲାରେ ମିଳୁଥିବା ବିଭିନ୍ନ ପ୍ରକାର ତେଲରେ ଗୁଣବତା ରହୁନାହିଁ। ତେଲ ଡବାରେ ଗୁଣବତା ସମ୍ପର୍କୀୟ ସୂଚନା ରହୁନାହିଁ। ଡବାରେ ଦର ତଥ୍ୟ ମଧ୍ୟ ରହୁନାହିଁ। ଯାହାକୁ ନେଇ ବ୍ୟବସାୟୀ ମନମୁଖୀ ଦରରେ ତେଲ ବିକ୍ରି କରୁଛନ୍ତି। ସେହିପରି ଗୁଣବତା ନଥିବା ସୋୟାବଡ଼ି ଓ ବାଟୁଲା ଚଣା ଅଧିକ ଗୁଣବତ୍ତା ଥିବା ଦର୍ଶାଇ ଅଧିକ ମୂଲ୍ୟରେ ବିକ୍ରି ହେଉଛି। ବଜାରରେ ଏଭଳି ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ବିକ୍ରି କାରଣରୁ ସହରବାସୀ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସୁଥିବା କ୍ଷୁଦ୍ର ବ୍ୟବସାୟୀମାନେ ଅପମିଶ୍ରଣ ଖାଦ୍ୟ କିଣି ଠକାମିର ଶିକାର ହେଉଛନ୍ତି। ଏଣୁ ଖାଦ୍ୟ ନିରାପତ୍ତା ବିଭାଗ ନିୟମିତ ଯାଞ୍ଚ ସହ ଜରିମାନା ଏବଂ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

# କଫ୍ ସିରପ୍, ନିଶା ବଟିକା ଓ ମଦ ଜବତ:ଜଣେ ଗିରଫ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଅବୈଧ କଫ୍ ସିରପ୍, ନିଶା ବଟିକା ଓ ଚୋରା ମଦ କାରବାର କରୁଥିବା ଅଭିଯୋଗରେ ସଦର ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ମହୁଲପଡ଼ା ଗ୍ରାମର ୫୫ ବର୍ଷୀୟ ଅଶୋକ ଜୟପୁରିଆ ବୋଲି ଜଣାପଡିଛି। ସଦର ଥାନା ପୋଲିସ ଏ ସମ୍ପର୍କରେ ୨୫୩/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସ ଚଢ଼ଉ ବେଳେ ଅଭିଯୁକ୍ତ ନିକଟରୁ ୧୦୦ ମିଲିଲିଟର ବିଶିଷ୍ଟ ୫୬ଟି ସିଲ୍ ଥିବା ଓ୍ୱିନସରେକ୍ସ କଫ୍ ସିରପ୍ ବୋତଲ ଓ ୨ଟି ଖାଲି ବୋତଲ, ୧୦ ମିଲିଗ୍ରାମର ୭ଟି ନାଇଟ୍ରାଜେପାମ୍ ବଟିକା, ୧ ଲିଟର ପ୍ଲାଷ୍ଟିକ ବୋତଲରେ ପ୍ରାୟ ୭୦୦ ମିଲିଲିଟର ସନ୍ଦିଗ୍ଧ ଭାବେ ମିଶ୍ରିତ କମଳା ରଙ୍ଗର ତରଳ ପଦାର୍ଥ, ୧୮ଟି ଚକ୍ରଛାପ୍ ମଦ ପାଉଚ୍, ନଗଦ ୪୫୦ ଟଙ୍କା ଓ ୧୨ଟି ଡିସ୍ପୋଜେବଲ୍ ପ୍ଲାଷ୍ଟିକ୍ ଗ୍ଲାସ୍ ଜବତ କରିବାରେ ସଫଳ ହୋଇଥିବା ଜଣାପଡିଛି।



# ଆମ ଗାଁ ତହସିଲରେ ୧୨୨ ପଟ୍ଟା ବଣ୍ଟନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସହର ସଂଲଗ୍ନ କପାଳେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆମ ଗାଁ ତହସିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ତହସିଲଦାର କୁଇନି ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ, ରାଜସ୍ୱ ନୀରିକ୍ଷକ ସତ୍ୟଜିତ ରାଉତ, ରେକର୍ଡ କିପର ଯଶାଶ୍ୟ କରଣ ପ୍ରମୁଖ ଉପସ୍ଥିତ ରହି (କଲମ-୨ ପଟ୍ଟା) ୧୨୨ ଜଣଙ୍କୁ ବଣ୍ଟନ କରାଯାଇଛି। ଏଥିସହିତ ପଞ୍ଚାୟତର ଅଧିବାସୀମାନେ ବିଭିନ୍ନ ଜମିଜମା ସମସ୍ୟା ସମାଧାନ କରିଥିଲେ।

# ମା' ଓ ସଦ୍ୟଜାତ ସନ୍ତାନର ସୁସ୍ଥତା ଉପରେ ଗୁରୁତ୍ୱାରୋପ

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱ ବିଦ୍ୟାଳୟର ସମାଜ କାର୍ଯ୍ୟ ବିଭାଗ ପକ୍ଷରୁ ବିଶ୍ୱ ବିଦ୍ୟାଳୟର ପୋଷ୍ୟଗ୍ରାମ ନୂଆପାଢ଼ୀ ସ୍ଥିତ ନାୟୀକାଣୀ ଅଙ୍ଗନୱାଡ଼ି କେନ୍ଦ୍ରରେ ପୋଷଣ ମାସ ସପ୍ତାହ ପାଳନ କରାଯାଇଛି। ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ପ୍ରତି ସମୁଦାୟକୁ ସଚେତନ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁଷ୍ଟିକର ଖାଦ୍ୟ ଓ ସୁସ୍ଥ ଜୀବନଶୈଳୀର ଗୁରୁତ୍ୱ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପରାମର୍ଶକ୍ରମେ ବିଭାଗର ସଂଯୋଜକ ଡକ୍ଟର ଗ୍ରେସ ବାହାଲେନ ମୁଣ୍ଡୁଙ୍କ ଉଦ୍ୟମରେ ଏହି ସଚେତନତା ଅଭିଯାନ ଆରମ୍ଭ ହୋଇଛି। ସହକାରୀ ଅଧ୍ୟାପିକା ରଶ୍ମିରେଖା ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଗର୍ଭବତୀ ଓ ସଦ୍ୟ ପ୍ରସୂତି ମହିଳାମାନଙ୍କୁ ସନ୍ତୁଳିତ ଆହାର, ମାତୃ ସ୍ୱାସ୍ଥ୍ୟର ଯତ୍ନ ଓ ନବଜାତ ଶିଶୁର ସୁସ୍ଥ ବିକାଶ ସମ୍ପର୍କରେ ସବିଶେଷ ଅବଗତ କରାଇଥିଲେ। ଏହି ଅବସରରେ ବିଭାଗର ଛାତ୍ରଛାତ୍ରୀମାନେ ମୁଗ, ବୁଟ ଓ ଚିନାବାଦାମ ପରି ପୁଷ୍ଟିକର ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ସେମାନେ ଗ୍ରାମରେ ଘରକୁ ଘର ବୁଲି ପରିବାରମାନଙ୍କୁ ପୋଷଣଯୁକ୍ତ ଖାଦ୍ୟ ଶାରୀରିକ ଓ ମାନସିକ ବିକାଶ ପାଇଁ କିପରି ଅତ୍ୟାବଶ୍ୟକ, ସେ ନେଇ ସଚେତନ କରିଥିଲେ। ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ ମମତାମୟୀ ଖମୁରାଇ କାର୍ଯ୍ୟକ୍ରମକୁ ସଫଳ କରିବାରେ ସକ୍ରିୟ ସହଯୋଗ କରିଥିଲେ। ସମାଜ କାର୍ଯ୍ୟ ବିଭାଗ ସୂଚନା ଦେଇଛି ଯେ, ମାତୃ ସ୍ୱାସ୍ଥ୍ୟ ଓ ପୋଷଣ ସମ୍ପର୍କିତ ସଚେତନତାର ବାର୍ତ୍ତାକୁ ଅଧିକ ବ୍ୟାପକ କରିବା ପାଇଁ ଆଗାମୀ ତିନି ଦିନ ଧରି ବିଶ୍ୱବିଦ୍ୟାଳୟର ଅନ୍ୟ ପୋଷ୍ୟଗ୍ରାମ ଗୁଡ଼ିକରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବିଶ୍ୱବିଦ୍ୟାଳୟର ଏଭଳି ସମୁଦାୟ ସେବା ଭିତ୍ତିକ ପଦକ୍ଷେପ ଶିକ୍ଷାକୁ ସମାଜର କଲ୍ୟାଣ ସହ ଯୋଡ଼ିବାର ପ୍ରୟାସକୁ ଆହୁରି ସୁଦୃଢ଼ କରିଛି।

## ଦୀର୍ଘଦିନ ଧରି ଜମିରହିଛି ବର୍ଷା ପାଣି

# ଦୁର୍ଦ୍ଦଶାରେ ମାଛ ବ୍ୟବସାୟୀ, ପୌର ପରିଷଦର ଦୃଷ୍ଟି କେବେ ?

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଏନ୍‌ଏସିରୁ ମ୍ୟୁନିସିପାଲଟି ହେବାର ପ୍ରାୟ ୪ ମାସ ବିତି ଯାଇଥିଲେ ମଧ୍ୟ ମିଳୁନି କୌଣସି ସୁଫଳ। ବୌଦ୍ଧ ଜିଲ୍ଲା ଆଦର୍ଶ କୃଷି ବଜାର ପରିସରରେ ଥିବା ମାଛ ମାର୍କେଟ୍‌ର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡ଼ିଛି। ଦୀର୍ଘଦିନ ଧରି ବର୍ଷା ପାଣି ଜମି ରହିବା ଯୋଗୁ ସେଠାକାର ଅଞ୍ଚଳ ଏବେ ଦୂଷିତ ପାଣି ଓ ଅବର୍ଜନାରେ ଭରିଯାଇଛି। ଫଳରେ ମାଛ ବ୍ୟବସାୟୀମାନେ ନିଜ ଅସ୍ଥାୟୀ ଦୋକାନ ଖୋଲି ଠିକ୍ ଭାବେ ବ୍ୟବସାୟ କରିପାରୁନଥିବା ବେଳେ ଗ୍ରାହକମାନେ ମଧ୍ୟ ଏଠାକୁ ଆସିବାକୁ ଅସୁବିଧା ଭୋଗୁଛନ୍ତି। ମାଛ ମାର୍କେଟ୍ ପରିସରରେ ଜଳ ନିଷ୍କାସନ ବ୍ୟବସ୍ଥା ଠିକ୍ ନଥିବାରୁ ବର୍ଷା ହେବା ପରେ ପାଣି ଦୀର୍ଘ ସମୟ ଧରି ଜମି ରହୁଛି। ଜମିଥିବା ପାଣିରେ ପଲିଥିନ୍, ପ୍ଲାଷ୍ଟିକ୍ ସମେତ ବିଭିନ୍ନ ପ୍ରକାରର ଆବର୍ଜନା ଭାସୁଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ପାଣି ଜମି ରହିବା ଯୋଗୁ ଚାରିପଟେ କାଦୁଅ ଓ ଦୁର୍ଗନ୍ଧ ସୃଷ୍ଟି ହେଉଛି। ଏଭଳି ପରିବେଶରେ ମାଛ ବିକ୍ରି କରିବା ଓ କିଣିବା ଉଭୟ ବ୍ୟବସାୟୀ ଏବଂ ଗ୍ରାହକଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଏନେଇ ବ୍ୟବସାୟୀମାନେ କହିଛନ୍ତି ଯେ, ମାଛ ବିକ୍ରି ପାଇଁ ଅସ୍ଥାୟୀ ଦୋକାନ କରିଥିଲେ ମଧ୍ୟ ଦୋକାନ ସମ୍ମୁଖରେ ପାଣି ଜମି ରହୁଥିବାରୁ ଗ୍ରାହକ ଆସିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଫଳରେ ଦୈନିକ ବ୍ୟବସାୟ ମଧ୍ୟ ପ୍ରଭାବିତ ହେଉଛି। ଦୀର୍ଘଦିନ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କେବଳ ବ୍ୟବସାୟିକ ସମସ୍ୟା ନୁହେଁ, ଦୀର୍ଘ ସମୟ ଧରି ଦୂଷିତ ପାଣି ଜମି ରହିବା ଯୋଗୁ ଏହା ଏକ ସ୍ୱାସ୍ଥ୍ୟ ଓ ପରିମଳ ସମସ୍ୟା ଭାବେ ମଧ୍ୟ ଉଭା ହୋଇଛି। ଜମା ପାଣିରେ ମଶା ବଂଶବୃଦ୍ଧି ସହ ଦୁର୍ଗନ୍ଧ ସୃଷ୍ଟି ହେବାର ଆଶଙ୍କା ରହିଛି। ମାଛ ବିକ୍ରି ହେଉଥିବା ସ୍ଥାନରେ ଏଭଳି ଅପରିଷ୍କାର ପରିବେଶ ରହିବା ଗ୍ରାହକଙ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଚିନ୍ତାର ବିଷୟ ପାଲଟିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମାଛ ମାର୍କେଟ୍ ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ନିୟମିତ ସଫେଇ ଓ ଜଳ ନିଷ୍କାସନ ବ୍ୟବସ୍ଥା ରହିବା ଅତ୍ୟନ୍ତ ଆବଶ୍ୟକ। ବର୍ଷା ପାଣି ନିଷ୍କାସନ ପାଇଁ ଉପଯୁକ୍ତ ଡ୍ରେନ୍ ବ୍ୟବସ୍ଥା କରାଯିବା ସହ ମାର୍କେଟ୍ ପରିସରରେ ଜମିଥିବା ଅବର୍ଜନାକୁ ତୁରନ୍ତ ସଫା କରାଯିବା ଦରକାର। ଏନେଇ ବୌଦ୍ଧ ପୌର ପରିଷଦର ଦୃଷ୍ଟି କେବେ ପଡ଼ିବ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ତୁରନ୍ତ ଜମିଥିବା ପାଣି ନିଷ୍କାସନ, ଅବର୍ଜନା ସଫେଇ ଓ ମାଛ ମାର୍କେଟ୍ ପରିସରକୁ ପରିଷ୍କାର ରଖିବା ପାଇଁ ନିୟମିତ ପରିମଳ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଏଥିସହ ଭବିଷ୍ୟତରେ ବର୍ଷା ପାଣି ଜମି ନରହିବା ପାଇଁ ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ବ୍ୟବସାୟୀ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



# କବିତା ଘର ପକ୍ଷରୁ ସାହିତ୍ୟ ସମ୍ମାନ ଘୋଷଣା

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ ୨୦୨୬ ବର୍ଷ ନିମନ୍ତେ ସାହିତ୍ୟ ସମ୍ମାନ ଆନୁଷ୍ଠାନିକ ଭାବେ ସଫଳତାର ସହ ଘୋଷଣା କରିଛନ୍ତି ଯେଉଁଥିରେ କବି ବିଦେଶୀ ନାୟକ, କବି ଗୋପୀନାଥ ଦାଶ, କବି ଦେବେନ୍ଦ୍ର କୁମାର ବାଉରୀ, ଅଧ୍ୟାପକ ତ୍ରିଲୋଚନ ଦାଶ, କବୀ ଜ୍ୟୋସ୍ନାରାଣୀ ଦେବୀ ଓ କବି ସୁଦାମ ପାଣିଗ୍ରାହୀ ବିଚାରକ ଭୂମିକା ବହନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ଅଧ୍ୟକ୍ଷ ଭାଗିରଥି ବେହେରାଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ୧୩ତମ ସାହିତ୍ୟ ଉତ୍ସବର ଏକ ଭବ୍ୟ ସମାରୋହରେ ୨୦୨୬ ବର୍ଷ ନିମନ୍ତେ 'ଆସ ଈଶ୍ୱରଙ୍କୁ ପଚାରିବା' ସଙ୍କଳନର କବି ଓ ରାୟଗଡର ଲେଖକ ଅଧ୍ୟାପକ ସୁବାସ ଚନ୍ଦ୍ର ସାହୁଙ୍କୁ ତାଙ୍କରି କବିତା 'କବିଟିଏ ଜନ୍ମ ହେଲାବେଳେ' ପାଇଁ 'ରାଜ୍ୟସ୍ତରୀୟ କବିତା ସମ୍ମାନ'ରେ ସମ୍ମାନୀତ କରାଯିବା ସହ ଗଞ୍ଜାମ ଜିଲ୍ଲା ଲଙ୍ଗଳେଶ୍ୱର ମାଟିର ଲେଖକ ତଥା 'ପ୍ରସ୍ତୁତି ପର୍ବ' ସଙ୍କଳନର ରଚୟିତା ଅଧ୍ୟାପକ ବିଷ୍ଣୁ ପ୍ରସାଦ ଦାସଙ୍କୁ ତାଙ୍କରି କବିତା 'ଅକ୍ଷୁର୍ଣ୍ଣ ମାନବବାଦ' ପାଇଁ 'ଜିଲ୍ଲାସ୍ତରୀୟ କବିତା ସମ୍ମାନ'ରେ ସମ୍ମାନୀତ କରାଯିବ। ସେହି ଉତ୍ସବରେ ଗଞ୍ଜାମ ଜିଲ୍ଲା ହିରାଖଣ୍ଡୀ ମାଟିର ଲେଖିକା କଳ୍ପନା ପ୍ରଧାନଙ୍କୁ ତାଙ୍କରି କବିତା ସଂକଳନ 'ସମନ୍ୱୟ' ନିମନ୍ତେ 'ସ୍ୱର୍ଗତା ରୁକୁଣା ବେହେରା କବିତା ପୁସ୍ତକ ସ୍ମୃତି ସମ୍ମାନ', ଭଦ୍ରକ ଜିଲ୍ଲାର ଲେଖକ ଦୀନବନ୍ଧୁ ବେଜଙ୍କୁ ତାଙ୍କରି କବିତା ସଂକଳନ 'ବନଗିରି ଲତାଗିରି' ନିମନ୍ତେ 'ସ୍ୱର୍ଗତା ଦେବମଣି ସାହୁ କବିତା ପୁସ୍ତକ ସ୍ମୃତି ସମ୍ମାନ', ଗଞ୍ଜାମ ଜିଲ୍ଲା ପଦ୍ମାବତୀ ମାଟିର ଲେଖିକା ସନ୍ଧ୍ୟାରାଣୀ ଦେବୀଙ୍କୁ ତାଙ୍କରି କବିତା ସଂକଳନ 'ମୋ ଝର୍କାରୁ କୃଷ୍ଣଚୂଡ଼ା'କୁ 'ସ୍ୱର୍ଗତା ପ୍ରମିଳା ସ୍ୱାଇଁ କବିତା ପୁସ୍ତକ ସ୍ମୃତି ସମ୍ମାନ' ଓ 'ସାହିତ୍ୟ ଚର୍ଚ୍ଚା' ପତ୍ରିକା ନିମନ୍ତେ ଲେଖକ ନିହାର ଶତପଥୀଙ୍କୁ 'ସମ୍ପାଦକ ସମ୍ମାନ' ପ୍ରଦାନ କରାଯିବ ବୋଲି ସଭାପତି ଡ଼ା ରାଜେନ୍ଦ୍ର କୁମାର ବେହେରା ଜଣେଇଛନ୍ତି। କବିତା ପାଠ, ଆଲୋଚନା, ସମ୍ବର୍ଦ୍ଧନାର ଏହି ଉତ୍ସବରେ ଏହି ଉତ୍ସବରେ ବିଶିଷ୍ଟ ଅତିଥିଙ୍କ ଦ୍ୱାରା ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ଭାଗୀରଥୀ କବିତାର ଗଙ୍ଗା ୨୦୨୬', ସ୍ୱତନ୍ତ୍ର ସଂକଳିତ କବିତା ସଙ୍କଳନ 'ମାଲକାନଗିରିରୁ କବିତା', ସୁଶ୍ରୀ ସନ୍ଧ୍ୟାରାଣୀ ଦେବୀଙ୍କ ଶିଶୁ ଗଳ୍ପ ସଙ୍କଳନ 'ନୀଳକଇଁର ପୋଖରୀ ବୁଲା', ଜ୍ୟୋସ୍ନାରାଣୀ ଦେବୀଙ୍କ ଦୁଇଟି ଶିଶୁ ଗଳ୍ପ ସଙ୍କଳନ 'ଝାଇଁକି ଝୁମ୍ପା' ଓ ଶିଶୁ ଗଳ୍ପ ସଂକଳନ 'ପୁଷି ମାଉସୀ ପଢୁଛି ବସି', ଶେଷଦେବ ବେହେରାଙ୍କ ଶିଶୁ ଗଳ୍ପ ସଂକଳନ 'ଜୟା ବିଜୟା ଗଳ୍ପ ବାଟିକା' ଉନ୍ମୋଚନ ହେବ ବୋଲି ଉପଦେଷ୍ଟା ଓ ସମ୍ପାଦକ ମଣ୍ଡଳୀ ଯଥା କବି ଗଦାଧର ପାତ୍ର, କବି ସୁଧାଂଶୁ ଶେଖର ସାହୁ, କବି ଇଂ ନଳିନୀକାନ୍ତ ନାୟକ, କବି ତ୍ରିଲୋଚନ ଦାସ, କବି ଭାଗିରଥୀ ପଣ୍ଡା, କବୀ ଜୟନ୍ତୀ ବେହେରା, କବୀ ଜ୍ୟୋସ୍ନା କୁମାରୀ ପ୍ରଧାନ, କବି ଧର୍ମାନନ୍ଦ ମହାରଣା, କବି ଶେଷଦେବ ବେହେରା, କବି ଦୁର୍ଗା ମାଧବ ମହାରଣା ଆଦି ସଦସ୍ୟ ଗଣ ନିର୍ଣ୍ଣୟ ସହମତି ପ୍ରଦାନ କରିଛନ୍ତି।

# ଶିଶୁଙ୍କ କୁପୋଷଣ ନିବାରଣ ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

୫ ବର୍ଷରୁ କମ୍ ବୟସର ଶିଶୁଙ୍କ ପାଇଁ ଉପଯୁକ୍ତ ପୋଷଣ, ସ୍ୱାସ୍ଥ୍ୟକର ଖାଦ୍ୟ ଗ୍ରହଣ ଅଭ୍ୟାସ, ବୃଦ୍ଧି ଓ କୁପୋଷଣ ନିବାରଣ ଉପରେ ଗୁରୁତ୍ୱାରୋପ କରି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ (ଏସ୍‌ଏନ୍‌ସି) କ୍ୟାମ୍ପସ-୧ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ଗ୍ରାମରେ ଏକ ପୋଷଣ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜାତୀୟ ପୋଷଣ ସପ୍ତାହ ପାଳନ ଅବସରରେ ଏସ୍‌ଏନ୍‌ସିର କମ୍ୟୁନିଟି ହେଲ୍‌ଥ ନର୍ସିଂ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମହିଳା, ଶିଶୁ, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଏବଂ କମ୍ୟୁନିଟି ହେଲ୍‌ଥ ଅଫିସର ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏସ୍‌ଏନ୍‌ସିର ପ୍ରଥମ ବର୍ଷ ଏମ୍.ଏସ୍‌ସି. ନର୍ସିଂ ଛାତ୍ରଛାତ୍ରୀମାନେ ଅଧ୍ୟାପକମାନଙ୍କ ମାର୍ଗଦର୍ଶନରେ ୫ ବର୍ଷରୁ କମ୍ ବୟସର ଶିଶୁଙ୍କ ଉପରେ କରାଯାଇଥିବା ପୋଷଣ ସମ୍ବନ୍ଧୀୟ ଆକଳନର ଫଳାଫଳ ଉପସ୍ଥାପନ କରିଥିଲେ। ଶିଶୁଙ୍କ ସୁସ୍ଥ ବୃଦ୍ଧି ଓ ସର୍ବାଙ୍ଗୀନ ବିକାଶ ପାଇଁ ସନ୍ତୁଳିତ ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ ଅଭ୍ୟାସର ଗୁରୁତ୍ୱ ଉପରେ ସେମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଖାଦ୍ୟ ପ୍ରଦର୍ଶନୀ ଏବଂ ସିଧାସଳଖ ରନ୍ଧନ ପ୍ରଦର୍ଶନ ଅନ୍ୟତମ ପ୍ରମୁଖ ଆକର୍ଷଣ ଥିଲା।




ପୁଷ୍ଟିକର, ସୁଲଭ ଓ ସ୍ଥାନୀୟ ଭାବେ ଉପଲବ୍ଧ ବିଭିନ୍ନ ଖାଦ୍ୟ ସାମଗ୍ରୀ ସଂପର୍କରେ ଅଂଶ ଗ୍ରହଣକାରୀଙ୍କୁ ଅବଗତ କରାଯିବା ସହ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତି ଏବଂ ଶିଶୁଙ୍କ ଉପଯୁକ୍ତ ଖାଦ୍ୟ ଗ୍ରହଣ ପଦ୍ଧତି ସଂପର୍କରେ ବ୍ୟବହାରିକ ପରାମର୍ଶ ଦିଆଯାଇଥିଲା। ଚନ୍ଦକା ସ୍ଥିତ ଦାରୁଠେଙ୍ଗ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସବ୍-ସେଣ୍ଟରର କମ୍ୟୁନିଟି ହେଲ୍‌ଥ ଅଫିସର ମାନସୀ ମହାରଣା ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ଶିଶୁ କୁପୋଷଣ ରୋକିବାରେ ପରିବାର ଏବଂ ସାମୁଦାୟିକ ସ୍ୱାସ୍ଥ୍ୟ କର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏସ୍‌ଏନ୍‌ସିର ଅତିରିକ୍ତ ଡିନ୍ ତଥା କମ୍ୟୁନିଟି ହେଲ୍‌ଥ ନର୍ସିଂ ବିଭାଗର ମୁଖ୍ୟ ପ୍ରଫେସର ତପତୀ ସାହାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# କ୍ଷତି ସହୁଛନ୍ତି ପିଜୁଳି ଚାଷୀ:ମିଳୁନି ଉଚିତ୍ ବଜାର ଦର

**ଡାବୁଗାଁ, ନ୍ୟୁଜ୍ ବ୍ୟୁରୋ**

ପିଜୁଳି ଏକ ଲାଭ ଜନକ ଚାଷ। ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ ସି ରହିଥାଏ। ଜୁଲାଇ ଓ ଅଗଷ୍ଟ ମାସରେ ମୁଖ୍ୟତଃ ଏହି ପିଜୁଳି ଗଛରେ ଫଳିଥାଏ। ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକର ବିଜୁଗୁଡା ଓ ପାତିଆ ଡଙ୍ଗରିଗୁଡ଼ାରେ ପ୍ରଚୁର ପରିମାଣର ପିଜୁଳି ଚାଷ ହେଉଥିବା ବେଳେ ଚାଷୀଙ୍କୁ କିନ୍ତୁ ଉଚିତ୍ ବଜାର ଦର ମିଳୁନଥିବାରୁ ସେମାନେ ବହୁତ କ୍ଷତି ସହୁଥିବା ଦେଖିବାକୁ ମିଳୁଛି। ଡାବୁଗାଁ ପଞ୍ଚାୟତ ଡୁମୁଣିଗୁଡ଼ା ଗ୍ରାମ ନିକଟ ବିଜୁଗୁଡା ଗ୍ରାମ ପିଜୁଳି ପାଇଁ ପ୍ରସିଦ୍ଧ ଅଟେ। ଏଠାରେ ପ୍ରାୟ ୨୦ ଆଦିବାସୀ ପରିବାର ରହୁଥିବା ବେଳେ ମୁଖ୍ୟତଃ ଧାନ ସହ ପିଜୁଳି ଚାଷ କରନ୍ତି। ୪୦ ଏକର ପରିମିତ ସ୍ଥାନରେ ଶହ ଶହ ପିଜୁଳି ଗଛ ରହିଛି। ପୀଢ଼ି ପୀଢ଼ି ଧରି ଏହି ଆଦିବାସୀ ପରିବାର ପିଜୁଳି ଗଛର ରକ୍ଷଣାବେକ୍ଷଣ କରିବା ସହ ଋତୁ ଅନୁଯାଇ ପିଜୁଳି ଫଳିଲେ ବଜାରରେ ବିକ୍ରି କରିଥାନ୍ତି। ବିଶେଷ କରି ଜୁଲାଇ ଓ ଅଗଷ୍ଟ ମାସରେ ପ୍ରଚୁର ପିଜୁଳି ଫଳୁଥିବାରୁ ଏହି ଦୁଇ ମାସ ପିଜୁଳି ଚାଷୀ ବଜାରରେ ପିଜୁଳି ବିକ୍ରୀ କରିଥାନ୍ତି। ବଡ଼ି ଭୋରରୁ ପରିବାରର ସ୍ତ୍ରୀ ପିଲା ସହ ସମସ୍ତେ ପିଜୁଳି ବାଡିକୁ ଯାଇ ପ୍ଲାଷ୍ଟିକ୍ ଟ୍ରେରେ ପିଜୁଳି ସଂଗ୍ରହ କରନ୍ତି। ଗୋଟିଏ ପ୍ଲାଷ୍ଟିକ୍ ଟ୍ରେରେ ପ୍ରାୟ ୨୦ କେଜି ପିଜୁଳି ରହିଥାଏ। କିଛି ବର୍ଷ ପୂର୍ବେ ବାଉଁଶ ଟୋକେଇରେ ଚାଷୀ ପିଜୁଳି ସଂଗ୍ରହ କରି ଡାବୁଗାଁ ବଜାରରେ ଆଣି ବିକ୍ରି କରୁଥିବା ବେଳେ ବର୍ତ୍ତମାନ ବେପାରୀମାନେ ପିଜୁଳି ବଗିଚାକୁ ଯାଇ ସେଠାରୁ ପିଜୁଳି ନେଉଛନ୍ତି। ସେହି ପିଜୁଳି ଛତିଶଗଡ଼ର ରାୟପୁର ସହରକୁ ଯାଉଛି। ବର୍ତ୍ତମାନ ଡାବୁଗାଁ ବଜାରରେ ପିଜୁଳି କିଲୋ ୪୦ ଟଙ୍କା ରହିଥିବା ବେଳେ ପିଜୁଳି ଚାଷୀ କିନ୍ତୁ ମାତ୍ର ୮ ଟଙ୍କା କିଲୋ ଦରରେ ବିକ୍ରି କରୁଛନ୍ତି। ଠିକ୍ ସମୟରେ ପିଜୁଳି ଗଛରୁ ବାହାରୁଥିବା ବେଳେ ବିକ୍ରି ହୋଇନପାରିଲେ ତାହା ଗଛ ତଳେ ପଡି ନଷ୍ଟ ହେଉଛି। ବେପାରୀମାନେ ପିଜୁଳି ବଗିଚାରେ ଆସି ନେଉଥିଲେ ସୁଦ୍ଧା ଚାଷୀଙ୍କୁ ଉଚିତ୍ ଦର ମିଳୁନାହିଁ। ବଜାରର ସୁବିଧା ନଥିବାରୁ ଚାଷୀ କମ୍ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ସେପଟେ କୃଷି ଉଦ୍ୟାନ ବିଭାଗ ତରଫରୁ ପିଜୁଳି ଚାଷୀଙ୍କୁ ଉପଯୁକ୍ତ ସହାୟତା ସହ ବଜାର ସୁଯୋଗ ସୃଷ୍ଟି କରୁନଥିବାରୁ ଚାଷୀ ବିଶେଷ କ୍ଷତି ସହୁଛନ୍ତି। ବର୍ଷ ତମାମ୍ ମୁଣ୍ଡ ଝାଳ ତୁଣ୍ଡରେ ମାରି ପିଜୁଳି ବଗିଚା ଜଗା ରଖା ସହ ପିଜୁଳି ଗଛକୁ ଯତ୍ନ ନେଉଥିବା ଚାଷୀ ହତାଶ ହେଉଛନ୍ତି। ସରକାର ଏହି ପିଜୁଳି ଚାଷୀଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଦେବା ସହ ପିଜୁଳି ବିକ୍ରୀ ନିମନ୍ତେ ବଜାର ସୃଷ୍ଟି କରିବାକୁ ବିଜୁ ଗୁଡା ଗ୍ରାମର ଚାଷୀମାନେ ନିବେଦନ କରିଛନ୍ତି।



# ଖତ ଖାଉଛି କୋଟି କୋଟି ଟଙ୍କାର ପାନୀୟ ଜଳ ପ୍ରକଳ୍ପ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଲୋକଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ସରକାରୀ ଅର୍ଥରେ ନିର୍ମିତ ପ୍ରକଳ୍ପ ଏବେ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଗୋଟିଏ ପଟେ ପ୍ରକଳ୍ପ ଅଚଳ ହୋଇ ଖତ ଖାଉଥିବା ବେଳେ ଅନ୍ୟପଟେ ଏହାର ପାଇପକୁ ଦୁର୍ବୃତ୍ତମାନେ ଖୋଲି ନେଇଯାଉଥିବା ଅଭିଯୋଗ ହୋଇଛି। ଜନସାଧାରଣଙ୍କ ଅର୍ଥରେ ନିର୍ମିତ ଏଭଳି ଏକ ଜନହିତକର ପ୍ରକଳ୍ପର ରକ୍ଷଣା ବେକ୍ଷଣ ଓ ସୁରକ୍ଷାକୁ ନେଇ ଏବେ ପ୍ରଶ୍ନ ଉଠିଛି। ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ଗ୍ରାମ ପଞ୍ଚାୟତ ଅଧୀନ ଜଗତି ଗ୍ରାମରେ ଏଭଳି ଅଭିଯୋଗ ସାମ୍ନାକୁ ଆସିଛି। ଘଟଣାକୁ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇବା ସହ ସରକାରୀ ସମ୍ପତ୍ତିର ସୁରକ୍ଷା ନେଇ ଚିନ୍ତା ବଢ଼ିଛି। ସୂଚନା ଅନୁଯାୟୀ, କିଛି ବର୍ଷ ପୂର୍ବେ ଜଗତି ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଇବା ଉଦ୍ଦେଶ୍ୟରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଏକ ଓଭରହେଡ୍ ଟ୍ୟାଙ୍କ ନିର୍ମାଣ କରାଯାଇଥିଲା। ଏଥିସହ ଟ୍ୟାଙ୍କରୁ ପାଇପ୍ ଯୋଗେ ଗ୍ରାମର ବିଭିନ୍ନ ଅଞ୍ଚଳକୁ ପାଣି ଯୋଗାଣ ପାଇଁ ପାଇପ୍ ଲାଇନ୍ ବିଛାଯାଇଥିଲା। ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ କିଛି ସମୟ ଧରି ଗ୍ରାମବାସୀ ଏହାର ସୁବିଧା ପାଇଥିଲେ। ପରବର୍ତ୍ତୀ ସମୟରେ ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ଗ୍ରାମକୁ ପାଣି ଯୋଗାଣ ଆରମ୍ଭ ହେବାପରେ ପୁରୁଣା ପ୍ରକଳ୍ପଟି ଧୀରେ ଧୀରେ ଅବ୍ୟବହୃତ ହୋଇପଡ଼ିଥିଲା। ନିୟମିତ ରକ୍ଷଣା ବେକ୍ଷଣ ଓ ତଦାରଖ ଅଭାବରୁ ପ୍ରକଳ୍ପର ବିଭିନ୍ନ ସାମଗ୍ରୀ ନଷ୍ଟ ହେବାକୁ ବସିଥିବା ବେଳେ ଏବେ ପାଇପଗୁଡ଼ିକ ମଧ୍ୟ ଅସୁରକ୍ଷିତ ହୋଇପଡ଼ିଛି। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ପାଇପ୍ ଖୋଲି ନେଇଯାଉଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରକଳ୍ପଟି ଅଚଳ ହୋଇପଡ଼ିଥିଲେ ମଧ୍ୟ ଏଥିରେ ଲାଗିଥିବା ପାଇପ, ଟ୍ୟାପ ଓ ଅନ୍ୟାନ୍ୟ ସାମଗ୍ରୀ ସରକାରୀ ସମ୍ପତ୍ତି। ଏହାର ସୁରକ୍ଷା ପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ନଥିବାରୁ ଦୁର୍ବୃତ୍ତମାନେ ସୁଯୋଗ ନେଉଛନ୍ତି। ସମୟ ଥାଉଥାଉ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ପ୍ରକଳ୍ପର ଅବଶିଷ୍ଟ ସାମଗ୍ରୀ ମଧ୍ୟ ଚୋରି ହୋଇଯିବା ଆଶଙ୍କା ରହିଛି। ଘଟଣା ସମ୍ପର୍କରେ ବୌଦ୍ଧ ବ୍ଲକ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ସହ ଗ୍ରାମବାସୀ ମୋବାଇଲ୍ ଫୋନ୍‌ରେ ଯୋଗାଯୋଗ କରିଥିଲେ। ତେବେ ସେ ଫୋନ୍ ଉଠାଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି ଓ ପାଇପ୍ ଚୋରି ଅଭିଯୋଗ ଉପରେ ବିଭାଗୀୟ ପକ୍ଷରୁ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିପାରିନାହିଁ। ଯେଉଁ ପ୍ରକଳ୍ପ ଗ୍ରାମବାସୀଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ନିର୍ମାଣ ହୋଇଥିଲା, ତାହା ଆଜି ନିଜେ ଅବହେଳାର ଶିକାର ହୋଇଛି। ପ୍ରକଳ୍ପଟି ବର୍ତ୍ତମାନ ବ୍ୟବହାରରେ ନଥିଲେ ମଧ୍ୟ ଏହାର ସମ୍ପତ୍ତିକୁ ସୁରକ୍ଷିତ ରଖିବା ଏବଂ ଆବଶ୍ୟକ ସ୍ଥଳେ ଭବିଷ୍ୟତରେ ବ୍ୟବହାର ଉପଯୋଗୀ କରି ରଖିବା ବିଭାଗର ଦାୟିତ୍ୱ ବୋଲି ଗ୍ରାମବାସୀ ମତ ଦେଇଛନ୍ତି। ଏନେଇ ନିର୍ବାହୀ ଯନ୍ତ୍ରୀ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପ୍ରକଳ୍ପର ସ୍ଥିତି ଯାଞ୍ଚ କରିବା ସହ ପାଇପ ଖୋଲି ନେଇଯାଉଥିବା ଅଭିଯୋଗର ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥିସହ ସରକାରୀ ସମ୍ପତ୍ତିର ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ଏବଂ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନାନୁଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି ହୋଇଛି। ସରକାରୀ ଅର୍ଥରେ ନିର୍ମିତ ପାନୀୟ ଜଳ ପ୍ରକଳ୍ପ ଲୋକଙ୍କ କାମରେ ନଲାଗି ଅଚଳ ହୋଇ ଖତ ଖାଇବା ସହ ତାହାର ପାଇପ୍ ମଧ୍ୟ ଚୋରି ହୋଇଯିବା ଘଟଣା ସାଧାରଣରେ ଉଦ୍‌ବେଗ ସୃଷ୍ଟି କରିଛି। ଏବେ ଜଗତିବାସୀଙ୍କ ଅପେକ୍ଷା, ପ୍ରଶାସନ ଏହି ଅଭିଯୋଗକୁ କେତେ ଗୁରୁତ୍ୱର ସହ ନେଉଛି ଏବଂ ସରକାରୀ ସମ୍ପତ୍ତିର ସୁରକ୍ଷା ପାଇଁ କେବେ ଠୋସ୍ ପଦକ୍ଷେପ ନେଉଛି ଦେଖିବାକୁ ବାକି ରହିଲା।



# ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଉପଲବ୍ଧ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ

**ଯାଜପୁର, ନ୍ୟୁଜ୍**

ବହୁ ତ୍ୟାଗ ଓ କଷ୍ଟରେ ଦେଶକୁ ସ୍ୱାଧୀନତା ମିଳିଛି। ଏହାକୁ ଛାତ୍ରଛାତ୍ରୀମାନେ ଉପଲବ୍ଧି କଲେ ସେମାନେ ଦେଶ ପ୍ରେମୀ ହେବା ସହ ଚରିତ୍ରବାନ ହୋଇପାରିବେ। ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଛତିଆର ମହାପୁରୁଷ ହାଡିଦାସ ମହାବିଦ୍ୟାଳୟର ସମସ୍ତ ବିଭାଗର +୩ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ନିଜ ନିଜ ବିଭାଗକୁ ସ୍ୱାଗତ ଉତ୍ସବ ଅବସରରେ ବରୀ ମାଟିରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ବିଭାଗର +୩ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ନିଜ ନିଜ ବିଭାଗରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ୧୩ଟି ବିଭାଗର ଛାତ୍ରଛାତ୍ରୀ ଏକକାଳୀନ ଏହି ଉତ୍ସବକୁ ପୃଥକ ଭାବେ ପାଳନ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତରଫରୁ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷ ପ୍ରଫେସର ବିମଳଚନ୍ଦ୍ର ମଲ୍ଲିକ ଯୋଗଦେଇ ଜାତୀୟତା ମନ୍ତ୍ରରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୁଦ୍ଧ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ବରୀ ମାଟିର ସନ୍ତାନ ଭାବରେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ଅଧ୍ୟକ୍ଷ କହିଥିଲେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମରେ ବରୀରେ ଯେଉଁ ଆଶ୍ରମ ପ୍ରତିଷ୍ଠା ହୋଇଥିଲା,



ସେଥିରେ ରମାଦେବୀ, ମାଳତୀ ଦେବୀ, ନବକୃଷ୍ଣ ଚୌଧୁରୀ, ଅନ୍ନପୂର୍ଣ୍ଣା ଦେବୀଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଦେଶ, ଜାତି ଏବଂ ନିଜ ଭାଷା ପାଇଁ ଜୀବନ ଉତ୍ସର୍ଗ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ। ଅଧ୍ୟାପକ ଚକ୍ରଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟାପିକା ତଥା ଲେଖିକା ଡ. ଚନ୍ଦ୍ରକଳା ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ପରାଧୀନ ଭାରତର ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତିରେ ଓଢଣା ତଳେ ରହୁଥିବା ନାରୀ ରମାଦେବୀ ଦିନ ଦିନ ଗାଁରୁ ଗାଁ ଭୋକ ଉପାସରେ ପାଦରେ ବୁଲି ଲୋକମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ ନିଜ ଜୀବନକୁ ଉତ୍ସର୍ଗ କରିବାକୁ ଆହ୍ୱାନ ଦେଉଥିଲେ। ଏକ ସମ୍ଭ୍ରାନ୍ତ ପରିବାରର କନ୍ୟା ଏବଂ ବଧୂ ହୋଇ ତାଙ୍କର ଜୀବନକୁ ଏକ ସାଧାରଣ ମହିଳା ଭାବରେ ବିତାଇଥିଲେ। ଦେଶର ସ୍ୱାଧୀନତା ଆନ୍ଦୋଳନରେ ସମଗ୍ର ଜୀବନକୁ ସମର୍ପି ଦେଇଥିଲେ। କଟକରେ ପ୍ରଥମ ମହିଳା ସମ୍ମିଳନୀରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ନିକଟରେ ଓଡ଼ିଶାର ପ୍ରଥମ ମହିଳା ଭାବେ ତାଙ୍କର ସମସ୍ତ ସ୍ୱର୍ଣ୍ଣ ଅଳଙ୍କାରକୁ ସ୍ୱରାଜ ପାଣ୍ଠିକୁ ଦାନ କରିଥିଲେ। ଏବେ ଭୋଗବାଦୀ ସମାଜରେ ଛାତ୍ରଛାତ୍ରୀମାନେ ନିସ୍ୱାର୍ଥପର ଭାବେ ସେବା ମନୋଭାବ ନେଇ ଦେଶର ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ। ଏହି ଉତ୍ସବରେ ଅଧ୍ୟାପକ ସତ୍ୟରଂଜନ ମଲିକ, ଶ୍ରୀକାନ୍ତ ବିଶ୍ୱାଳ, ସ୍ମୃତିରଂଜନ ସେଠୀ ଛାତ୍ରଛାତ୍ରୀମାନଙ୍କୁ ମାନବିକତାର ମନ୍ତ୍ରରେ ଉଦ୍‌ବୁଦ୍ଧ ହେବା ପାଇଁ ଅଭିମନ୍ତ୍ରିତ କରିଥିଲେ। ଏହି ସଭାରେ +୩ ତୃତୀୟ ବର୍ଷର ଛାତ୍ରୀ ସ୍ୱପ୍ନାରାଣୀ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, ଏକକ ଅଭିନୟ, ପ୍ରଶ୍ନୋତ୍ତର ପ୍ରଭୃତି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନୂଆ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ଉପଲକ୍ଷେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।





# ୩୦ତମ ରୁଚି ପ୍ରତିଭା ସମ୍ମାନ ସମାରୋହ-୨୦୨୬

## ପଦ୍ମଶ୍ରୀ ଚରଣ ହେମ୍ବ୍ରମ, ପଦ୍ମଶ୍ରୀ ସାବରମତୀ, ବିଶିଷ୍ଟ ଉଦ୍ୟୋଗୀ ଦିଲ୍ଲୀପ ରାୟ ଓ ଇଣ୍ଡିଆନ ଆଇଡ଼ଲ୍ ଜ୍ୟୋତିର୍ମୟୀ ପାଇବେ ରୁଚି ପ୍ରତିଭା ସମ୍ମାନ

**କଟକ, ନ୍ୟୁଜ ବ୍ୟୁରୋ**




ସୁଦୀର୍ଘ ତିନି ଦଶନ୍ଧି ଧରି ରାଜ୍ୟ ଏବଂ ଦେଶର କୃତବିଦ୍ୟା ପ୍ରତିଭା ମାନଙ୍କୁ ଗୋଟିଏ ମଂଚରେ ସମ୍ମାନିତ କରି ପ୍ରତିଭା ପୂଜନ କ୍ଷେତ୍ରରେ ଏକ ନିଆରା ପରମ୍ପରା ସୃଷ୍ଟି କରିଥିବା ରୁଚି ପ୍ରତିଭା ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ହେବାକୁ ଯାଉଛି ଚଳିତବର୍ଷର ୩୦ତମ ରୁଚି ପ୍ରତିଭା ସମ୍ମାନ ସମାରୋହ। ସାନ୍ତାଳୀ ଭାଷାର ବିଶିଷ୍ଟ ଲେଖକ ତଥା ଆଦିବାସୀ ସଂସ୍କୃତିର ବର୍ଷୀୟାନ ଗବେଷକ ପଦ୍ମଶ୍ରୀ ଚରଣ ହେମ୍ବ୍ରମଙ୍କୁ ଚଳିତବର୍ଷ ପ୍ରଦାନ କରାଯିବ ସମ୍ମାନଜନକ ରୁଚି ଦେଶ ଗୌରବ ସମ୍ମାନ । ବିଶିଷ୍ଟ ଶିଳ୍ପଦ୍ୟୋଗୀ ତଥା 'ରୁଚି'ର ପ୍ରତିଷ୍ଠାତାଙ୍କ ସ୍ମୃତିରେ ପ୍ରବର୍ତ୍ତୀତ ପ୍ରଥମ ଡ. ଶରତ କୁମାର ସାହୁ ସ୍ମାରକୀ ସମ୍ମାନ ପ୍ରଦାନ କରାଯିବ ବିଶିଷ୍ଟ ଉଦ୍ୟୋଗପତି ତଥା ସାଂସଦ ଦିଲ୍ଲୀପ ରାୟଙ୍କୁ। ସଂଗୀତ ଗାୟନ କ୍ଷେତ୍ରରେ ଦେଶର ସୁକଣ୍ଠି ଗାୟିକା ତଥା ଚଳିତବର୍ଷର ଇଣ୍ଡିଆନ ଆଇଡ଼ଲ ବିଜୟିନୀ ବିଶିଷ୍ଟ କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ ନାୟକଙ୍କୁ ପ୍ରଦାନ କରାଯିବ ରୁଚି ଦେଶ ଜ୍ୟୋତି ସମ୍ମାନ। ଓଡ଼ିଶାରେ ଜୈବିକ କୃଷିର ବିକାଶ ଏବଂ ପରିବେଶର ସୁରକ୍ଷା ପାଇଁ ସମର୍ପିତା ଜନସେବୀ ସାବରମତୀଙ୍କୁ ରୁଚି ସେବା ଜ୍ୟୋତି ସମ୍ମାନ, ବିଶିଷ୍ଟ କ୍ରୀଡ଼ାବିତ୍ ତଥା ଭାରତୀୟ ମହିଳା ହକିର ପ୍ରାକ୍ତନ ଉପ ଅଧିନାୟିକା ଅଲମ୍ପିଆନ୍ ଦୀପ୍ ଗ୍ରେସ୍ ଏକ୍କାଙ୍କୁ ପ୍ରଦାନ କରାଯିବ ରୁଚି ବାରବାଟୀ କ୍ରୀଡ଼ା ସମ୍ମାନ। ଚଳିତବର୍ଷ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଓଡ଼ିଶା ଟପ୍ପର ହୋଇଥିବା ସାତ୍ୱିକ ସତ୍ୟକାମ ଦେବତାଙ୍କୁ ରୁଚି ବିଦ୍ୟାସାଗର ସମ୍ମାନ ଏବଂ ରାଜ୍ୟର ମାଟ୍ରିକ ଟପ୍ପର ଦୁଇ କୃତିବିଦ୍ୟାର୍ଥୀ ଆଶୁତୋଷ ନାୟକ ଏବଂ ପାର୍ଥସାରଥୀ ମହାନ୍ତଙ୍କୁ ରୁଚି ପ୍ରତିଭା ସମ୍ମାନରେ ସମ୍ମାନିତ କରାଯିବ । ଏହି ସମାରୋହରେ ଭାରତୀୟ ସେନାବାହିନୀର ପୂର୍ବତନ ସହ-ସେନାଧ୍ୟକ୍ଷ ତଥା ନୂଆଦିଲ୍ଲୀସ୍ଥିତ ସଶସ୍ତ୍ରବାହିନୀ ନ୍ୟାୟାଧିକରଣର ପ୍ରଶାସନିକ ସଦସ୍ୟ ଲେଫ୍ଟନାଂଟ ଜେନେରାଲ ଚଣ୍ଡୀପ୍ରସାଦ ମହାନ୍ତି ଉଦ୍‌ଘାଟକ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ମୁଖ୍ୟଅତିଥି ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ବିଶିଷ୍ଟ ଅତିଥି ଭାବେ ଯୋଗଦେବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି । ରାଜ୍ୟର ଖ୍ୟାତନାମା ଶିଳ୍ପୋଦ୍ୟୋଗ ' ରୁଚି ଫୁଡ୍‌ଲାଇନ' ଦ୍ୱାରା ସଂସ୍ଥାପିତ ରୁଚି ପ୍ରତିଭା ଫାଉଣ୍ଡେସନ ପକ୍ଷରୁ ଆଗାମୀ ସେପ୍ଟେମ୍ବର ୧୨ ତାରିଖ ଦିନ କଟକର ଶହୀଦ ଭବନଠାରେ ସନ୍ଧ୍ୟା ୫ଟାରେ ଆୟୋଜିତ ୩୦ତମ ରୁଚି ପ୍ରତିଭା ସମ୍ମାନ ସମାରୋହରେ ଦେଶର ଏହି ବିଶିଷ୍ଟ ପ୍ରତିଭାବାନ ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରାଯିବ ବୋଲି ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି । ରୁଚି ପ୍ରତିଭା ଫାଉଣ୍ଡେସନର ସଭାପତି ତଥା 'ରୁଚି'ର ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ସାହୁ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ରାଜ୍ୟରେ ଶିଳ୍ପପ୍ରଗତି ଓ ବିକାଶ ପାଇଁ ରୁଚି ଉଦ୍ୟୋଗ ଦୀର୍ଘ ୫୧ ବର୍ଷ ଧରି କାର୍ଯ୍ୟକରି ଆସୁଥିବା ବେଳେ ପ୍ରତିଭା ଫାଉଣ୍ଡେସନ ପକ୍ଷରୁ ରାଜ୍ୟର ମେଧାବୀ ଛାତ୍ରଛାତ୍ରୀ, ଯୁବପ୍ରତିଭା ଏବଂ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରି ନିଜେ ଗୌରବାନ୍ୱିତ ହୋଇଛି। ଏହା ସହିତ ପ୍ରତିଭା ଚୟନ ଜରିଆରେ ପ୍ରଯୁକ୍ତିବିଦ୍ୟା ଓ ଜ୍ଞାନକୌଶଳ କ୍ଷେତ୍ରରେ ନବସୃଜନ, ଯୁବ ଉଦ୍ୟୋଗୀ, କିଚେନ୍ କୁଇନ୍ ଓ କଳା ଓ ସଂସ୍କୃତି ବର୍ଗରେ ୪ଜଣ ଉଦୀୟମାନ ପ୍ରତିଭାଙ୍କୁ ଚୟନ କରାଯାଇ ରୁଚି ଦମଦାର ଓଡ଼ିଆ ସମ୍ମାନରେ ସମ୍ମାନିତ କରାଯିବା ନେଇ ସେ ଘୋଷଣା କରିଥିଲେ। ଏହି ଅବସରରେ ଫାଉଣ୍ଡେସନ ପକ୍ଷରୁ 'ଆମରୁଚି'ର ସ୍ୱତନ୍ତ୍ର ପ୍ରତିଭା ବିଶେଷାଙ୍କ ମଧ୍ୟ ଉନ୍ମୋଚିତ ହେବ । ଆୟୋଜିତ ଏହି ସମାରୋହରେ ବିଶିଷ୍ଟ ପ୍ରତିଭାମାନଙ୍କୁ ଅଙ୍ଗବସ୍ତ୍ର ଓ ସମ୍ମାନଫଳକ ପ୍ରଦାନ ସହିତ ସମ୍ମାନିତ କରାଯିବ ଏବଂ ଏହାସହିତ କୃତୀ ବିଦ୍ୟାର୍ଥୀଙ୍କୁ ଅର୍ଥରାଶି ପୁରସ୍କାର ସହ ସମ୍ମାନିତ କରାଯିବ । ସାମ୍ବାଦିକ ସମ୍ମିଳନୀରେ 'ରୁଚି'ର ଅଧ୍ୟକ୍ଷା ଶ୍ରୀମତୀ ସଙ୍ଗୀତା ସାହୁ, ନିର୍ଦ୍ଦେଶିକା ସଲିନା ସାହୁ, ନିର୍ଦ୍ଦେଶିକା ରଶ୍ମୀ ସାହୁ ଓ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ରୁଚି ପ୍ରତିଭା ଫାଉଣ୍ଡେସନର ସଂପାଦକ ଶୁଭେନ୍ଦୁ କୁମାର ଭୂୟାଁ ଚଳିତବର୍ଷର କୃତି ପ୍ରତିଭାମାନଙ୍କ ସହିତ ଅନୁଷ୍ଠାନର ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ସଂପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ରୁଚିର ମାର୍କେଟିଂ ବିଭାଗର ମୁଖ୍ୟ ଦେବଦତ୍ତ ସା, ରାଜେଶ କୁମାର ସାହୁ ଓ 'ହ୍ୱାଇଟ୍ କାନଭାସ୍'ର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଗୋଟିଏ ଟ୍ରେନ୍, ୨୦୦ ବହି ଓ ଶହ ଶହ କାହାଣୀକୁ ନେଇ ପୂର୍ବ ତଟ ରେଳପଥର ଏକ ନିଆରା ଯାତ୍ରା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ସକାଳର ଟ୍ରେନ୍‌ରେ ପ୍ରତିଦିନ ଭଳି ଯାତ୍ରୀମାନେ ଥିଲେ। କିନ୍ତୁ ଏଥର ଟ୍ରେନରେ ଥିଲା କିଛି ଅସାଧାରଣ—ବହି, କବିତା ଏବଂ ଶତାଧିକ ଲୋକ, ଯେଉଁମାନେ କେବଳ ଓଡ଼ିଶାରେ ଯାତ୍ରା କରିବାକୁ ନୁହେଁ, ବରଂ ଶବ୍ଦର ଦୁନିଆ ଭିତରେ ଏକ ଦିନ ବିତାଇବାକୁ ବାହାରିଥିଲେ। ରବିବାର ଟ୍ରେନ ନମ୍ବର ୬୮୪୨୯ ଭୁବନେଶ୍ୱର–ଦଶପଲ୍ଲା ମେମୁରେ ଚଢ଼ିଥିବା ପାଠକ ଓ ଲେଖକମାନଙ୍କ ପାଇଁ ଏହି ଯାତ୍ରା ଏକ ଚଳନ୍ତା ସାହିତ୍ୟିକ ସମାବେଶରେ ପରିଣତ ହୋଇଥିଲା। ଭୁବନେଶ୍ୱରସ୍ଥିତ 'ଓ୍ୱାକିଂ ବୁକ୍ ଫେୟାର୍ସ'ର ସହଯୋଗରେ ପୂର୍ବତଟ ରେଳପଥ ପକ୍ଷରୁ ଆୟୋଜିତ 'ରେଳ ରିଡିଂ କ୍ୟାମ୍ପେନ୍–ଗିଫ୍ଟ ଏ ବୁକ୍' କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଜଣ ଅଂଶଗ୍ରହଣ କରିଥିଲେ। ଏହି ସାହିତ୍ୟିକ ଯାତ୍ରାକୁ ଆହୁରି ସ୍ୱତନ୍ତ୍ର କରିଥିଲା ପ୍ରଖ୍ୟାତ ଲେଖକ ଓ ସାହିତ୍ୟିକ ଜେରୀ ପିଣ୍ଟୋ, ଶରତ ଚନ୍ଦ୍ର ଦାସ, କ୍ରିଷ୍ଟୋଫ ରାନ୍ସମାୟର, ଆକୃତି ମାନ୍ଧଓ୍ୱାନୀ ଏବଂ ଚନ୍ଦ୍ରହାସ ଚୌଧୁରୀଙ୍କ ଉପସ୍ଥିତି। ସେମାନେ ଅଂଶଗ୍ରହଣକାରୀ ଏବଂ ପାଠକମାନଙ୍କ ସହ ନିଜର କବିତା, ଚିନ୍ତାଧାରା, ସାହିତ୍ୟିକ ଅନୁଭବ ଓ ସୃଜନଶୀଳତାର ବିଭିନ୍ନ ଦିଗ ବାଣ୍ଟିଥିଲେ। ସେମାନଙ୍କ ଉପସ୍ଥିତି ଏହି ରେଳଯାତ୍ରାକୁ ପାଠକ, ଲେଖକ ଓ ସାହିତ୍ୟପ୍ରେମୀମାନଙ୍କ ମଧ୍ୟରେ ଏକ ନିଆରା ଆଲୋଚନା ଓ ଭାବବିନିମୟର ପରିସରରେ ପରିଣତ କରିଥିଲା। ଏହି ଅଭିଯାନ ଏକ ସାଧାରଣ ରେଳଯାତ୍ରାକୁ କିଛି ସମୟ ପାଇଁ ବହି ପଢ଼ିବା ଏବଂ ପରସ୍ପର ସହ ଯୋଡ଼ିହେବାର ଏକ ସୁନ୍ଦର ଆହ୍ୱାନରେ ପରିଣତ କରିଥିଲା। ଭୁବନେଶ୍ୱରରୁ ଟ୍ରେନ ଛାଡ଼ିବା ପରେ ଖୁବ୍ ଶୀଘ୍ର ଯାତ୍ରୀମାନଙ୍କୁ ପ୍ରାୟ ୨୦୦ଟି ବହି ବଣ୍ଟନ କରାଯାଇଥିଲା। ଏହି ଉପହାର ଦେବାର ପଦକ୍ଷେପଟି ଯାତ୍ରୀମାନଙ୍କୁ ପଢ଼ିବାର ଆନନ୍ଦକୁ ଆବିଷ୍କାର କିମ୍ବା ପୁନର୍ବାର ଅନୁଭବ କରିବା ପାଇଁ ଏକ ସୁନ୍ଦର ଆମନ୍ତ୍ରଣ ଦେଇଥିଲା। କୋଚ ଭିତରେ ଟ୍ରେନ ଯାତ୍ରାର ପରିଚିତ କୋଳାହଳ ଏକ ଶାନ୍ତ ପରିବେଶକୁ ସ୍ଥାନ ଦେଇଥିଲା। ଅଂଶଗ୍ରହଣକାରୀମାନେ ଏକ ସାମୂହିକ ନୀରବ ପଠନ ଅଧିବେଶନ ପାଇଁ ନିଜ ନିଜ ସ୍ଥାନରେ ବସିଥିଲେ। ମୋବାଇଲ୍ ଫୋନ୍‌କୁ କିଛି ସମୟ ପାଇଁ ପଛକୁ ରଖି ବହି, ଲେଖା, କବିତା, ସଙ୍ଗୀତ ଓ ଆଲୋଚନାକୁ ଯାତ୍ରାର କେନ୍ଦ୍ରସ୍ଥାନ ଦିଆଯାଇଥିଲା। ବିଶିଷ୍ଟ ସାହିତ୍ୟିକମାନଙ୍କ ଉପସ୍ଥିତି ଏହି ଯାତ୍ରାରେ ଆଉ ଏକ ସ୍ୱତନ୍ତ୍ର ମାତ୍ରା ଯୋଡ଼ିଥିଲା। ଅଂଶଗ୍ରହଣକାରୀମାନେ ସେମାନଙ୍କ କବିତା ଓ ଚିନ୍ତାଧାରା ଶୁଣିବା ସହ ସାହିତ୍ୟ, ଜୀବନ ଏବଂ କାହାଣୀ କହିବାର ଶକ୍ତି ସମ୍ପର୍କରେ ମତ ବିନିମୟ କରିଥିଲେ। ଟ୍ରେନର ଗତି ସହ ସାହିତ୍ୟ ଓ କବିତାର ଏହି ଭାବବିନିମୟ ମିଶି ଯାତ୍ରାକୁ ନିଜେ ଏକ ସ୍ୱତନ୍ତ୍ର ସାହିତ୍ୟିକ ଅନୁଭୂତିରେ ପରିଣତ କରିଥିଲା। ଦଶପଲ୍ଲାରେ ଟ୍ରେନ୍ ପହଞ୍ଚିବା ସହିତ ଯାତ୍ରା ଶେଷ ହୋଇନଥିଲା। ରେଳ ଷ୍ଟେସନ୍‌ରେ ପ୍ଲାଟଫର୍ମଟି ନିଜେ ଏକ ସାହିତ୍ୟିକ ପରିସରରେ ପରିଣତ ହୋଇଥିଲା। ଅଂଶଗ୍ରହଣକାରୀମାନେ 'ପ୍ଲାଟଫର୍ମରେ କବିତା' କାର୍ଯ୍ୟକ୍ରମରେ ଏକ ଅଭିନବ ପରିବେଶରେ ପରସ୍ପରଙ୍କ ସହ କବିତା ଓ ସାହିତ୍ୟିକ ଅଭିବ୍ୟକ୍ତି ବାଣ୍ଟିଥିଲେ। ପରେ ଭୁବନେଶ୍ୱର ଫେରିବା ସମୟରେ 'ଟ୍ରେନ୍‌ରେ ମୁଢ଼ି ମସଲା'ର ସ୍ୱତନ୍ତ୍ର ସ୍ଥାନୀୟ ସ୍ୱାଦ ସହ ଆଲୋଚନା ଓ ଆନନ୍ଦର ଧାରା ଜାରି ରହିଥିଲା। ଏହି ଅଭିଯାନର ଉଦ୍‌ଘାଟନ କରିଥିଲେ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କଓ୍ୱାଲ, ଯିଏ ନିଜେ ମଧ୍ୟ ଅଂଶଗ୍ରହଣକାରୀମାନଙ୍କ ସହ ଏହି ସାହିତ୍ୟିକ ଯାତ୍ରାରେ ସାମିଲ ହୋଇଥିଲେ। ଏହି ଦିନଟିକୁ ସ୍ୱତନ୍ତ୍ର କରିଥିଲା ଏହାର ସରଳତା। ଏଠାରେ କୌଣସି ବିଶାଳ ସାହିତ୍ୟିକ ସଭାଗୃହ ନଥିଲା, ପାଠକ ଓ ଲେଖକଙ୍କ ମଧ୍ୟରେ କୌଣସି ଔପଚାରିକ ବ୍ୟବଧାନ ମଧ୍ୟ ନଥିଲା। ଥିଲା କେବଳ ଏକ ଟ୍ରେନ୍ କୋଚ୍, ଜଣେ ଯାତ୍ରୀଙ୍କ ହାତରୁ ଅନ୍ୟ ଜଣଙ୍କ ହାତକୁ ଯାଉଥିବା ଏକ ବହି ଏବଂ ଯାତ୍ରା ସହିତ ସ୍ୱାଭାବିକ ଭାବେ ଗଢ଼ିଉଠିଥିବା ଆଲୋଚନା। କିଛି ଯାତ୍ରୀଙ୍କ ପାଇଁ ସେମାନେ ପାଇଥିବା ବହିଟି ହୁଏତ ଏକ ନୂଆ କାହାଣୀର ଆରମ୍ଭ ହୋଇଥିବ। ଅନ୍ୟମାନଙ୍କ ପାଇଁ ଏହା ହୁଏତ ପରବର୍ତ୍ତୀ ଯାତ୍ରାର ଜଣେ ନିରବ ସାଥୀ ହୋଇଥିବ। କିନ୍ତୁ ଏହି ସରଳ ପଦକ୍ଷେପଟି ଏକ ବଡ଼ ବାର୍ତ୍ତା ବହନ କରୁଥିଲା ଯେ ପଢ଼ିବା କେବଳ ଘର କିମ୍ବା ପାଠାଗାରରେ ସୀମିତ ଏକ ଏକାକୀ କାର୍ଯ୍ୟ ନୁହେଁ; ଏହା ଆମ ଦୈନନ୍ଦିନ ଜୀବନର ମଝିରେ ମଧ୍ୟ ନିଜର ସ୍ଥାନ ପାଇପାରେ। ଏହି 'ଗିଫ୍ଟ ଏ ବୁକ୍' ଅଭିଯାନ ଗୋଟିଏ ଦିନ ପାଇଁ ରେଳଯାତ୍ରାକୁ କେବଳ ଯାତ୍ରାର ଏକ ମାଧ୍ୟମ ନୁହେଁ, ବରଂ ଏକ ଏପରି ପରିସରରେ ପରିଣତ କରିଥିଲା, ଯେଉଁଠାରେ ଲୋକେ କିଛି ସମୟ ପାଇଁ ନିଜର ଚିନ୍ତାଧାରାର ଆଦାନପ୍ରଦାନ କରିପାରିଥିଲେ, ବିଶିଷ୍ଟ ସାହିତ୍ୟିକମାନଙ୍କ ଭାବନାକୁ ଶୁଣିପାରିଥିଲେ ଏବଂ ଏକ ଭଲ ବହି ପଢ଼ିବାର ଆନନ୍ଦକୁ ଏକାଠି ଉପଭୋଗ କରିପାରିଥିଲେ। ସନ୍ଧ୍ୟାରେ ମେମୁ ଟ୍ରେନଟି ଭୁବନେଶ୍ୱର ଫେରିବା ବେଳେ ଯାତ୍ରୀମାନଙ୍କୁ ସାଙ୍ଗରେ ନେଇ ଫେରିଥିଲା, କିନ୍ତୁ ହୁଏତ ପଛରେ ଛାଡ଼ି ଆସିଥିଲା ଆଉ କିଛି ବହି, କିଛି ଆଲୋଚନା ଏବଂ କିଛି ନୂଆ କାହାଣୀ। କାରଣ, ବେଳେବେଳେ ସବୁଠାରୁ ସ୍ମରଣୀୟ ଯାତ୍ରା କିଲୋମିଟରରେ ମାପାଯାଏ ନାହିଁ; ବରଂ ରାସ୍ତାରେ ଆମେ ସାଉଁଟି ନେଉଥିବା କାହାଣୀଗୁଡ଼ିକ ହିଁ ସେହି ଯାତ୍ରାର ପ୍ରକୃତ ମାପକାଠି ହୋଇଥାଏ।

# ଶ୍ରୀମଦ୍‌ଭଗବତ୍‌ଗୀତା ଆମକୁ ସତ୍ୟ, ଧର୍ମ, ନିଷ୍ଠାର ପଥ ଦେଖାଏ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପବିତ୍ର ଜନ୍ମାଷ୍ଟମୀ ଅବସରରେ ଗତକାଲି ରାତିରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସରକାରୀ ବାସଭବନରେ ଜନ୍ମାଷ୍ଟମୀ ପୂଜାଉତ୍ସବ ଭକ୍ତି ଓ ଶ୍ରଦ୍ଧାର ସହ ପାଳିତ ହୋଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ସହଧର୍ମିଣୀ ଯୋଗଦେଇ ପ୍ରଭୁ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା କରିଥିଲେ ।
ଏହା ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ ସୁରେଶ ପୂଜାରୀ, ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ବିଜେପି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ପ୍ରଭୁ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ କାମନା କରିଥିଲେ ।
ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, "ଭଗବାନ ଶ୍ରୀକୃଷ୍ଣଙ୍କ ଜୀବନ ଓ ଶ୍ରୀମଦ୍‌ଭଗବଦ୍‌ଗୀତାର ମହାନ ବାର୍ତ୍ତା ଆମକୁ ସତ୍ୟ, ଧର୍ମ, କର୍ତ୍ତବ୍ୟ ଓ ନିଷ୍ଠାର ପଥରେ ଆଗେଇବାକୁ ପ୍ରେରଣା ଦେଇଥାଏ । ଜନ୍ମାଷ୍ଟମୀର ଏହି ପବିତ୍ର ଦିନରେ ଆମେ ସମସ୍ତେ ନିଜ କର୍ତ୍ତବ୍ୟ ପ୍ରତି ସମର୍ପିତ ହୋଇ ସମାଜରେ ଶାନ୍ତି, ସଦ୍‌ଭାବ ଓ ଭାଇଚାରାକୁ ଆହୁରି ସୁଦୃଢ଼ କରିବାର ସଂକଳ୍ପ ନେବା । ପ୍ରଭୁ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦରେ ଓଡ଼ିଶା ଆହୁରି ସମୃଦ୍ଧ, ଶାନ୍ତିପୂର୍ଣ୍ଣ ଓ ବିକଶିତ ହେଉ—ଏହା ମୋର ପ୍ରାର୍ଥନା ।"
ଜନ୍ମାଷ୍ଟମୀ ପୂଜାଉତ୍ସବ ଅବସରରେ ରାଜ୍ୟବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରାଯାଇଥିଲା । ପ୍ରଭୁ ଶ୍ରୀକୃଷ୍ଣଙ୍କ ଦିବ୍ୟ ଜୀବନ ଓ ଗୀତାର ମହାନ ଉପଦେଶ ସମସ୍ତଙ୍କୁ ମାନବିକତା, ସେବା, ନ୍ୟାୟ ଓ କର୍ତ୍ତବ୍ୟନିଷ୍ଠାର ପଥରେ ଆଗେଇ ନେଉ ବୋଲି ଉପସ୍ଥିତ ସମସ୍ତେ ପ୍ରାର୍ଥନା କରିଥିଲେ । ଭକ୍ତି ଓ ଆଧ୍ୟାତ୍ମିକତାର ପରିବେଶରେ ଅନୁଷ୍ଠିତ ଏହି ଜନ୍ମାଷ୍ଟମୀ ପୂଜାଉତ୍ସବ ପରସ୍ପର ମଧ୍ୟରେ ଶୁଭେଚ୍ଛା ବିନିମୟ ସହ ସମ୍ପନ୍ନ ହୋଇଥିଲା ।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଇଣ୍ଟିଗ୍ରେଟେଡ ଡିଜିଟାଲ ଲର୍ଣ୍ଣିଂ ଡିଭାଇସ୍ ଉଦ୍‌ଘାଟିତ

**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**




ଆଲୁମିନିୟମ ତାର ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ପ୍ରକଳ୍ପ 'ଅଧ୍ୟୟନ' ଅଧୀନରେ ରେଙ୍ଗାଲିସ୍ଥିତ ପିଏମଶ୍ରୀ ନ୍ୟୁ ରାମ୍ପେଲା ହାଇସ୍କୁଲରେ ଇଣ୍ଟିଗ୍ରେଟେଡ୍ ଡିଜିଟାଲ ଲର୍ଣ୍ଣିଂ ଡିଭାଇସ୍‌ର ଉଦଘାଟନୀ ସମାରୋହ ଏବଂ ଜାତୀୟ ଗୁରୁ ଦିବସ ଉତ୍ସାହ ଓ ଆନନ୍ଦର ସହ ପାଳନ କରାଯାଇଥିଲା। ଏହି ଅବସରରେ ଆଦିତ୍ୟ ଆଲୁମିନିୟମ୍, ଲାପଙ୍ଗା ପକ୍ଷରୁ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିଦ୍ୟାଳୟଗୁଡ଼ିକର ଶିକ୍ଷକମାନଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରି ସେମାନଙ୍କ ପ୍ରତି ସମ୍ମାନ ଓ କୃତଜ୍ଞତା ଜଣାଯାଇଥିଲା। ଶିକ୍ଷକମାନେ ଆମ ସମାଜର ମୁଖ୍ୟ ସ୍ତମ୍ଭ। ଏକ ଉନ୍ନତ ଓ ସୁଦୃଢ଼ ସମାଜ ଗଠନରେ ସେମାନଙ୍କ ଅମୂଲ୍ୟ ଅବଦାନ ବିନା ଆମେ କେବେ ମଧ୍ୟ ସଫଳ ହୋଇପାରିବୁ ନାହିଁ।
ଏହା ସହିତ, ଇଣ୍ଟିଗ୍ରେଟେଡ୍ ଡିଜିଟାଲ ଲର୍ଣ୍ଣିଂ ଡିଭାଇସ୍ ସମ୍ପର୍କରେ ଶିକ୍ଷକମାନଙ୍କୁ ପରିଚିତ କରାଇବା ଏବଂ ଶ୍ରେଣୀଗୃହରେ ଏହାର ପ୍ରଭାବଶାଳୀ ବ୍ୟବହାର ସମ୍ପର୍କରେ ଜ୍ଞାନ ପ୍ରଦାନ କରିବା ପାଇଁ ଏକ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା।
ଏହି ପଦକ୍ଷେପ ମାଧ୍ୟମରେ ୭ଟି ବିଦ୍ୟାଳୟ ଉପକୃତ ହୋଇଛି ଏବଂ ଆଦିତ୍ୟ ଆଲୁମିନିୟମ୍, ଲାପଙ୍ଗା ପକ୍ଷରୁ ୧୩ଟି ଇଣ୍ଟିଗ୍ରେଟେଡ୍ ଡିଜିଟାଲ ଲର୍ଣ୍ଣିଂ ଡିଭାଇସ୍ ପ୍ରଦାନ କରାଯାଇଛି। ଏହା ଡିଜିଟାଲ ଶ୍ରେଣୀଗୃହକୁ ସୁଦୃଢ଼ କରିବା ସହିତ ବିଦ୍ୟାଳୟ ଶିକ୍ଷାର ଗୁଣବତ୍ତା ବୃଦ୍ଧିରେ ସହାୟକ ହେବ। । ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଯୁକ୍ତିନିର୍ଭର ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ସାମଗ୍ରିକ ଶିକ୍ଷାନୁଭୂତିକୁ ଅଧିକ ଉନ୍ନତ କରିବା ଦିଗରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ। ।
ଉକ୍ତ କାର୍ଯ୍ୟକ୍ରମ ଉଦ୍ଘାଟନୀ ସମୟରେ ଆଦିତ୍ୟ ଆଲୁମିନିୟମ କାରଖାନାର ସିଏସ୍ ଆର୍ ମୁଖ୍ୟ ଶ୍ରୀଯୁକ୍ତ ରବି ନିଓ୍ୱାସ୍ ଓ ଉପ ପ୍ରବନ୍ଧକ ମନୋରଂଜନ ବେହେରା ଉପସ୍ଥିତ ରହିଥିଲେ। ।

# ମା' ସୁରେଶ୍ୱରୀଙ୍କ ପୀଠରେ ନୂଆଁଖାଇ ପାଇଁ ଧାର୍ଯ୍ୟାହେଲା ଶୁଭ ଲଗ୍ନ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ପାଳନ ହେବ। ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେବ। ଜନ୍ମାଷ୍ଟମୀ ପରଦିନ ପବିତ୍ର ନନ୍ଦୋତ୍ସବ ଅବସରରେ ସହରସ୍ଥିତ ବଡ ଜଗନ୍ନାଥ ମନ୍ଦିର ମୁକ୍ତି ମଣ୍ଡପ ଠାରେ ରେ ପଣ୍ଡିତ ମହାସଭା ଅନୁଷ୍ଠିତ ହୋଇଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କଠାରୁ ଆଜ୍ଞାମାଳପ୍ରାପ୍ତ ହୋଇ ମହାସଭାରେ ଶୁଭ ଲଗ୍ନ ନିର୍ଦ୍ଧାରିତ ହୋଇଛି। ପଣ୍ଡିତ ମହାସଭାରେ ସ୍ଥିର ହୋଇଥିବା ଲଗ୍ନ ଅନୁସାରେ ଅସନ୍ତା ୧୫ ତାରିଖ (ମଙ୍ଗଳବାର) ଦିନ ପୂର୍ବାହ୍ନ ୯ଟା ୫୦ରୁ ୧୦ଟା ୧୪ ମିନିଟ୍ ମଧ୍ୟରେ ଅମୃତ ନବାନ୍ନ ଭୋଗ ଇଷ୍ଟଦେବୀ ମା' ସୁରେଶ୍ୱରୀ, ଗୃହ ଦେବଦେବୀଙ୍କୁ ଅର୍ପଣ କରାଯିବ। ସୋନପୁର ଗଡ଼ଜାତ ଅଞ୍ଚଳବାସୀ ଓ ଜିଲ୍ଲାର ପଞ୍ଚରା ଅଞ୍ଚଳବାସୀ ଏକାଠି ହୋଇ ନବାନ୍ନ ଭକ୍ଷଣ କରିବେ ସେହିପରି ସକାଳ ୮ଟା ୪୦ରୁ ୯ଟା ମଧ୍ୟରେ ମା' ସମଲେଇ ମନ୍ଦିରଠାରୁ ଅଷ୍ଟଚଣ୍ଡୀ, ଅଷ୍ଟବିଷ୍ଣୁ, ଅଷ୍ଟଶମ୍ଭୁ ଓ ହନୁମାନଙ୍କୁ ନବାନ୍ନ ଭୋଗର ପାହୁର ମାତ୍ର ବାହାରିବ ସୁରେଶ୍ୱରୀ ମନ୍ଦିର ପହଞ୍ଚି। ସୁବର୍ଣ୍ଣପୁର ପୌର ପରିଷଦ ପକ୍ଷରୁ ପଣ୍ଡିତ ମହାସଭା ଅନୁଷ୍ଠିତ ହୋଇ ବୈଠକରେ ଜ୍ୟୋତିର୍ବିଦ୍ ପଣ୍ଡିତ ରାଜେନ୍ଦ୍ର କୁମାର ମହାପାତ୍ର, ମହେଶ ପୂଜାହାରୀ, ରାମ ପୂଜାରୀ, ଅଚ୍ୟୁତ ପୂଜାହାରୀ, ବୈକୁଣ୍ଠନାଥ ଶତପଥୀ, ସୁରେନ୍ଦ୍ର ପଣ୍ଡା, ଶାଶାଶେଖର ସିଂହଦେଓ, ଷଷ୍ଠି ବଡମାଳି, ପୌରାଧ୍ୟକ୍ଷା ତାମସି ତାମସ୍ମିତା ନାୟକ, ପୌର ନିର୍ବାହୀ ଅଧିକାରୀ ଋଷି ମାଝୀ, ଶ୍ରୀବତ୍ସ ମଲ୍ଲିକ, ପୂର୍ବତନ ନଗରପାଳ ପ୍ରକାଶ ସାହୁ, ତ୍ରିଲୋଚନ ତରିଆ, ଶେଷଦେବ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସରକାରୀ କାର୍ଯ୍ୟାଳୟର...

ସରକାରୀ ସାଇନବୋର୍ଡରେ ପୁରୁଣା ବନାନର ବ୍ୟବହାର ଜାରି ରହିଲେ ସରକାରୀ ନାମକରଣରେ ଅସଙ୍ଗତି ସୃଷ୍ଟି ହେବା ସହ କ୍ୟାବିନେଟ୍ ନିଷ୍ପତ୍ତିର ଉଦ୍ଦେଶ୍ୟ ପ୍ରଭାବିତ ହେବ। ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲ୍ଲାପାଳଙ୍କୁ ନିଜ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ସରକାରୀ ସାଇନବୋର୍ଡର ସମୀକ୍ଷା କରି ସଂଶୋଧିତ ଇଂରାଜୀ ବନାନର ସମାନ ଓ ସମୁଚିତ ବ୍ୟବହାର ସୁନିଶ୍ଚିତ କରିବାକୁ କୁହାଯାଇଛି। ଏଥିସହ ବେସରକାରୀ ଓ ଅଣ-ସରକାରୀ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ମଧ୍ୟ ଏହି ପରିବର୍ତ୍ତନକୁ ସକରାତ୍ମକ ଭାବେ ଗ୍ରହଣ କରି ସଂଶୋଧିତ ବନାନର ବ୍ୟାପକ ବ୍ୟବହାର ସୁନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ଏହି କାର୍ଯ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ସହ ଏ ସମ୍ପର୍କରେ ଏକ ସପ୍ତାହ ମଧ୍ୟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି।

### ଅମିତ ଶାହଙ୍କୁ ...

ରାଧାକୃଷ୍ଣନଙ୍କୁ ମଧ୍ୟ ରାଜ୍ୟପାଳ ଭେଟିଥିଲେ। ତିନି ଦିନିଆ ନୂଆଦିଲ୍ଲୀ ଗସ୍ତ ସମୟରେ ଡକ୍ଟର କମ୍ଭମପାଟି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଓଡ଼ିଶାର ଲୋକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ବରିଷ୍ଠ ବ୍ୟକ୍ତିଙ୍କ ସହ ଆଲୋଚନା କରିଥିଲେ।

### ବିଷାକ୍ତ ମଦ ପିଇ...

ଘଟଣାସ୍ଥଳକୁ ଯାଇ ସ୍ଥିତିର ଅନୁଧ୍ୟାନ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ବରିଷ୍ଠ ଅଧିକାରୀ ଓ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ତେବେ ବିଷାକ୍ତ ମଦର ଉତ୍ସ କ'ଣ, କିପରି ଏତେ ଲୋକ ଅସୁସ୍ଥ ହେଲେ, ସେନେଇ ତଦନ୍ତ ଆରମ୍ଭ ହୋଇଛି। ଗୁରୁତରଙ୍କ ଚିକିତ୍ସା ଚାଲିଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବଢ଼ିବ କି ନାହିଁ, ତାକୁ ନେଇ ମଧ୍ୟ ଚିନ୍ତା ବଢ଼ିଛି।

### ନେପାଳ ବନ୍ୟାରେ ...

ଏବଂ ୧୦୧୨ଟି ନିଖୋଜଙ୍କ ସମ୍ପର୍କୀୟଙ୍କର। ଡିଏନ୍ଏ ନମୁନା ସଂଗ୍ରହ ପରେ ୧୦୩୦ଟି ମୃତଦେହକୁ ସମାଧି ଦିଆଯାଇଛି। ସେଥିରେ ୨୨୨ ମହିଳା, ୩୫୫ ପୁରୁଷ ଥିବାବେଳେ ୪୫୩ ଜଣଙ୍କ ଲିଙ୍ଗ ଚିହ୍ନଟ ହୋଇପାରିନାହିଁ। ଏ ପର୍ଯ୍ୟନ୍ତ ଚିହ୍ନଟ ହୋଇଥିବା ୯୬ଟି ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ନେପାଳ ପୁଲିସ ହସ୍ପିଟାଲର ଉପମହାନିରୀକ୍ଷକ ଦାମୋଦର ପୌଡେଲ କହିଛନ୍ତି, ମୃତଦେହ ଚିହ୍ନଟ କରିବାରେ ଡିଏନ୍ଏ ପରୀକ୍ଷା ବେଶ୍ ଉପଯୋଗୀ ହେବ। ମାତାପିତା, ସନ୍ତାନ ଓ ଭାଇଭଉଣୀଙ୍କ ଭଳି ନିକଟ ସମ୍ପର୍କୀୟଙ୍କ ନମୁନା ମିଳିଲେ ଚିହ୍ନଟ ପ୍ରକ୍ରିୟା ଅଧିକ ସହଜ ହୋଇଥାଏ। ନିଖୋଜଙ୍କ ପରିବାରକୁ ସୁବିଧା ଦେବା ପାଇଁ ନଓ୍ୱାକୋଟର ବିଦୁରରେ ଡିଏନ୍ଏ ନମୁନା ସଂଗ୍ରହ କେନ୍ଦ୍ର ମଧ୍ୟ ଖୋଲାଯାଇଛି। ନେପାଳ ପୁଲିସ ୧୨୭୦ଟି ଅଚିହ୍ନା ମୃତଦେହର ବିବରଣୀ ୱେବସାଇଟରେ ରଖିଛି, ଯାହା ଦେଖି ପରିବାର ନିଜ ଲୋକଙ୍କ ସମ୍ପର୍କରେ ସୂଚନା ପାଇପାରିବେ।

### ଭୁବନେଶ୍ୱର-କଟକ...

ଭିତ୍ତିଭୂମି, ନିବେଶ, ନିଯୁକ୍ତି ଓ ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି ଦୃଢ ଆଶା ବ୍ୟକ୍ତ କରି ସେ ଏହାର କାର୍ଯ୍ୟାନ୍ୱୟନରେ ସମସ୍ତ ବିଭାଗର ସମନ୍ୱିତ ଓ ସମ୍ମିଳିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ବିକେପିପିଇଆର ଅଧୀନରେ ଚିହ୍ନଟ ପ୍ରକଳ୍ପଗୁଡ଼ିକର ଅଗ୍ରଗତି, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ପି-ଏମ୍ ଗତି ଶକ୍ତି ପୋର୍ଟାଲରେ ପ୍ରକଳ୍ପ ମ୍ୟାପିଂ ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସୂଚନାଯୋଗ୍ୟ, ଖୋର୍ଦ୍ଧା, କଟକ, ପୁରୀ ଓ ଜଗତସିଂହପୁର-ଏହି ୪ଟି ଜିଲ୍ଲା ଏବଂ ଏହା ଅନ୍ତର୍ଭୁକ୍ତ ୧୯ଟି ସହରାଞ୍ଚଳକୁ ନେଇ ଗଠିତ ଏହି ଅର୍ଥନୈତିକ ଅଞ୍ଚଳକୁ ଏକ ସମାବେଶୀ, ବାସଯୋଗ୍ୟ ଓ ସ୍ଥାୟୀ ଅର୍ଥନୈତିକ ଅଞ୍ଚଳ ଭାବେ ଗଢ଼ି ତୋଳିବାର ଲକ୍ଷ୍ୟ ରହିଛି। ଏହି ପ୍ରକଳ୍ପ ଯୋଗେ ୪୦ ଲକ୍ଷରୁ ଅଧିକ ଅଣ-କୃଷି ନିଯୁକ୍ତି ଏବଂ ୪୦୦ ବିଲିୟନ୍ ଡଲାରରୁ ଅଧିକ କର୍ପୋରେଟ୍ ନିବେଶର ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ଏସିଆନ୍ ଡେଭେଲପମେଣ୍ଟ ବ୍ୟାଙ୍କ ଅର୍ଥ ଯୋଗାଣ ସହଯୋଗୀ ଭାବେ ପ୍ରସ୍ତାବରେ ରହିଛି ।

### ଜାତିସଂଘର...

ମାନଚିତ୍ର ଅନୁସାରେ ଚିତ୍ରଣ କରାଯିବା ଉଚିତ। କୌଣସି ଭୁଲ କିମ୍ବା ବିଭ୍ରାନ୍ତିକର ଚିତ୍ରଣ ଗ୍ରହଣୀୟ ନୁହେଁ।"ସେ ଆହୁରି କହିଛନ୍ତି ଯେ ଭାରତର ସାର୍ବଭୌମତ୍ୱ ଓ କ୍ଷେତ୍ରୀୟ ଅଖଣ୍ଡତା ଉପରେ ଦେଶର ଆଭିମୁଖ୍ୟ "ସ୍ପଷ୍ଟ, ସ୍ଥିର ଏବଂ ଆଲୋଚନାଯୋଗ୍ୟ ନୁହେଁ।" ଜାତିସଂଘର ପ୍ରସ୍ତାବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମହାଦେଶଗୁଡ଼ିକର ଆପେକ୍ଷିକ କ୍ଷେତ୍ରଫଳକୁ ସଠିକ୍ ଭାବେ ଦର୍ଶାଉଥିବା ସମାନ-କ୍ଷେତ୍ର ମାନଚିତ୍ର ପ୍ରକ୍ଷେପଣର ବ୍ୟବହାରକୁ ଉତ୍ସାହିତ କରିବା। ଏହାର ଉଦ୍ଦେଶ୍ୟ ବିଶେଷକରି ଆଫ୍ରିକା ସମେତ ବିଶ୍ୱର ବିଭିନ୍ନ ଅଞ୍ଚଳକୁ ଅଧିକ ସମାନ ଭାବେ ପ୍ରତିନିଧିତ୍ୱ କରିବା। ଟୋଗୋ ପ୍ରାୟୋଜିତ ଏହି ପ୍ରସ୍ତାବ ସପକ୍ଷରେ ୧୬୪ଟି ଭୋଟ୍ ପଡ଼ିଥିଲା। ଏସ୍ତୋନିଆ, ଜର୍ଜିଆ, ଲିଥୁଆନିଆ, ମାଲଡୋଭା, ସର୍ବିଆ ଓ ୟୁକ୍ରେନ୍ ଭୋଟ୍ ଦେଇନଥିବା ବେଳେ ଆମେରିକା ଏକମାତ୍ର ଦେଶ ଭାବେ ବିପକ୍ଷରେ ଭୋଟ୍ ଦେଇଥିଲା।

# ପଞ୍ଚାୟତ ନିର୍ବାଚନ ପୂର୍ବରୁ କଂଗ୍ରେସର ସଜବାଜ : ୩୪ ବରିଷ୍ଠ ସଦସ୍ୟଙ୍କୁ ନେଇ ଗଢା ହେଲା ପିଏସି କମିଟି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଗକୁ ପଞ୍ଚାୟତ ନିର୍ବାଚନ । ତା ପୂର୍ବରୁ ଓଡ଼ିଶା କଂଗ୍ରେସରେ କରାଯାଇଛି ବଡ଼ ସାଙ୍ଗଠନିକ ପରିବର୍ତ୍ତନ। କେବଳ ନୂଆ ପଦାଧିକାରୀ ନୁହଁନ୍ତି, ବ୍ୟବସ୍ଥାକୁ ମଧ୍ୟ ନୂଆ ଢାଞ୍ଚା ଦିଆଯାଇଛି। ଅଖିଳ ଭାରତୀୟ କଂଗ୍ରେସ କମିଟିର ଅନୁମୋଦନ ପରେ ୩୪ ଜଣ ବରିଷ୍ଠ ତଥା ଅଭିଜ୍ଞ ନେତାଙ୍କୁ ନେଇ ଗଠନ ହୋଇଛି ନୂଆ ରାଜନୈତିକ ବ୍ୟାପାର କମିଟି ବା ଚଇଉ । ଏଥିରେ ୨୯ ଜଣ ମୁଖ୍ୟ ସଦସ୍ୟଙ୍କ ସହ ୫ ଜଣ ଏକ୍ସ ଅଫିସି ସଦସ୍ୟ ରହିଛନ୍ତି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହା କଂଗ୍ରେସର ରଣନୈତିକ ସଜବାଜ ବୋଲି କୁହାଯାଉଛି । ଏହି ତାଲିକାରେ ସର୍ବାଗ୍ରେ ରହିଛନ୍ତି ଏଆଇସିସି ଇନଚାର୍ଜ ଲାଲଜି ଭାଇ ଦେଶାଇ । ଦେଶାଇଙ୍କ ସହ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ସାଂସଦ ସପ୍ତଗିରି ଉଲ୍ଲାକା, ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର, ଶ୍ରୀକାନ୍ତ ଜେନାଙ୍କ ଭଳି ଅନେକ ବରିଷ୍ଠ ନେତା ମଧ୍ୟ ଅଛନ୍ତି । ଦଳର ବରିଷ୍ଠତା, ଆଞ୍ଚଳିକ ପ୍ରତିନିଧିତ୍ୱ ଓ ନିର୍ବାଚନୀ ଅଭିଜ୍ଞତାକୁ ମାପଦଣ୍ଡ ଭାବେ ନିଆଯାଇଥିବା ଏହି ତାଲିକାରୁ ଅନୁମାନ କରାଯାଉଛି। ପ୍ରଦେଶ କଂଗ୍ରେସ କମିଟିର ଏଗଜ୍ୟୁକ୍ୟୁଟିଭି ସଦସ୍ୟ ଭାବେ ୬୮ ଜଣ ବରିଷ୍ଠ ନେତାଙ୍କୁ ଏଥିରେ ସ୍ଥାନ ମିଳିଛି।
୨୦୨୫ରେ ପିସିସି ସଭାପତି ବାବେ ଭକ୍ତ ଦାସ ଦାୟିତ୍ୱ ଗ୍ରହଣ ହେବା ପରେ ଦଳ ପକ୍ଷରୁ ନେତୃତ୍ୱରେ କଂଗ୍ରେସ ଯେଉଁ ଟିମ୍ ଗଠନ କରିଥିଲା, ସେତେବେଳେ ୭ ଉପସଭାପତି, ୧୦ ସାଧାରଣ ସମ୍ପାଦକ, ୧୨ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷଙ୍କୁ ନେଇ ୩୦ ଜଣିଆ ଟିମ୍ ହୋଇଥିଲା। ପୂର୍ବରୁ, ୭ ଉପସଭାପତିରୁ ୧୫ ଜଣଙ୍କୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ଏବେ ଏହି ଟିମର କଳେବର ବୃଦ୍ଧି ପାଇଛି । ୧୦ ସାଧାରଣ ସମ୍ପାଦକରୁ ଏବେ ୭୧ ଜଣଙ୍କୁ ବୃଦ୍ଧି କରାଯାଇଛି। ସେହିପରି ୧୨ ଜଣ ସମ୍ପାଦକ ବଦଳରେ ଏବେ ୪୩ଙ୍କୁ ସ୍ଥାନ ମିଳିଛି ।

## ୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

# ପ୍ରସିଦ୍ଧ ସରୋଦ ବାଦକ ପଣ୍ଡିତ ତେଜେନ୍ଦ୍ର ନାରାୟଣ ମଜୁମଦାରଙ୍କ ମନୋମୁଗ୍ଧକର ପରିବେଷଣ ସହିତ ସଙ୍ଗୀତ ଓ ନୃତ୍ୟର ଏକ ସଙ୍ଗମ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଦ୍ୱାରା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକଙ୍କ ସହଯୋଗରେ ଆୟୋଜିତ ୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପରେ ତାହାର ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜାରି ରଖିଥିଲା। ଦ୍ୱିତୀୟ ସନ୍ଧ୍ୟାରେ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଥିଲେ ପ୍ରଖ୍ୟାତ ଓଡ଼ିଶୀ କଣ୍ଠଶିଳ୍ପୀ ଓ ପଣ୍ଡିତଗୁରୁ ରାମହରି ଦାସ, ଭୁବନେଶ୍ୱରମଦର୍ସ ପବ୍ଲିକ ସ୍କୁଲର ପ୍ରତିଷ୍ଠାତାଶ୍ରୀମତୀ ପଲ୍ଲୀ ପଟ୍ଟନାୟକ, କଟକର ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର କୁଳପତିପ୍ରଫେସର (ଡ଼.) ରବି ନାରାୟଣ ଶତପଥୀ, ବିଶିଷ୍ଟ ଶାସ୍ତ୍ରୀୟ ଓ ସୁଗମ ସଙ୍ଗୀତ କଣ୍ଠଶିଳ୍ପୀଶ୍ରୀ ପାର୍ଥସାରଥୀ "ବାବୁ" ପାଣିଗ୍ରାହୀଏବଂ ସୃଜନର ନିର୍ଦ୍ଦେଶକ ତଥା ଶ୍ରୀଶ୍ରୀବିଶ୍ୱବିଦ୍ୟାଳୟରକଳା, ଯୋଗାଯୋଗ ଓ ଇଣ୍ଡିକ୍ ଷ୍ଟଡିଜ୍ ବିଭାଗର ଡିନ୍ ଗୁରୁ ରତିକାନ୍ତ ମହାପାତ୍ର । ସନ୍ଧ୍ୟାର ସଙ୍ଗୀତ କାର୍ଯ୍ୟକ୍ରମ ସେନିଆ ମୈହାର ଘରାନାର ଜଣେ ବିଶିଷ୍ଟ ବାଦକପଣ୍ଡିତ ତେଜେନ୍ଦ୍ର ନାରାୟଣ ମଜୁମଦାରଙ୍କ ସରୋଦ ବଦନରୁ ଆରମ୍ଭ ହୋଇଥିଲା, ଯିଏ ତାଙ୍କ ସଙ୍ଗୀତରେ ଧ୍ରୁପଦ, ତନ୍ତ୍ରକାରୀ ଏବଂ ଗାୟକୀକୁ ସୁନ୍ଦର ଭାବେ ସମନ୍ୱୟ କରି ସରୋଦ ବଦନ କରିଥିଲେ । ପଦ୍ମଶ୍ରୀ ଏବଂ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରରେ ସମ୍ମାନିତ ଏହି ସରୋଦ ମହାରଥୀ ତାଙ୍କ ଧ୍ୟାନମଗ୍ନ ଏବଂ ସ୍ଥାପତ୍ୟଗତ ଭାବେ ସୁନିର୍ଦ୍ଦିଷ୍ଟ ପରିବେଷଣ ମାଧ୍ୟମରେ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ। ତାଙ୍କୁ ତବଲାରେ ଶ୍ରୀ ସତ୍ୟଜିତ ତାଲୱାଲକରସହଯୋଗ କରିଥିଲେ । ସନ୍ଧ୍ୟାର ଦ୍ୱିତୀୟାର୍ଦ୍ଧ ଏକକ ଓଡ଼ିଶୀ ନୃତ୍ୟକୁ ଉତ୍ସର୍ଗ କରାଯାଇଥିଲା, ଯେଉଁଥିରେ ପ୍ରଶଂସିତ ଓଡ଼ିଶୀ ନୃତ୍ୟଶିଳ୍ପୀ ଶ୍ରୀମତୀ ଲିପ୍ସା ଶତପଥୀଙ୍କ କଳାତ୍ମକତା, ପ୍ରାଣବନ୍ତତା ଏବଂ ସୌନ୍ଦର୍ଯ୍ୟ ପ୍ରଦର୍ଶିତ ହୋଇଥିଲା। ତାଙ୍କର ପ୍ରଥମ ପ୍ରସ୍ତୁତିରେ ଥିଲା ପଞ୍ଚଭୂତ ଯାହା ରାଗ ରାଗମାଳିକା ଓ ତାଳ ତାଳମାଳିକାରେ ନିବଦ୍ଧ ଥିଲା ଯାହାର ସଙ୍ଗୀତ ସଂଯୋଜନା ଗୁରୁ ରାମହରି ଦାସ, ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଓ ନୃତ୍ୟ ସଂରଚନା ଗୁରୁ ଅରୁଣା ମହାନ୍ତି କରିଥିଲେ । ତାଙ୍କର ଦିତୀୟ ପ୍ରସ୍ତୁତିରେ ଥିଲା ଦେବଗାନ୍ଧାରୀ ପଲ୍ଲବୀ ଯାହାର ସଙ୍ଗୀତ ସଂଯୋଜନା ଗୁରୁ ରାମହରି ଦାସ, ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଓ ନୃତ୍ୟ ସଂରଚନା ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ କରିଥିଲେ। ତାଙ୍କର ଅନ୍ତିମ ପ୍ରସ୍ତୁତିରେ ଥିଲା ଓଡିଆ ଅଭିନୟ କହିବାକୁ ଲାଜ ଯାହାର ସଙ୍ଗୀତ ସଂଯୋଜନା ସୁରମଣି ରମେଶ ଚନ୍ଦ୍ର ଦାସ, ତାଳ ସଂଯୋଜନା ଗୁରୁ ଗଙ୍ଗାଧର ପ୍ରଧାନ ଓ ନୃତ୍ୟ ସଂରଚନା ଗୁରୁ ଅରୁଣା ମହାନ୍ତି କରିଥିଲେ । ତାଙ୍କୁ କଣ୍ଠରେଶ୍ରୀ ରୂପକ କୁମାର ପରିଡ଼ା, ବେହେଲାରେ ଅଗ୍ନିମିତ୍ର ବେହେରା, ବଂଶୀରେ ଶ୍ରୀ ସୌମ୍ୟ ରଞ୍ଜନ ଯୋଶୀ,ମର୍ଦ୍ଦଳରେ ସୀତାକାନ୍ତ ଜେନାଏବଂ ମଞ୍ଜୀରାରେ ରୋହିତ ପ୍ରଧାନ ସହଯୋଗ କରିଥିଲେ ।ଏହି ଉତ୍ସବର ପରିକଳ୍ପନା ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା କରାଯାଇଥିବା ବେଳେ ଏହାକୁ କାର୍ଯ୍ୟକାରୀ ଦେବୀପ୍ରସାଦ ମିଶ୍ର କରିଥିଲେ । ଏହି କାର୍ଯ୍ୟକ୍ରମଟିକୁ ଡକ୍ଟର ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ ।

ଉତ୍କଳ ଦୀପିକା

**ଭୁବନେଶ୍ୱର, ୦୭ ସେପ୍ଟେମ୍ବର, ସୋମବାର, ୨୦୨୬**

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ବନଭୋଜି ବେଶ ସମ୍ପନ୍ନ

**ପୁରୀ, ୬/୦୯ ନ୍ୟୁଜ ବ୍ୟୁରୋ**



ରବିବାର ଭାଦ୍ରବ ମାସ କୃଷ୍ଣପକ୍ଷ ଦଶମୀ ତିଥି, ଶ୍ରୀମନ୍ଦିରରେ ବଣଭୋଜି ବେଶ ସହ କୋଳି ବିକା ନୀତି, ବକାସୁର ଓ ଅର୍ଘାସୁର ବଧ ନୀତି ଅନୁଷ୍ଠିତ ହୋଇଛି । ଗତ ଗୁରୁବାର ଦିନ ଜେଉଟ ଭୋଗ ପରେ ଶୁକ୍ରବାର ଶ୍ରୀକୃଷ୍ଣ ଜନ୍ମନୀତି ଓ ଶନିବାର ନନ୍ଦୋତ୍ସବ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବା ପରେ ରବିବାରଠାରୁ ମହାପ୍ରଭୁଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯାଉଛି । ତେବେ ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ ଦର୍ଶନ କରି ଭକ୍ତମାନେ ନିଜକୁ ଧନ୍ୟ ମନେ କରିଛନ୍ତି । ସେପଟେ ଶୃଙ୍ଖଳିତ ନୀତିକାନ୍ତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି । ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀ ଠାରୁ ଆରମ୍ଭ ହୋଇଥିବା ଶ୍ରୀକୃଷ୍ଣ ଲୀଳାର ରବିବାର ଦଶମୀ ତିଥିରେ ମହାପ୍ରଭୁଙ୍କ ବନଭୋଜି ବେଶ ଅନୁଷ୍ଠିତ ହୋଇଛି । ଗୋପଲୀଳା ସମୟରେ ପ୍ରଭୁ ଶ୍ରୀକୃଷ୍ଣ ଓ ବଳରାମ ଗାଈ ବାଛୁରୀଙ୍କୁ ସାଙ୍ଗରେ ଧରି ବନଭୋଜି ପାଇଁ ଯାଇଥିବାର ପୁରାଣରେ ବର୍ଣ୍ଣିତ ରହିଛି । ଏହି ପରମ୍ପରାକୁ ସ୍ମରଣ କରି ଭାଦ୍ରବ କୃଷ୍ଣ ଦଶମୀ ତିଥିରେ ମହାପ୍ରଭୁଙ୍କୁ ଏହି ବେଶ କରାଯାଇଥାଏ । ମଧ୍ୟାହ୍ନ ଧୂପ ପରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କ ଠାରୁ ଆଜ୍ଞାମାଳ ଅଣାଯାଇ ଦକ୍ଷିଣ ଦ୍ୱାରରେ ଥିବା ରାମକୃଷ୍ଣଙ୍କୁ ପ୍ରଦାନ କରାଯାଇଥାଏ । ଏହାପରେ ରାମକୃଷ୍ଣ ପାଲିଙ୍କିରେ ବିଜେ କରି ବଡ଼ଛତା ମଠ ନିକଟରେ କୋଳି ବିକା ନୀତି ସମ୍ପନ୍ନ କରିବା ପରେ ସନ୍ଧ୍ୟା ଧୂପରେ ବନଭୋଜି ବେଶ ଅନୁଷ୍ଠିତ ହେବା ସହ ଅର୍ଘାସୁର ଓ ବକାସୁର ବଧ ନୀତି ହୋଇଛି । ବନଭୋଜି ବେଶରେ ମହାପ୍ରଭୁଙ୍କୁ ବିଭିନ୍ନ ପ୍ରକାରର ସ୍ୱର୍ଣ୍ଣ ଅଳଙ୍କାର ଲାଗି କରାଯିବା ସହ ମସ୍ତକରେ ସୋଲ, ବେତରେ ତିଆରି ସ୍ୱର୍ଣ୍ଣ କିଆ ଖୋସା ଯାଇଥିଲା । ଏହା ବ୍ୟତୀତ ରନ୍ ସିଂହାସନ ଉପରେ ଦୁଇଟି ଲେଖାଏଁ କାଠ ନିର୍ମିତ ଗାଈ ବାଛୁରୀ ଦଣ୍ଡାୟମାନ ଅବସ୍ଥାରେ ରଖାଯାଇଥିଲା । ତେବେ ଶ୍ରୀମନ୍ଦିରରେ ମଧ୍ୟାହ୍ନଧୂପ ପରେ ରାମକୃଷ୍ଣ ଦୁଇ ଚଳନ୍ତି ପ୍ରତିମାଙ୍କୁ ପୂଜାପଣ୍ଡା ସେବକମାନେ ଆଜ୍ଞାମାଳ ପ୍ରଦାନ କରିଥିଲେ । ପରେ ଦୁଇ ପ୍ରତିମାଙ୍କୁ ବିମାନରେ ବସାଇ ସିଂହଦ୍ୱାର ନିକଟସ୍ଥ ବଡଛତା ମଠ ପାର୍ଶ୍ୱରେ ଥିବା ଏକ କାଠ ସିଂହାସନରେ ବିଜେ କରାଇଥିଲେ । ଲେଙ୍କା ସେବକ ଶବରୁଣୀ ବେଶ ହୋଇ ଗୁଆ କୋଳି ଓ ନଡ଼ିଆ ପାତି ମିଶାଇ ଏକ ବାଉଁଶିଆରେ ଧରି ଆସି ସେଠାରେ ନୀତି ସମ୍ପାଦନ କରିଥିଲା । ଭିତରଛ ମହାପାତ୍ର ଉକ୍ତ ଶବରୁଣୀ ଠାରୁ କୋଳି ଆଣି ମହାପ୍ରଭୁଙ୍କୁ ସମର୍ପଣ ଓ ମଣୋହି କରିବା ପରେ ପୂଜାପଣ୍ଡା ସେଠାରେ ଶୀତଳ ଭୋଗ ଓ ଭିତରଛ ମହାପାତ୍ରଙ୍କ ଦ୍ୱାରା ବନ୍ଦାପନା କରାଯାଇଥିଲା । ମଧ୍ୟାହ୍ନ ଧୂପ ପରେ ଠାକୁରମାନଙ୍କୁ ବନଭୋଜି ବେଶରେ ସଜ୍ଜିତ କରାଯାଇଥିଲା । ଏହି ବେଶରେ ଶ୍ରୀଜୀଉମାନଙ୍କ ଶ୍ରୀଭୁଜରେ ରୂପା ପିଙ୍ଗଣରେ ସର ଧାରଣ ସହ ଅନ୍ୟ ହସ୍ତରେ ନଉଡି ଧରିଥାନ୍ତି । ବନଭୋଜି ବେଶରେ ଠାକୁରମାନଙ୍କୁ ପ୍ରାୟ ୧୮ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାରରେ ବିମଣ୍ଡିତ କରାଯାଇଥାଏ । ଭକ୍ତମାନେ ଏହି ଦୁର୍ଲଭ ବେଶ ମହାପ୍ରଭୁଙ୍କର ଦର୍ଶନ କଲେ ଅନେକ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ସୋମବାର କାଳୀୟଦଳନ ବେଶ ଓ ପରଦିନ ପ୍ରଳମ୍ବାସୁର ବଧ ବେଶ ଓ ତ୍ରୟୋଦଶୀ ତିଥିରେ କୃଷ୍ଣବଳରାମ ବେଶରେ ମହାପ୍ରଭୁ ଦର୍ଶନ ଦେବାର ପରମ୍ପରା ରହିଛି ।

# ବିପଦରେ ଶ୍ରୀବୁଦ୍ଧନାଥ ଦେବଙ୍କ ମନ୍ଦିର

**ବାଲିପାଟଣା,୬ /୯ ନ୍ୟୁଜ ବ୍ୟୁରୋ**

ବିପଦରେ ଶ୍ରୀବୁଦ୍ଧନାଥ ଦେବଙ୍କ ମନ୍ଦିର । ରାଜଧାନୀ ଉପକଣ୍ଠ ଜୟଦେବ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିପାଟଣା ବ୍ଲକରେ ରହିଛି ୧୨ଶ ଶତାବ୍ଦୀର ଏହି ଶୈବପୀଠ । ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିଲେ ମଧ୍ୟ ବିଭାଗ ପକ୍ଷରୁ ଏହାର ଆବଶ୍ୟକ ଯତ୍ନ ନିଆଯାଉନାହିଁ । ଫଳରେ ବହୁ ପ୍ରାଚୀନ ଏହି ମନ୍ଦିର ପ୍ରତି ଏବେ ବିପଦ ଆଶଙ୍କା ସୃଷ୍ଟି ହୋଇଛି । ମନ୍ଦିର ଦଧିନଉତି ଅଗ୍ରରେ ଲାଗିଥିବା କଳସରେ ଫାଟ ସୃଷ୍ଟି ହେବା ସହିତ ବର୍ଷା ହେଲେ ମନ୍ଦିର ଗର୍ଭଗୃହରେ ପାଣି ଗଳୁଛି । ମନ୍ଦିର ପରିସରରେ ଥିବା ଅତିଥି ଭବନ, ମନ୍ଦିର ପ୍ରାଙ୍ଗଣ ମଣ୍ଡପରେ ଥିବା କାର୍ତ୍ତିରାଜି ନଷ୍ଟ ହେବାକୁ ବସିଲାଣି । ମନ୍ଦିର ପରିସର ବଣଜଙ୍ଗଲରେ ଭର୍ତ୍ତି ହୋଇଛି । ଏପଟେ ମନ୍ଦିର ପୁଷ୍କରିଣୀ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଅଧାରେ ଅଟକିଛି । ଏନେଇ ସ୍ଥାନୀୟ ଲୋକେ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପରେ ବାଲିପାଟଣା ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ବ୍ଲକ ସହକାରୀ ଯନ୍ତ୍ରୀ ଅର୍ଚ୍ଚନା ନାୟକ ଓ ଯନ୍ତ୍ରୀ ବର୍ଷା ମଲ୍ଲିକ ମନ୍ଦିର ପରିଦର୍ଶନ କରିଛନ୍ତି । ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଯାହା ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି । ବାଲିପାଟଣା ବ୍ଲକର ଗାରେଡ଼ିପାଞ୍ଚଣ ଗ୍ରାମରେ ରହିଛି ଏହି ପ୍ରାଚୀନ ଶୈବପୀଠ ଶ୍ରୀବୁଦ୍ଧନାଥ ଦେବଙ୍କ ଭବ୍ୟ ମନ୍ଦିର । ଐତିହାସିକଙ୍କ ମତରେ ଗଙ୍ଗ ବଂଶ ରାଜତ୍ୱ ସମୟରେ ଗଜପତି ଚୋଡ଼ଗଙ୍ଗ ଦେବଙ୍କ ଦ୍ୱାରା ଏହି ସୁନ୍ଦର କାରୁକାର୍ଯ୍ୟ ପୂର୍ଣ୍ଣ ମନ୍ଦିର ନିର୍ମିତ ହୋଇଥିଲା । କିମ୍ବଦନ୍ତୀ କୁହେ ଓଡ଼ିଶାରେ ଗଜପତି ମୁକୁନ୍ଦଦେବଙ୍କ ରାଜତ୍ୱ ସମୟରେ ଯବନ ସେନାପତି କଳାପାହାଡ ଆକ୍ରମଣରେ ଅନେକ ହିନ୍ଦୁ ମନ୍ଦିର ଭାଙ୍ଗିରୁଜି ଯାଇଥିଲା । ତନ୍ମଧ୍ୟରୁ ବୁଦ୍ଧନାଥ ମନ୍ଦିର ଅନ୍ୟତମ । ପରବର୍ତ୍ତୀ ସମୟରେ ଓଡ଼ିଶା ପ୍ରତ୍ନତତ୍ତ୍ୱ ବିଭାଗ ସହଯୋଗରେ ଭଗ୍ନ ମନ୍ଦିରର ପୁନଃ ନିର୍ମାଣ ହୋଇଥିଲା । ମନ୍ଦିର ଚାରିପାଖରେ ପାଚେରି ପୁନଃନିର୍ମାଣ ସହିତ ପଛପଟେ ଥିବା ୧୨ଏକର ପରିମିତ ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହାତକୁ ନେଇଥିଲା ବିଭାଗ । ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଉତ୍ତରା-ନିମାପଡା ରାସ୍ତା କଡରେ ଏକ ସୁଉଚ୍ଚ ତୋରଣ ନିର୍ମାଣ କରାଯାଇଛି ।



# ଧାର୍ଯ୍ୟହେଲା 'ନୂଆଁଖାଇ'ର ଶୁଭ ଲଗ୍ନ

## ୧୫ ତାରିଖ ସକାଳ ୯ଟା ୪୦ରୁ ୯ଟା ୫୪ ମଧ୍ୟରେ ସମଲେଶ୍ୱରୀଙ୍କ ପାଖରେ ଲାଗିବ ନବାନ୍ନ



**ସମ୍ବଲପୁର, ୬/୦୯ ନ୍ୟୁଜ ବ୍ୟୁରୋ**
ଆସନ୍ତା ଇଂରାଜୀ ତାରିଖ ସେପ୍ଟେମ୍ବର -୧୫ ଭାଦ୍ରବ ଶୁକ୍ଳ ପକ୍ଷ ପଞ୍ଚମୀ ତିଥି ମଙ୍ଗଳବାର ଦିନ ପୂର୍ବାହ୍ନ ୯ଟା ୪୦ରୁ ୯ଟା ୫୪ ମଧ୍ୟରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଠାରେ ନବାନ୍ନ ଲାଗି ହେବ । ଏହାପରେ ପରମ୍ପରା ଅନୁସାରେ ଘରେ ଘରେ ନୂଆଁଖାଇ ପାଳନ ହେବ । ଏଥିପାଇଁ ପରମ୍ପରା ମୁତାବକ ସମ୍ବଲପୁର ଝାଡୁଆପଡ଼ା ସ୍ଥିତ ବ୍ରହ୍ମପୁରା ମନ୍ଦିର ଠାରେ ପଣ୍ଡିତମାନେ ନୂଆଁଖାଇ ପାଇଁ ଶୁଭଲଗ୍ନ ଧାର୍ଯ୍ୟ କରିଛନ୍ତି । ପ୍ରତ୍ୟେକ ବର୍ଷ ଜନ୍ମାଷ୍ଟମୀର ପରବର୍ତ୍ତୀ ଦିନ ଅର୍ଥାତ ନନ୍ଦୋତ୍ସବ ଅବସରରେ ଏଠାରେ ନୂଆଁଖାଇ ପାଇଁ ଶୁଭଲଗ୍ନ ଧାର୍ଯ୍ୟ କରାଯିବାର ପରମ୍ପରା ରହିଛି । ଝାଡୁଆପଡା ସ୍ଥିତ ବ୍ରହ୍ମପୁରା ମନ୍ଦିର ଠାରେ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ବୋର୍ଡ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ମାନେ ଏକାଠି ହୋଇଥିଲେ । ଏହା ପରେ ପ୍ରଥମେ ବିଷ୍ଣୁ ସହସ୍ର ନାମ ପାଠ କରାଯାଇଥିଲା । ପରେ ମା ସମଲେଶ୍ୱରୀଙ୍କ ଜାତକ, ରାଶି, ନକ୍ଷତ୍ର ଅନୁସାରେ ଚଳିତ ବର୍ଷର ନୂଆଁଖାଇ ପାଇଁ ଏହି ଶୁଭଲଗ୍ନ ଧାର୍ଯ୍ୟ କରାଯାଇଥିଲା । ସମ୍ବଲପୁରର ସଂସ୍କୃତି ଗବେଷକଙ୍କ ମତରେ ନୂଆଁଖାଇ ପର୍ବ ପାଳନ କେବେ ଆରମ୍ଭ ହୋଇଛି କେହି ଜାଣି ନାହାଁନ୍ତି । ତେଣୁ ଏହାକୁ ଆଦି ପର୍ବ କୁହାଯାଏ ।

# ଏଥର କଟକ ବାଲିଯାତ୍ରା ହେବ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ୍ ମୁକ୍ତ

**ଭୁବନେଶ୍ୱର/କଟକ, ୦୬/୦୯ ନ୍ୟୁଜ ବ୍ୟୁରୋ**



ଐତିହାସିକ କଟକ ବାଲିଯାତ୍ରା – ୨୦୨୬ ସଂପର୍କିତ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ଓ ସମୀକ୍ଷା ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ନୌବାଣିଜ୍ୟିକ ଐତିହ୍ୟକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ପ୍ରୟାସ କରାଯାଉଥିବା କହିଛନ୍ତି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ । ଆସନ୍ତା ନଭେମ୍ବର ୨୪ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ବାଲିଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇ ସାରିଥିବା ସଂପର୍କରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବଶିନ୍ଦେ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ କହିଥିଲେ, ପ୍ରତିବର୍ଷ ବାଲିଯାତ୍ରାରେ ଦର୍ଶକଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଗତ ବର୍ଷ ଅର୍ଥାତ ୨୦୨୫ ବାଲିଯାତ୍ରାରେ ପ୍ରାୟ ୬୫ ଲକ୍ଷ ଦର୍ଶକଙ୍କ ସମାଗମ ହୋଇଥିଲା । ଗୋଟିଏ ଦିନ ସର୍ବାଧିକ ୧୨ ଲକ୍ଷ ଲୋକ ବାଲିଯାତ୍ରାକୁ ଦେଖିବାକୁ ଆସିଥିଲେ । ୩୯୬ ଭେଣ୍ଡିଂଜୋନ୍ ହେବା ସହିତ ବାଲିଯାତ୍ରାରେ ୪୦୦ କୋଟିରୁ ଅଧିକ ବ୍ୟବସାୟ ହୋଇଥିଲା । କେବଳ ଓରମାସରେ ୫୭ କୋଟି ଟଙ୍କାର ବ୍ୟବସାୟ ହୋଇଥିଲା । ୨୪ଟି ରାଜ୍ୟରୁ ବ୍ୟବସାୟୀ ଅଂଶଗ୍ରହଣ କରିଥିଲେ । ଚଳିତ ଥର ଇଣ୍ଡୋନେସିଆ ଅଂଶୀଦାର ଦେଶ ଭାବେ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ମହାନଦୀରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ଆକର୍ଷଣୀୟ କାର୍ଯ୍ୟକ୍ରମ କରାଯିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଛି । ଚଳିତବର୍ଷ ବାଲିଯାତ୍ରା ଉଭୟ ଉପର ଓ ତଳ ପଡ଼ିଆରେ ହେବାକୁ ଥିବାବେଳେ ଚହଟା ରୋଡର ଅଧା ଅଂଶକୁ ସ୍ୱତନ୍ତ୍ରପାର୍କିଂ ଅଞ୍ଚଳ ଭାବେ ନିର୍ଦ୍ଧାରିତ କରାଯାଇଛି । ପାର୍କିଂ ସ୍ଥଳରୁ ଯାତ୍ରା ପଡ଼ିଆ ପର୍ଯ୍ୟନ୍ତ ଦର୍ଶକଙ୍କ ସୁବିଧା ପାଇଁ ଅଧିକ ବସ୍ ସେବା ଯୋଗାଇ ଦିଆଯିବା ସମ୍ପର୍କରେ ପ୍ରସ୍ତୁତି କରାଯିବ । ଶୃଙ୍ଖଳା, ସୁରକ୍ଷା ଓ ପରିବେଶକୁ ଦୃଷ୍ଟିରେ ରଖି ଏଥର ବାଲିଯାତ୍ରାକୁ ସମ୍ପୂର୍ଣ୍ଣ "ପ୍ଲାଷ୍ଟିକ୍ ମୁକ୍ତ ଗ୍ରୀନ୍ ବାଲିଯାତ୍ରା' ଭାବେ ପାଳନ କରାଯିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି । ସେହିଭଳି ପ୍ଲାଷ୍ଟିକ ମୁକ୍ତ ବାଲିଯାତ୍ରା ପାଇଁ ଲୋକମାନଙ୍କୁ ସଚେତନ କରାଯିବ । ପରିବେଶ ସ୍ୱଚ୍ଛତାକୁ ଆଖି ଆଗରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ସବୁ ବିଭାଗ ସହ ସମନ୍ୱୟ ରଖି ଏହାକୁ କାର୍ଯ୍ୟକାରୀ କରାଯିବ । ସାଧାରଣ ଲୋକଙ୍କ ସହଯୋଗ ଆବଶ୍ୟକ ବୋଲି କହିଛନ୍ତି ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ୩ଟି ପରିବର୍ତ୍ତେ ୨ଟି ମଞ୍ଚ ପ୍ରସ୍ତୁତ କରାଯିବ । ଆଞ୍ଚଳିକ ବ୍ୟବସାୟ ଓ କାରିଗରଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଓରମାସ ପକ୍ଷରୁ ମୋଟ୍ ୫୦୦ଟି ଷ୍ଟଲ ସ୍ଥାପନ କରାଯିବ । ଉଠା ଦୋକାନୀଙ୍କ ପାଇଁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ରଭେଣ୍ଡିଂଜୋନ୍ ଏବଂ ହସ୍ତତନ୍ତ ଓ ହସ୍ତଶିଳ୍ପ ଷ୍ଟଲଗୁଡ଼ିକୁ ପ୍ରମୁଖ ସ୍ଥାନରେ ସ୍ଥାପନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଓଡ଼ିଶାର ପ୍ରାଚୀନ ସାମୁଦ୍ରିକ ଐତିହ୍ୟର ପୁନରୁଦ୍ଧାର ପାଇଁ "ଟେକିଂଇଟ୍ ଟୁ ବାଲି' ପଦକ୍ଷେପ ସ୍ୱରୂପ ଇଣ୍ଡୋନେସିଆର ବାଲିକୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ପ୍ରେରଣ କରାଯିବା ନେଇ ଆଲୋଚନା ହୋଇଛି । ଇଣ୍ଡୋନେସିଆର ବାଲିରୁ ସାଂସ୍କୃତିକ ଦଳ ଯୋଗଦେବା ନେଇ ଆଲୋଚନା ହୋଇଛି । ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଗୃହ, ଶିଳ୍ପ, ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ଃ. ମୃଣାଳିନୀ ଦରସ୍ୱାଲ, ରାଜ୍ୟ ପର୍ଯ୍ୟଟନ ବିଭାଗର କମିଶନର ବଲୱନ୍ତ ସିଂ, ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟଙ୍କ ସମେତ କଟକ ଜିଲ୍ଲା ପ୍ରଶାସନର ଅନ୍ୟ ବରିଷ୍ଠ ଅଧିକାରୀ, ଭୁବନେଶ୍ୱର-କଟକ ପୁଲିସ୍ କମିଶନର ଏସ୍ ଦେବଦତ୍ତ ସିଂ ଏବଂ ପୁଲିସ୍ ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

# ଲାଞ୍ଚ ଅଭିଯୋଗରେ ଜେଲ୍ ଗଲେ ସହକାରୀ ନିର୍ବାହୀ ଯନ୍ତ୍ରୀ

**କଟକ, ୦୬/୦୯ ନ୍ୟୁଜ ବ୍ୟୁରୋ**

ଲାଞ୍ଚ ନେବା ଅଭିଯୋଗରେ ଜେଲ୍ ଗଲେ ସହକାରୀ ନିର୍ବାହୀ ଯନ୍ତ୍ରୀ । କେନ୍ଦ୍ରାପଡ଼ା ଡ୍ରେନେଜ ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୁପମା ସାହୁ । ତାଙ୍କ ଗାଡ଼ିରୁ ୩ ଲକ୍ଷ ୧୫ ହଜାର ଟଙ୍କାର ସନ୍ଦେହଜନକ ନଗଦ ଜବତ ହୋଇଥିଲା । ତାଙ୍କ ଘରେ ଚଢ଼ଉ ବେଳେ ଆଉ ୪ ଲକ୍ଷ ଟଙ୍କା ମିଳିବା ପରେ ସର୍ବମୋଟ ୭ ଲକ୍ଷ ୧୫ ହଜାର ଟଙ୍କା ଜବତ ହୋଇଥିଲା । ଭିଜିଲାନ୍ସ ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଡ୍ରେନେଜ ଡିଭିଜନର ସହକାରୀ ନିର୍ବାହୀଯନ୍ତ୍ରୀ ଅନୁପମା ସାହୁଙ୍କୁ ଓଡ଼ିଶା ଭିଜିଲାନ୍ସ ମାର୍ଶାଘାଇ ଛକ ଜାତୀୟ ରାଜପଥ ୫୩-ଏରେ ଅଟକାଇଥିଲା । ସେ ଅଫିସ୍‌ରୁ ନୟନବିହାର, କେନ୍ଦ୍ରାପଡ଼ା ସ୍ଥିତ ଘରକୁ ଅଫିସ୍ ଗାଡ଼ିରେ ଯାଉଥିଲେ । ଗାଡ଼ିରୁ ୩,୧୫,୦୦୦ ଟଙ୍କା ସନ୍ଦେହଜନକ ଲାଞ୍ଚ ଟଙ୍କା ଭିଜିଲାନ୍ସ ଅଧିକାରୀମାନେ ଜବତ କରିଥିଲେ । ସେ ଟଙ୍କାର ଉତ୍ସ କହି ନ ପାରିବାରୁ ଟଙ୍କା ଓ ଗାଡ଼ି ଜବତ କରିଥିଲା ଭିଜିଲାନ୍ସଟିମ୍ । ତା'ପରେ ଆୟ ବହିର୍ଭୂତ ସମ୍ପତ୍ତି ଦୃଷ୍ଟିକୋଣରୁ ତାଙ୍କ ଅଫିସ୍ ଓ ଘରେ ଚଢ଼ଉ କରାଯାଇଥିଲା । ଘରେ ଚଢ଼ଉ ବେଳେ ପୁଣି ୪ ଲକ୍ଷ ଟଙ୍କା ମିଳିଥିଲା ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୦୬/୦୯/୨୦୨୬
୭,୮୦,୮୫୬//- ଟଙ୍କା
ସୁନା:- ୦୧ଗ୍ରାମ୍ ୧୦୦ମିଲିଗ୍ରାମ
ରୂପା:-୨୬ ଗ୍ରାମ୍ ୬୦୦ମିଲିଗ୍ରାମ

## ଟଙ୍କାକୁ ନେଇ ସ୍ତ୍ରୀଙ୍କୁ ସ୍ୱାମୀ ହତ୍ୟା କରିବା ଘଟଣା

# ସୁଭଦ୍ରା ଯୋଜନା କାରଣ ହୋଇନଥାଇପାରେ : ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର/ଜଗତସିଂହପୁର, ୬/୦୯ ନ୍ୟୁଜ ବ୍ୟୁରୋ**



ରାଜ୍ୟରେ ସୁଭଦ୍ରା ଯୋଜନାର ସହାୟତା ରାଶିକୁ ନେଇ ମଦ୍ୟପ ସ୍ୱାମୀ ସ୍ତ୍ରୀଙ୍କୁ ହତ୍ୟା କରୁଥିବା ଅଭିଯୋଗ ଉପରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଏହି ଆପରାଧିକ ଘଟଣାଗୁଡ଼ିକ ପଛରେ ସୁଭଦ୍ରା ଯୋଜନା କାରଣ ହୋଇନଥାଇପାରେ ବୋଲି ସେ ସ୍ପଷ୍ଟ କରିବା ସହ ମହିଳାମାନଙ୍କୁ ସଜାଗ ଓ ସଶକ୍ତ ହେବାକୁ ଆହ୍ୱାନ ଦେଇଛନ୍ତି । ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହିଳାମାନେ ଆଦୌ ଦୁର୍ବଳ କିମ୍ବା ଅବଳା ନୁହଁନ୍ତି, ସେମାନେ ସବଳା । ସମୟ ସମୟରେ ମହିଳାମାନଙ୍କ ଉପରେ ଅନେକ ଅତ୍ୟାଚାର ହୋଇଛି, ହେଲେ ସେମାନେ ପ୍ରତ୍ୟେକ ସ୍ଥିତିରେ ନିଜକୁ ଅଧିକ ଶକ୍ତିଶାଳୀ ଥିବା ପ୍ରମାଣିତ କରିଛନ୍ତି । ନାରୀମାନେ ନିଜ ଶକ୍ତି ବିଷୟରେ ଭଲ ଭାବେ ଅବଗତ । ସେମାନେ ଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ରୂପ ଏବଂ ନିଜର ସୁରକ୍ଷା କିପରି କରିବାକୁ ହେବ ତାହା ଭଲ ଭାବରେ ଜାଣନ୍ତି । ଏହି ନିର୍ଦ୍ଦିଷ୍ଟ ଘଟଣାଗୁଡ଼ିକ ପଛରେ ସୁଭଦ୍ରା ଯୋଜନା ବୋଧହୁଏ କାରଣ ହୋଇନଥିବ, ତଦନ୍ତ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି । ଅନ୍ୟପଟେ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଇନ୍ଦିପୁର ଅଞ୍ଚଳରୁ ଏକ ସଂଘାତିକ ହତ୍ୟାକାଣ୍ଡ ସାମ୍ନାକୁ ଆସିଛି । ଏଠାରେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀ କୌଶଲ୍ୟା ପ୍ରଧାନଙ୍କୁ ସୁଭଦ୍ରା ଯୋଜନାରେ ମିଳିଥିବା ଟଙ୍କା ମଦ ପିଇବା ପାଇଁ ମାଗିଥିଲେ । ସ୍ତ୍ରୀ ଟଙ୍କା ଦେବାକୁ ମନା କରିବାରୁ ସ୍ୱାମୀ ତାଙ୍କୁ ଆକ୍ରମଣ କରି ହତ୍ୟା କରିବା ସହ ଶବକୁ ଘର ପଛପଟେ ପୋତିବାକୁ ଚେଷ୍ଟା କରିଥିଲେ । ତେବେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ସାରିଛି । ସେହିପରି ଜଗତସିଂହପୁର ଜିଲ୍ଲାରୁ ମଧ୍ୟ ଏକ ଅନୁରୂପ ଅଭିଯୋଗ ଆସିଛି । ଏଠାରେ ସୁଭଦ୍ରା ଯୋଜନାର ଟଙ୍କା ହାତେଇବାକୁ ନେଇ ଜଣେ ମଦ୍ୟପ ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ କଳହ ହୋଇଥିଲା ଯେଉଁଥିରେ ସ୍ତ୍ରୀଙ୍କ ଜୀବନ ଯାଇଥିବା ଘଟଣା ସାମ୍ନାକୁ ଆସିଛି । ଏହି ସବୁ ଘଟଣା ପଛରେ ସୁଭଦ୍ରା ଟଙ୍କାର ଭୂମିକାକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ପ୍ରଶାସନିକ ତଦନ୍ତ ଶେଷ ହେବା ପରେ ପ୍ରକୃତ କାରଣ ସାମ୍ନାକୁ ଆସିବ ।

# ୧୭.୫ ଲକ୍ଷ ଟଙ୍କାର ହେରୋଇନ ଜବତ : ଯୁବକ ଗିରଫ

**କଟକ, ୦୬/୦୯ ନ୍ୟୁଜ ବ୍ୟୁରୋ**

କଟକ କେନ୍ଦ୍ରାଞ୍ଚଳ ଗୁଇନ୍ଦା ବିଭାଗ ୟୁନିଟ୍-୨ ପକ୍ଷରୁ ଅବକାରୀ ଡିଏସ୍‌ଇ ବିକାଶ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଚଢ଼ଉ କରାଯାଇ ଏକ ଏନ୍‌ଡିପିଏସ୍ ମାମଲାରେ ୧୭୧ ଗ୍ରାମ୍ ହେରୋଇନ ଜବତ କରାଯାଇଛି । ଫୁଲନଖରାସ୍ଥିତ ପଶୁରୋଗ ଗବେଷଣା ପ୍ରତିଷ୍ଠାନ ନିକଟ କଚରମାଳ ରାସ୍ତାରୁ ପାହାଳ ଥାନା ଅଧୀନ ଜଗନ୍ନାଥପୁରର ରାଜେଶ କୁମାର ବେହେରା (୨୨)ଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ନିକଟରୁ ୧୭୧ ଗ୍ରାମ୍‌ର ହେରୋଇନ ସମେତ ଏକ ବାଇକ୍ ଜବତ କରାଯାଇଛି । ଜବତ ନିଶାଦ୍ରବ୍ୟର ଆନୁମାନିକ ମୂଲ୍ୟ ୧୭ ଲକ୍ଷ ୫୦ ହଜାର ଟଙ୍କା ବୋଲି ଜଣାପଡ଼ିଛି । ଗିରଫ ଅଭିଯୁକ୍ତଙ୍କୁ ନ୍ୟାୟିକ ହାଜତକୁ ପଠାଯାଇଛି । ଏହି ଚଢ଼ଉରେ ଅବକାରୀ ଇନ୍ସପେକ୍ଟର ଅବନୀ କୁମାର ମହାପାତ୍ର, ସବ୍-ଇନ୍ସପେକ୍ଟର ଶ୍ରୀଧର ସିଂହ ଏବଂ କନଷ୍ଟେବଳ ସତ୍ୟବ୍ରତ ସାହୁ ଓ ସଞ୍ଜୟ ଦାସ ପ୍ରମୁଖ ସାମିଲ ଥିଲେ ।






**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା ରବିବାସରୀୟ କଳିକା ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ସ୍ୱତନ୍ତ୍ର ପଣ୍ୟ ପରିବହନ କରିଡର ଭାରତର ପଣ୍ୟ ଗତିଶୀଳତାକୁ ରୂପାନ୍ତରିତ କରିବ

## ନୂତନ ପୂର୍ବ-ପଶ୍ଚିମ ସଂଯୋଗରୁ ଓଡ଼ିଶା ହେବ ଲାଭବାନ

**ଭୁବନେଶ୍ୱର, ୬/୯ ନ୍ୟୁଜ ବ୍ୟୁରୋ**



ଦେଶର ପ୍ରମୁଖ ଶିଳ୍ପ କେନ୍ଦ୍ର, ଉତ୍ପାଦନ କେନ୍ଦ୍ର, ଲଜିଷ୍ଟିକ୍ସ କେନ୍ଦ୍ର ଏବଂ ବନ୍ଦରଗୁଡ଼ିକୁ ସଂଯୋଗ କରୁଥିବା ଏକ ଉଚ୍ଚ କ୍ଷମତାସମ୍ପନ୍ନ, ଦକ୍ଷ ଏବଂ ଦ୍ରୁତ ମାଲ୍ ପରିବହନ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ରେଳବାଇ ଏହାର ସ୍ୱତନ୍ତ୍ର ମାଲ୍ ପରିବହନ କରିଡର ନେଟୱାର୍କକୁ ସମ୍ପ୍ରସାରଣ କରୁଛି । ବର୍ତ୍ତମାନ, ସ୍ୱତନ୍ତ୍ର ମାଲ୍ ପରିବହନ କରିଡର ନେଟୱାର୍କରେ ପୂର୍ବ ସ୍ୱତନ୍ତ୍ର ପଣ୍ୟ କରିଡର ଅନ୍ତର୍ଭୁକ୍ତ, ଯାହା ପଞ୍ଜାବର ନୂଆ ସାହନେୱାଲରୁ ବିହାରର ନୂଆ ସୋନନଗର ପର୍ଯ୍ୟନ୍ତ ପ୍ରାୟ ୧,୩୩୭ କିଲୋମିଟରଏବଂ ପଶ୍ଚିମୀ ସ୍ୱତନ୍ତ୍ର ପଣ୍ୟ କରିଡର, ଯାହା ଉତ୍ତରପ୍ରଦେଶର ନୂଆ ଦାଦ୍ରିଠାରୁ ମହାରାଷ୍ଟ୍ରର ନୂଆ ଜେଏନ୍‌ପିଟି ପର୍ଯ୍ୟନ୍ତ ପ୍ରାୟ ୧,୫୦୬ କିଲୋମିଟର ପର୍ଯ୍ୟନ୍ତ ବ୍ୟାପ୍ତ । ଏହି ଦୁଇ କରିଡର ମିଳିତ ଭାବେ ପ୍ରାୟ ୨,୮୪୩ କିଲୋମିଟର ଏକ ନେଟୱାର୍କ ଗଠନ କରନ୍ତି । ଡେଡିକେଟେଡ ଫ୍ରେଟ କରିଡର ନେଟୱାର୍କ (ଡିଏଫ୍‌ସି) ମାଲ୍ ପରିବହନ ପାଇଁ ଏକ ସ୍ୱତନ୍ତ୍ର ଉଚ୍ଚ କ୍ଷମତାସମ୍ପନ୍ନ ରେଳ ଭିତ୍ତିଭୂମି ସୃଷ୍ଟି କରିଛି, ଯାହା ମାଲ ପରିବହନକୁ ଅଧିକ ଦ୍ରୁତ ଏବଂ ନିର୍ଭରଯୋଗ୍ୟ କରିଛି । ପାରମ୍ପରିକ ରେଳପଥରୁ ମାଲ୍‌ବାହୀ ଟ୍ରେନଗୁଡ଼ିକୁ ଏହି ସ୍ୱତନ୍ତ୍ର କରିଡରକୁ ସ୍ଥାନାନ୍ତର କରିବା ଫଳରେ ବର୍ତ୍ତମାନର ରେଳ ନେଟୱାର୍କ ଉପରେ ଭିଡ଼ ହ୍ରାସ ପାଉଛି ଏବଂ ଯାତ୍ରୀବାହୀ ଟ୍ରେନ ପରିଚାଳନା ପାଇଁ ଅତିରିକ୍ତ କ୍ଷମତା ସୃଷ୍ଟି ହେଉଛି ।

ଏହି ନେଟୱାର୍କର ଏକ ବଡ଼ ବିସ୍ତାର ଭାବେ ୨,୦୫୨ କିଲୋମିଟରର ଲମ୍ବା ପ୍ରସ୍ତାବିତ ଡାଙ୍କୁନି-ସୁରତ ଡେଡିକେଟେଡ ଫ୍ରେଟ କରିଡର ଘୋଷଣା କରାଯାଇଛି । ଏହା ପଶ୍ଚିମବଙ୍ଗ, ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଗୁଜରାଟକୁ ସଂଯୋଗ କରିବ । ପ୍ରସ୍ତାବିତ ଏହି କରିଡର୍ ପୂର୍ବ ଭାରତ ଏବଂ ଦେଶର ପଶ୍ଚିମାଞ୍ଚଳର ଶିଳ୍ପ ଓ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପୂର୍ବ-ପଶ୍ଚିମ ମାଲ୍ ପରିବହନ ସଂଯୋଗ ସୃଷ୍ଟି କରିବ ।

ଓଡ଼ିଶା ପାଇଁ ପ୍ରସ୍ତାବିତ ଡାଙ୍କୁନି-ସୁରତ ଡେଡିକେଟେଡ ଫ୍ରେଟ କରିଡର ବିଶେଷ ଗୁରୁତ୍ୱ ବହନ କରେ । ଖଣିଜ, ଖଣି, ଇସ୍ପାତ, ଶକ୍ତି ଏବଂ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଦେଶର ଏକ ପ୍ରମୁଖ କେନ୍ଦ୍ର ହୋଇଥିବାବେଳେ ଦେଶର ବିଭିନ୍ନ ବଜାର ଓ ଶିଳ୍ପ କେନ୍ଦ୍ରଗୁଡ଼ିକୁ ବ୍ୟାପକ ପରିମାଣରେ ମାଲ୍ ପରିବହନ ହୋଇଥାଏ ।

ଏହି ନୂଆ କରିଡର୍ ପୂର୍ବ ଭାରତରୁ ପଶ୍ଚିମାଞ୍ଚଳର ବଜାରଗୁଡ଼ିକୁ ମାଲ୍ ପରିବହନ ପାଇଁ ଏକ ଅତିରିକ୍ତ ସ୍ୱତନ୍ତ୍ର ମାର୍ଗ ପ୍ରଦାନ କରିବ । ଏହା ଜାତୀୟ ଲଜିଷ୍ଟିକ୍ସ ନେଟୱାର୍କ ସହିତ ଓଡ଼ିଶାର ସଂଯୋଗକୁ ଆହୁରି ସୁଦୃଢ଼ କରିବ । ଏହା ଦ୍ୱାରା ବଲ୍କ ଏବଂ ଶିଳ୍ପଜାତ ସାମଗ୍ରୀର ଅଧିକ ଦକ୍ଷ ପରିବହନ ସହିତ ଉତ୍ପାଦନ କେନ୍ଦ୍ର, ଉପଭୋକ୍ତା କେନ୍ଦ୍ର ଏବଂ ବନ୍ଦରଗୁଡ଼ିକ ମଧ୍ୟରେ ସଂଯୋଗ ସଦୃଢ଼ ହେବ । ପ୍ରସ୍ତାବିତ ଡେଡିକେଟେଡ ଫ୍ରେଟ କରିଡର ଓଡ଼ିଶାର ବର୍ତ୍ତମାନର ରେଳ ନେଟୱାର୍କକୁ ମଧ୍ୟ ପୂରକ ଭାବେ ସହାୟତା କରିବ । ଏହା ଅତିରିକ୍ତ ମାଲ୍ ପରିବହନ କ୍ଷମତା ସୃଷ୍ଟି କରି ବ୍ୟସ୍ତ ପାରମ୍ପରିକ ରେଳପଥଗୁଡ଼ିକ ଉପରେ ଚାପ ହ୍ରାସ କରିବ । ଫଳରେ ମାଲ୍‌ବାହୀ ଏବଂ ଯାତ୍ରୀବାହୀ—ଉଭୟ ପ୍ରକାରର ଟ୍ରେନ ପରିଚାଳନା ପାଇଁ ବର୍ତ୍ତମାନର ରେଳ ନେଟୱାର୍କର ଅଧିକ ଦକ୍ଷ ବ୍ୟବହାର ସମ୍ଭବ ହେବ । ଡେଡିକେଟେଡ୍ ଫ୍ରେଟ୍ କରିଡର୍ ବ୍ୟବସ୍ଥାର ଏକ ପ୍ରମୁଖ ସୁବିଧା ହେଉଛି ସ୍ୱତନ୍ତ୍ର ଭିତ୍ତିଭୂମି ମାଧ୍ୟମରେ ଅଧିକ ପରିମାଣର ମାଲ୍ ପରିବହନ କରିବାର କ୍ଷମତା । ଏହି କରିଡରଗୁଡ଼ିକ ଡବଲ୍-ଷ୍ଟାକ୍ କଣ୍ଟେନର ଟ୍ରେନ୍ ପରିଚାଳନାକୁ ମଧ୍ୟ ସୁଗମ କରିଥାଏ । ଫଳରେ ଗୋଟିଏ ଟ୍ରେନ୍‌ରେ ଅଧିକ ପରିମାଣର ମାଲ୍ ପରିବହନ ସମ୍ଭବ ହେବା ସହ ରେଳଭିତ୍ତିକ ଲଜିଷ୍ଟିକ୍ସର ଦକ୍ଷତା ବୃଦ୍ଧି ପାଇବ । ସ୍ୱତନ୍ତ୍ର ମାଲ୍‌ବାହୀ ରେଳପଥର ବିକାଶ ଦ୍ୱାରା ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ, ପରିବହନ ସମୟ କମିବା, ସପ୍ଲାଇ ଚେନ୍‌ର ଦକ୍ଷତା ବୃଦ୍ଧି ଏବଂ ମାଲ ପରିବହନରେ ଅଧିକ ନିର୍ଭରଯୋଗ୍ୟତା ଆସିବ ବୋଲି ଆଶା କରାଯାଉଛି । ଏହା ସଡ଼କ ପରିବହନରୁ ରେଳପଥକୁ ଅଧିକ ପରିମାଣର ମାଲ୍ ପରିବହନ ସ୍ଥାନାନ୍ତର କରିବାରେ ମଧ୍ୟ ସହାୟକ ହେବ, ଯାହା ଅଧିକ ସ୍ଥାୟୀ ଓ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବ । ତେଣୁ ପ୍ରସ୍ତାବିତ ସମ୍ପ୍ରସାରଣ ଦେଶର ମାଲ୍ ପରିବହନ ମେରୁଦଣ୍ଡକୁ ମଜବୁତ କରିବ, ବନ୍ଦର ଏବଂ ଲଜିଷ୍ଟିକ୍ସ ହବ୍‌ଗୁଡ଼ିକରେ ପ୍ରବେଶକୁ ଉନ୍ନତ କରିବା ସହିତ ପ୍ରମୁଖ ଉତ୍ପାଦନ ଏବଂ ଉପଭୋଗ କେନ୍ଦ୍ରଗୁଡ଼ିକୁ ସଂଯୋଗ କରିବ । ବର୍ତ୍ତମାନର ୨,୮୪୩ କିଲୋମିଟର ଡେଡିକେଟେଡ୍ ଫ୍ରେଟ୍ କରିଡର୍ ନେଟୱାର୍କ ଏବଂ ପ୍ରସ୍ତାବିତ ୨,୦୫୨ କିଲୋମିଟର ଡାଙ୍କୁନି-ସୁରତ କରିଡର୍ ସହିତ ଭାରତୀୟ ରେଳ ଏକ ବୃହତ୍ତର ସମର୍ପିତ ମାଲ୍‌ବାହୀ ନେଟୱାର୍କ ଗଠନ ଦିଗରେ ଅଗ୍ରସର ହେଉଛି । ଏହି ବ୍ୟାପକ ନେଟୱାର୍କ ଦେଶର ବଢ଼ୁଥିବା ଶିଳ୍ପ, ବାଣିଜ୍ୟ ଏବଂ ଲଜିଷ୍ଟିକ୍ସ ଆବଶ୍ୟକତାକୁ ସମର୍ଥନ କରିବାରେ ସକ୍ଷମ ହେବ । ଓଡ଼ିଶାକୁ ଏହି ନୂତନ ପୂର୍ବ-ପଶ୍ଚିମ କରିଡରରେ ସାମିଲ କରାଯିବା ରାଜ୍ୟର ଭୂମିକାକୁ ଭାରତର ଉଦୀୟମାନ ବହୁମୁଖୀ ମାଲ୍ ପରିବହନ ଏବଂ ଲଜିଷ୍ଟିକ୍ସ ବ୍ୟବସ୍ଥାରେ ଆହୁରି ସୁଦୃଢ଼ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ସୃଷ୍ଟି କରିବ ।